R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୧୫୪
ତିଥି : ଏକାଦଶୀ
୧୧ ମାର୍ଚ୍ଚ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXIX, No. 154
11 March 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ଖର୍ଚ୍ଚ ହୋଇପାରୁନି ବଜେଟ୍ ବରାଦ ଅର୍ଥ

ଭୁବନେଶ୍ୱର, ୧୦।୩ (ସବ୍ୟୁ) : ରାଜ୍ୟ ସରକାର ବାର୍ଷିକ ବଜେଟ୍‌ରେ ଯେଉଁ ପରିମାଣର ଅର୍ଥ ବରାଦ କରୁଛନ୍ତି ତାହା ଶତ ପ୍ରତିଶତ ଖର୍ଚ୍ଚ ହୋଇପାରୁନାହିଁ । ତେବେ ୨୦୨୫ ଜାନୁଆରୀ ୩୧ ସୁଦ୍ଧା ଅଧିକାଂଶ ବିଭାଗ ବି ବଜେଟ୍ ବରାଦ ଅର୍ଥର ୫୦% ଖର୍ଚ୍ଚ କରିବାକୁ ସକ୍ଷମ ହୋଇନାହାନ୍ତି । ଏଭଳି ତଥ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି ।

ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉଲ୍ଲେଖ କରିଛନ୍ତି ଯେ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ୍ ଅତିରିକ୍ତ ଓ ମୂଳ ବଜେଟ୍‌ରେ ୧୯୩୭୧୫.୩୭ କୋଟି ଟଙ୍କା ବରାଦ କରାଯାଇଥିବାବେଳେ ୧୧୦୪୫୫.୧୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ୨୦୨୨-୨୩ରେ ୨୨୨୭୫୨.୭୩ କୋଟି ଟଙ୍କା ବରାଦ ହୋଇଥିବାବେଳେ ୧୧୯୪୦୮.୬୪ ଏବଂ ୨୦୨୩-୨୪ରେ ୨୫୭୧୮୦.୭୯ ବରାଦ ହୋଇଥିବାବେଳେ ୧୪୮୦୧୫.୪୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହାଛଡା ୨୦୨୪-୨୫ ମୂଳ ଓ ଅତିରିକ୍ତ ବଜେଟ୍‌ରେ ଜାନୁଆରୀ ୩୧ ସୁଦ୍ଧା ବରାଦ ଅର୍ଥରୁ ବିଭାଗଗୁଡ଼ିକ ମଧ୍ୟ ଖର୍ଚ୍ଚ କରିଥିବା ଅର୍ଥ ସେଭଳି ଉତ୍ସାହଜନକ ହୋଇନାହିଁ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ପଛୁଆବର୍ଗ କଲ୍ୟାଣ ବିଭାଗ

୨୦୨୫ ଜାନୁଆରୀ ୩୧ ସୁଦ୍ଧା ବହୁ ବିଭାଗ ଖର୍ଚ୍ଚ କରିପାରିନାହାନ୍ତି ୫୦% ଅର୍ଥ

ବିଗତ ୩ ବର୍ଷରେ ମଧ୍ୟ ବରାଦ ଅର୍ଥର ହୋଇନି ଶତ ପ୍ରତିଶତ ଖର୍ଚ୍ଚ

୪୩.୬୭% ଅର୍ଥ ଖର୍ଚ୍ଚ କରିଥିବାବେଳେ ଗୃହ ନିର୍ମାଣ, ପୌର ଉନ୍ନୟନ ବିଭାଗ ୪୪.୮୨%, କ୍ରୀଡା ଓ ଯୁବସେବା ବିଭାଗ ୧୯.୭୭% ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି । ଯୋଜନା ସଂଯୋଜନ ବିଭାଗ ୩୬.୬୮%, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୩୮.୦୫%, ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ ବିଭାଗ ୪୫.୬୧%, ପରିବହନ ବିଭାଗ ୪୬.୯୯%, ଇସ୍ପାତ ଓ ଖଣି ବିଭାଗ ୨୦.୫୨%, ଶକ୍ତି ବିଭାଗ ୪୫.୯୧%, ପର୍ଯ୍ୟଟନ ବିଭାଗ ୩୮.୦୬%, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ୪୭.୪୫%, ବିପର୍ଯ୍ୟୟ ପରିଚାଳନା ୧୩.୪୯%, ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତି ବିଭାଗ ୨୭.୧୦%, ମିଶନଶକ୍ତି ବିଭାଗ ୨୩.୪୨% ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି । ତେବେ ସରକାରୀ ଉଦ୍ୟୋଗୀ ବିଭାଗ ସର୍ବାଧିକ ୮୭.୪୭% ଅର୍ଥ ଖର୍ଚ୍ଚ କରିଛି ।

ଭୁପେଶ ବାଘେଲଙ୍କ ଘରେ ଇଡି ଚଢ଼ାଉ

ଇଡି ଅଧିକାରୀଙ୍କୁ ଆକ୍ରମଣ !

ନୂଆଦିଲ୍ଲୀ, ୧୦।୩ : ଛତିଶଗଡର ପୂର୍ବ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ଘରେ ଇଡି ଚଢ଼ାଉ କରିଛି । ତାଙ୍କ ବାସଭବନରେ ଇଡିର ଅଧିକାରୀମାନେ ଆଜି ଚଢ଼ାଉ କରିଥିଲେ । ତାଙ୍କ ପୁଅ ଓ ଅନ୍ୟମାନଙ୍କ ଘର ଉପରେ ମଧ୍ୟ ଚଢ଼ାଉ କରାଯାଇଛି । ତେବେ କୌଣସି ସର୍ଚ୍ଚ ୱାରେଣ୍ଟ ନଥାଇ ଇଡି ଚଢ଼ାଉ କରିଛି, ଏହା ପ୍ରତିଶୋଧମୂଳକ ରାଜନୀତି ବୋଲି ବାଘେଲ କହିଛନ୍ତି ।

ଚଢ଼ାଉ ସମୟରେ ଇଡି ଟିମ୍ ଉପରେ ଆକ୍ରମଣ (୯ ପୃଷ୍ଠାରେ)

ଭରତପୁର ଥାନା ନିର୍ଯାତନା ମାମଲା

ଗୃହ ସଚିବଙ୍କୁ ରିପୋର୍ଟ ଦେଲେ ତଦନ୍ତ କମିଶନ

ଭୁବନେଶ୍ୱର, ୧୦।୩ (ସବ୍ୟୁ) : ଭରତପୁର ଥାନା ନିର୍ଯାତନା ମାମଲାର ତଦନ୍ତ ଶେଷ ହୋଇଛି । ତଦନ୍ତ କମିଶନର ଚିତ୍ତରଞ୍ଜନ ଦାସଙ୍କ ସଚିବ ଗୃହ ସଚିବଙ୍କୁ ସୋମବାର ୨୮୨ ପୃଷ୍ଠାର ତଦନ୍ତ ରିପୋର୍ଟ ଦେଇଛନ୍ତି ।

ଭରତପୁର ଥାନାରେ ଯବାନ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଅଭିଯୋଗ ହୋଇଥିଲା । ନିର୍ଯାତନା ଅଭିଯୋଗ ହେବା ପରେ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ସହ ଆଇଆଇସିଙ୍କ ସମେତ ୫ଜଣଙ୍କୁ ନିଲମ୍ବନ କରିଥିଲେ । ଏହା ପରେ ତଦନ୍ତ ପାଇଁ କମିଶନ ଗଠନ ହୋଇଥିଲା । କମିଶନର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ମାମଲାର ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିବା ପରେ ସୋମବାର ସରକାରଙ୍କୁ ଦିଆଯାଇଛି । ଅଧ୍ୟକ୍ଷଙ୍କ ସଚିବ ସୋମବାର ଚାରୋଟି ଭଲ୍ୟୁମ୍ ସମ୍ବଳିତ ୧୮୨ ପୃଷ୍ଠାର ରିପୋର୍ଟ ସରକାରଙ୍କ ଗୃହ ସଚିବଙ୍କୁ ଦେଇଛନ୍ତି । ରିପୋର୍ଟରେ କ'ଣ ସବୁ ଅଛି ତାହା ସ୍ପଷ୍ଟ ଭାବେ ଗଣମାଧ୍ୟମକୁ କହିନଥିବା ବେଳେ ରିପୋର୍ଟ କେଉଁଭଳି ପ୍ରସ୍ତୁତ ହୋଇଛି ତାହା କହିଛନ୍ତି ।

ରିପୋର୍ଟରେ ବିଭିନ୍ନ ସାକ୍ଷୀଙ୍କ ସତ୍ୟପାଠ ଘଟଣାସ୍ଥଳ ପରିଦର୍ଶନ ସମ୍ପର୍କିତ ତଥ୍ୟ ଓ ପୀଡିତ-ପୀଡିତାଙ୍କ ବୟାନ ସମେତ ନିଲମ୍ବିତ ଅଧିକାରୀଙ୍କ ବୟାନ ସ୍ଥାନିତ ହୋଇଥିବା ସୂଚନା ମିଳିଛି । ତତ୍କାଳୀନ ଆଇଆଇସିଙ୍କ ବୟାନ ସମ୍ପର୍କିତ ବିସ୍ତୃତ ତଥ୍ୟ ରିପୋର୍ଟରେ ଥିବା କୁହାଯାଉଛି । ସେ ସମୟରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ପୋଲିସ କାର୍ଯ୍ୟକୁ ନେଇ ଚର୍ଚ୍ଚା ହୋଇଥିଲା । ଗିରଫ ଅଭିଯୁକ୍ତଙ୍କ ବୟାନ ରିପୋର୍ଟରେ ସ୍ଥାନିତ ହୋଇଛି କି ନାହିଁ ତାହା ଜଣାପଡିନାହିଁ । ତଦନ୍ତ କମିଶନ ଦେଇଥିବା ରିପୋର୍ଟକୁ ସରକାର ତର୍ଜମା କରିବା ପରେ ପଦକ୍ଷେପ ନେବେ ବୋଲି ଅପରାଧ ବିଶେଷଜ୍ଞମାନେ ମତ ଦେଇଛନ୍ତି ।

ଜୟନାରାୟଣଙ୍କ ମନ୍ତବ୍ୟ, ମହିଳା ସୁରକ୍ଷା ପ୍ରସଙ୍ଗରେ ବିଧାନସଭା ହୁଲସ୍ଥୁଲ

ଭୁବନେଶ୍ୱର, ୧୦।୩ (ସବ୍ୟୁ) : ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ 'ଓଡ଼ିଶା ସହ ମିଶିବା ଭୁଲ୍' ମନ୍ତବ୍ୟରେ ବିଧାନସଭା ପଡ଼ିଲା ଉଠିଲା । ଗୃହ କାର୍ଯ୍ୟ ଆରମ୍ଭରୁ ବିରୋଧୀ ବିଜେଡି ସଭ୍ୟ ପ୍ରବଳ ହଙ୍ଗାମା କରିଥିଲେ । ଏପରି ବିଜେଡି ସଭ୍ୟମାନେ ବି ମଧୁବାବୁଙ୍କ ମୂର୍ତ୍ତି ତଳେ ଧାରଣା ଦେବାକୁ ପଛାଇନଥିଲେ । ସେପଟେ କଂଗ୍ରେସ ସଭ୍ୟମାନେ ମହିଳାଙ୍କୁ ସୁରକ୍ଷା ପ୍ରସଙ୍ଗରେ ଜୋରଦାର ହଙ୍ଗାମା କରିବା ସହିତ ବାଚସ୍ପତିଙ୍କ ମାଇକ ଭାଙ୍ଗିବା ଏବଂ ପୋଷ୍ଟର ଫିଙ୍ଗିବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ଦିନତମାମ ହଙ୍ଗାମା, ନାରାବାଜୀ ଓ ମୁଲତବୀରେ ଏକ ପ୍ରକାର ଗୃହ ଅଚଳ ହୋଇଥିଲା ।

ସୋମବାର ଶୋକ ପ୍ରସ୍ତାବ ସରିବା ମାତ୍ରେ ଆରମ୍ଭ ହୋଇଗଲା ହଙ୍ଗାମା । ଶୁକ୍ରବାର କଂଗ୍ରେସ ଯେଉଁଠି ଛାଡ଼ିଥିଲା, ସେଇଠୁ ଆରମ୍ଭ କଲା । ଆଜି ବି କଂଗ୍ରେସ ସଭ୍ୟମାନେ ନାରୀ ସୁରକ୍ଷା ଓ ସ୍କୁଲ ଛାତ୍ରୀ ଗର୍ଭବତୀ ହେବା ସମ୍ପର୍କିତ ସ୍ଲୋଗାନ ଲେଖାଥିବା ବ୍ୟାନର ପିନ୍ଧି ଗୃହ ମଝିକୁ ମାଡ଼ି ଆସିଲେ । ବିଜେଡି ଧରିଥିଲା 'ଓଡ଼ିଶା ବିଭାଜନ ପ୍ରସଙ୍ଗ' । 'ଉତ୍କଳ'କୁ ନେଇ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ବୟାନକୁ ନେଇ ବିଜେଡି ସଭ୍ୟମାନେ ଗୃହ ମଝିକୁ ଆସି ଜୋରଦାର ନାରାବାଜି ଚଳାଇଲେ । ହାତରେ ପୋଷ୍ଟର ଧରି ଓଡ଼ିଶା ବିଭାଜନ ଚଳିବ ନାହିଁ... ସ୍ଲୋଗାନରେ ଗୃହ କମ୍ପାଇଲେ ।

ପ୍ରଶ୍ନକାଳ ପୂର୍ବାହ୍ନ ୧୦ଟା ୩୯ରୁ ଆରମ୍ଭ ହୋଇଥିଲେ ମଧ୍ୟ ୫ ମିନିଟ ବି ଚାଲିପାରିଲାନି । ପୂର୍ବାହ୍ନ ୧୦ଟା ୪୩ ମିନିଟରୁ ଦିନ ୧୨ଟା ୯ ମିନିଟ ଯାଏଁ ଗୃହକୁ ମୁଲତବୀ କଲେ ବାଚସ୍ପତି । ଯେତେବେଳେ ଆରମ୍ଭ ହେଲା, ସେମିତି ହଙ୍ଗୋଳ ଜାରି ରହିଥିଲା । ବିରୋଧୀ (୯ ପୃଷ୍ଠାରେ)

ବିଜେଡିର ପ୍ରବଳ ହଙ୍ଗାମା, ମଧୁବାବୁଙ୍କ ମୂର୍ତ୍ତି ତଳେ ଧାରଣା

କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ହଙ୍ଗୋଳ, ଗାନ୍ଧି ମୂର୍ତ୍ତି ତଳେ ପ୍ରତିବାଦ

ବାଚସ୍ପତିଙ୍କ ମାଇକ ଭାଙ୍ଗିଲେ, ପୋଷ୍ଟର, ବ୍ୟାନର ଫିଙ୍ଗିଲେ କଂଗ୍ରେସ ସଭ୍ୟ

୩ ବର୍ଷରେ ପାଣିରେ ବୁଡି ୨୦୬୪ ମୃତ

ଭୁବନେଶ୍ୱର, ୧୦।୩ (ସବ୍ୟୁ) : ବିଗତ ୩ ବର୍ଷରେ ରାଜ୍ୟରେ ବିଭିନ୍ନ ନଦୀ, ସମୁଦ୍ର ଓ ପୋଖରୀରେ ବୁଡି ୨୦୬୪ ଜଣ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାରେ ସର୍ବାଧିକ ୨୫୨ ଜଣ ମୃତ୍ୟୁବରଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।

ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପାଣିରେ ବୁଡି ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରିବା ତଥା ଜନ ସଚେତନତା ସୃଷ୍ଟି ପାଇଁ ଆବଶ୍ୟକିୟ ପଦକ୍ଷେପ ଗ୍ରହଣ କରାଯାଉଛି । ସମୁଦ୍ର, ନଦୀ ଓ ପୋଖରୀ ବୁଡି ମୃତ୍ୟୁକୁ ହ୍ରାସ କରିବା ପାଇଁ ରାମଚଣ୍ଡୀ ଠାରେ ରାଜ୍ୟ ଜଳ ଦକ୍ଷତା ଓ ଜଳ ଉଦ୍ଧାର ଅନୁଷ୍ଠାନ ପ୍ରତିଷ୍ଠା କରାଯାଇ ଅଗ୍ନିଶମ ଓ ଜରୁରୀକାଳିନ ସେବା କର୍ମଚାରୀ ଓ ଗୃହରକ୍ଷୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଉଛି । ପୁରୀ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବୁଡି ଯାଉଥିବା ବ୍ୟକ୍ତି ବିଶେଷଙ୍କୁ ଉଦ୍ଧାର ପାଇଁ ଆବଶ୍ୟକୀୟ ଉପକରଣ ସହ ଅଗ୍ନିଶମ କର୍ମଚାରୀ ଓ ଗୃହରକ୍ଷୀଙ୍କୁ ଲାଇଫ୍ ଗାର୍ଡ ଭାବେ ମୁତୟନ କରାଯାଇଛି । ତେବେ ବିଗତ ୩ ବର୍ଷରେ ମୟୂରଭଞ୍ଜରେ ୨୫୧ ଜଣଙ୍କର ପାଣିରେ ବୁଡି ମୃତ୍ୟୁ ହୋଇଥିବାବେଳେ ବାଲେଶ୍ୱରରେ ୯୯, ଜଗତସିଂହପୁରରେ ୫୩, କେନ୍ଦ୍ରାପଡାରେ ୮୫, ଯାଜପୁରରେ ୪୦, ସମ୍ବଲପୁରରେ ୮୬, ପୁରୀରେ ୭୧, ବରଗଡରେ ୫୦, କେନ୍ଦୁଝରରେ ୬୪, ସୁନ୍ଦରଗଡରେ ୮୭, ଅନୁଗୁଳରେ ୭୫, କୋରାପୁଟରେ ୨୦୭, ମାଲକାନଗିରିରେ ୫୦ ଓ ନବରଙ୍ଗପୁରରେ ୧୦୨ ଜଣଙ୍କର ମୃତ୍ୟୁ ହୋଇଛି ।

ବାପାର ଦ୍ୱିତୀୟ ବିବାହ ପ୍ରସ୍ତାବ ଲାଗି ଜୀବନ ହାରିଲେ ଦୁଇ ନାବାଳକ

ହତ୍ୟା ସନ୍ଦେହ, ବାପା ଅଟକ

ଭାପୁର, ୧୦।୩ (ସବ୍ୟୁ) : ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଧାନଚାଙ୍ଗଡ଼ା ଗ୍ରାମରେ ବାପାର ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତାବ ଆସିବାରୁ ୨ ନାବାଳକ ପୁଅ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଧାନଚେଙ୍ଗଡ଼ା ଶିବମନ୍ଦିର ନିକଟସ୍ଥ ଏକ ବନ୍ଦ ଘରୁ ଦୁଇ ନାବାଳକ ଭାଇଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି ।

ଧାନଚେଙ୍ଗଡ଼ା ଶିବ ମନ୍ଦିର ନିକଟରେ ଥିବା ଏକ ବନ୍ଦ ଘରୁ ଦୁର୍ଗନ୍ଧ ଆସିଥିଲା । ସ୍ଥାନୀୟ ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲିବା ବେଳେ ଦୁଇ ନାବାଳକଙ୍କ ମୃତଦେହ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଫତେଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଧାନଚାଙ୍ଗଡ଼ା ଗ୍ରାମର ଅଚ୍ୟୁତ ମହାନ୍ତିଙ୍କ ପୁଅ ପ୍ରକାଶ ମହାନ୍ତି ୧୫ ବର୍ଷ ତଳେ ବାହା ହୋଇଥିଲେ । ତାଙ୍କର ଦୁଇଟି ପୁଅ । ବଡ଼ ପୁଅ ଆକାଶ(୧୪) ଓ ସାନପୁଅ ବିକାଶ(୧୧ ବର୍ଷ) ବୋଲି (୯ ପୃଷ୍ଠାରେ)

ଭାନୁଆଟୁ ଲଳିତ ମୋଦିଙ୍କ ନାଗରିକତା ବାତିଲ

ନୂଆଦିଲ୍ଲୀ, ୧୦।୩ : ବ୍ୟବସାୟୀ ଲଳିତ ମୋଦିଙ୍କୁ ଝଟ୍‌କା ଲାଗିଛି । ଭାରତରୁ ବର୍ତ୍ତିବା ପାଇଁ ସେ ଭାନୁଆଟୁରେ ରହି ନାଗରିକତ୍ୱ ହାସଲ କରିଥିଲେ । ମାତ୍ର ସେଠାକାର ପ୍ରଧାନମନ୍ତ୍ରୀ ତାଙ୍କୁ ଦିଆଯାଇଥିବା ପାସ୍‌ପୋର୍ଟ ବାତିଲ କରିବାକୁ ନାଗରିକତା କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପାସ୍‌ପୋର୍ଟ ବାତିଲ କରିବା ପଛରେ ନ୍ୟୁଜିଲାଣ୍ଡରେ ଥିବା ଭାରତର ହାଇକମିଶନର ଓ ଅନ୍ୟ କିଛି ଦ୍ୱୀପ ଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ଜଣାପଡିଛି । ଏହାପରେ ଲଳିତ ମୋଦି ଟ୍ୱିଟରରେ ଏକ ପୋଷ୍ଟ କରି ଭାନୁଆଟୁକୁ ଏକ ସୁନ୍ଦର ଦେଶ ବୋଲି ବର୍ଣ୍ଣନା କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ବାସ୍ତବିକ ଏହି ଦେଶ ପ୍ରଦୂଷଣ ଓ କୋଳାହଳରୁ ଦୂରରେ । ବାସ୍ତବରେ ଏହା ସ୍ୱର୍ଗ ଭଳି ଅନୁଭବ କରୁଥିବା ଦେଶ ।

ରିପୋର୍ଟ ଅନୁଯାୟୀ ତାଙ୍କ ପାସ୍‌ପୋର୍ଟକୁ ବାତିଲ କରାଯାଇଛି ହେଲେ ଏହାର କାରଣ ଉଲ୍ଲେଖ କରାଯାଇନାହିଁ । ଜଣାପଡିଛି ଯେ ତାଙ୍କ ସମ୍ପର୍କରେ ଯାଞ୍ଚ କରାଯାଇଥିଲା । ଯାଞ୍ଚରୁ ଜଣାପଡିଲା ଯେ ଶ୍ରୀ ମୋଦି ଜଣେ ପଳାତକ ଭାରତୀୟ ବ୍ୟବସାୟୀ । ଏହି କାରଣରୁ ଏହି (୯ ପୃଷ୍ଠାରେ)

ସଂସଦର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ

ଭୋଟର ତାଲିକା ତ୍ରୁଟିର ଆଲୋଚନା ଦାବି କଲେ ବିରୋଧୀ

ନୂଆଦିଲ୍ଲୀ, ୧୦।୩ : ଦେଶର ଭୋଟର ତାଲିକା ନେଇ ଆଜି ସଂସଦରେ ପ୍ରଶ୍ନ ଉଠିଛି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟର ତାଲିକାରେ ଏପଟ ସେପଟ କରାଯାଉଥିବା ଅଭିଯୋଗ କରିବା ସହ ଏହା ଦେଶବ୍ୟାପୀ ଏବେ ଚିନ୍ତାର କାରଣ ହୋଇଛି ବୋଲି କହିଥିଲେ ।

ରାହୁଲ କହିଥିଲେ ଯେ ପ୍ରତି ବିରୋଧୀ ଦଳ ଏବେ ଭୋଟର ତାଲିକା ନେଇ ପ୍ରଶ୍ନ ଉଠାଉଛନ୍ତି । ସମସ୍ତ ବିରୋଧୀ ଦଳ ଏହା ଉପରେ ଏକ ଆଲୋଚନା ଦାବି କରୁଛନ୍ତି । ତେବେ ବାଚସ୍ପତି ଓମ୍ ବିର୍ଲ୍ଲା ପ୍ରଶ୍ନ କରିଥିଲେ ଯେ ଭୋଟର ତାଲିକା କ'ଣ ସରକାର କରୁଛନ୍ତି କି? ଏହାର ଜବାବରେ ରାହୁଲ କହିଥିଲେ ସରକାର କରୁନାହାନ୍ତି ଏହା ସେ ଜାଣିଛନ୍ତି । ତେବେ ଏହା ଉପରେ ଆଲୋଚନା ହୋଇଯାଉ । ରାଜ୍ୟସଭାରେ ମଧ୍ୟ ବିରୋଧୀ ସଦସ୍ୟମାନେ ଏକ ସଙ୍ଗରେ ଆଲୋଚନା ଦାବି କରିଥିଲେ । କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ବିରୋଧୀଙ୍କ ଆଲୋଚନା ଦାବିକୁ ସମାଲୋଚନା କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ବିରୋଧୀ ସଂସଦୀୟ କାର୍ଯ୍ୟକୁ ନିଚା କରିବାକୁ ଚାହୁଁଛି । ସଂସଦ ଭଳି ଏକ ପବିତ୍ର ଅନୁଷ୍ଠାନରେ ଜାଣିଶୁଣି ଏଭଳି କରାଯାଉଛି । ବିରୋଧୀ ସଦସ୍ୟମାନଙ୍କର ବିତର୍କରେ ଭାଗ ନେବାକୁ ଇଚ୍ଛା ନାହିଁ । ଯେଉଁ ବିତର୍କ ସେମାନେ ଚାହୁଁଛନ୍ତି ଏହା ଉପରେ ସରକାର ଉତ୍ତର ଦେଇପାରିବେ ନାହିଁ । ତେବେ ବଜେଟ୍ ଅଧିବେଶନ ଆରମ୍ଭରୁ ସଂସଦ ସରଗରମ ହୋଇଛି । ଭୋଟର ତାଲିକାରେ ଅନିୟମିତତା ସହ ମଣିପୁରରେ ଚାଲୁଥିବା ହିଂସାକୁ ନେଇ ସାଂସଦମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସେହିଭଳି ସରକାର ଓ ବିରୋଧୀ ପ୍ରସ୍ତାବିତ ସଂସଦୀୟ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେବେ ଏ ସବୁ ଦୃଷ୍ଟିରୁ ଧ୍ୟାନ ହଟାଇବା ପାଇଁ ସରକାର ୱାକ୍‌ଅଫ୍ ସଂଶୋଧନ ବିଲ୍‌କୁ ପାରିତ କରିବା ସପକ୍ଷରେ ଅଛନ୍ତି । ଅର୍ଥମନ୍ତ୍ରୀ ନିର୍ମଳା (୯ ପୃଷ୍ଠାରେ)

ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ

୧୫ ଗ୍ରାମବାସୀଙ୍କ ଦୁଃଖ ଇନ୍ଦ୍ରାବତୀ ନଦୀ

ଖରାଦିନେ ବି ବାଉଁଶ ପୋଲ ଭରସା

ନବରଙ୍ଗପୁର, ୧୦।୩ (ସବ୍ୟୁ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଦେଇ ପ୍ରବାହିତ ହୋଇଛି ଇନ୍ଦ୍ରାବତୀ ନଦୀ । ନଦୀର ବିପରୀତ ପାର୍ଶ୍ୱରେ ରହିଛି କୋରାପୁଟ ଜିଲ୍ଲାର କୋଟପାଡ଼ ସହର । ଉଭୟ ଜିଲ୍ଲାର ସୀମା ନିର୍ଦ୍ଧାରଣ କରୁଛି ଇନ୍ଦ୍ରାବତୀ ନଦୀ । ଦୁଇ ପଡ଼ୋଶୀ ବ୍ଲକ୍‌ବାସୀଙ୍କ ଭିତରେ ରହିଛି ପାରିବାରିକ ଓ ସାଂସ୍କୃତିକ ସମ୍ପର୍କ । ଦୁଇ ପଡ଼ୋଶୀ ବ୍ଲକ ବାସୀଙ୍କ ଭିତରେ ରହିଛି ପାରିବାରିକ ଓ ସାଂସ୍କୃତିକ ସମ୍ପର୍କ । ତେବେ ଦୁଇ ବ୍ଲକ୍ ମଧ୍ୟରେ ଅନ୍ତରାୟ ସାଜିଛି ଇନ୍ଦ୍ରାବତୀ ନଦୀ । ନଦୀକୂଳରେ ଥିବା କୋଷାଗୁମୁଡ଼ା ବ୍ଲକର କଣ୍ଟାସାରୁଗୁଡ଼ା ସମେତ ୧୫ ଖଣ୍ଡ ଗ୍ରାମବାସୀଙ୍କ ପାଇଁ ଏହି ନଦୀ ଦୁଃଖର କାରଣ ପାଲଟିଛି ।

ଦୈନନ୍ଦିନ ଜୀବନ ଜୀବିକା ପାଇଁ ଏଠାକାର ଲୋକ କୋଟପାଡ଼ ଓ ଛତିଶଗଡ଼ର ଜଗଦଲପୁର ଉପରେ ନିର୍ଭର କରୁଛନ୍ତି । ନଦୀ ଉପରେ ସ୍ଥାୟୀ ପୋଲ ନିର୍ମାଣ ହୋଇନଥିବାରୁ ନଦୀ ପାର ପାଇଁ ଜୀବନକୁ ବାଜି ଲଗାଇବାକୁ ପଡୁଛି । ପୋଲ ନିର୍ମାଣ ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ । କିନ୍ତୁ ପ୍ରଶାସନ ଏହି ଦାବିକୁ ଅଣଦେଖା କରି ଚାଲିଛି । ବାରମ୍ବାର ଗୁହାରି କରି ଥକିବା ପରେ ସମସ୍ୟାର ସମାଧାନ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ବନମା

ଯକୃତକୁ ରଖନ୍ତୁ ସୁସ୍ଥ



ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଯକୃତ ବା ଲିଭର । ଶରୀରର ଡାହାଣ ପଟରେ ଥିବା ପିଞ୍ଜରା ଭିତରେ ଏହା ରହିଛି । ଶରୀରର ପ୍ରାୟ ୫ ହଜାର ପ୍ରକାରର ଭିନ୍ନ ଭିନ୍ନ କାମ ଏହା କରିଥାଏ । ତେବେ ଲିଭର ମଧ୍ୟରେ ଥରେ ଚର୍ବି ଜମା ହେଲେ ଯକୃତ ପୂର୍ବ ଭଳି କାମ କରିନଥାଏ । ଏହାଛଡା ଅନାବଶ୍ୟକ ଚର୍ବି ଅଧିକାଂଶ ସମୟରେ ଲିଭରକୁ କ୍ଷତି କରିବା ସହିତ ଲିଭର ସିରୋସିସ୍ ବା କ୍ୟାନସର ରୋଗ ସୃଷ୍ଟି କରିଥାଏ । ଆମ ସମସ୍ତଙ୍କ ଲିଭରରେ କିଛି ପରିମାଣରେ ଚର୍ବି ଥାଏ ଯାହାକି ଏହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇନଥାଏ । ମାତ୍ର ଯେତେବେଳେ ଲିଭର ଭିତରେ ଥିବା ଚର୍ବିର ଓଜନ ଲିଭରର ଓଜନ ଠାରୁ ଶତକଡା ୫ରୁ ୧୦ ଭାଗ ଅଧିକ ହୋଇଥାଏ । ସେତେବେଳେ ଏହା ଲିଭର ପାଇଁ କ୍ଷତିକାରକ ସାଜିଥାଏ । ଚର୍ବି ଜମିବାର ପ୍ରମୁଖ କାରଣ ହେଉଛି ନିୟମିତ ମଦ୍ୟପାନ । ଚିକିତ୍ସା ବିଜ୍ଞାନରେ ଲିଭରରେ ଚର୍ବି ଜମା ହେବାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ମଦ୍ୟପାନ ଜନିତ ଲିଭର ସମସ୍ୟା ଏବଂ ଅନ୍ୟାନ୍ୟ କାରଣ ଜନିତ ଲିଭର ସମସ୍ୟା ଯଥା ମେଦବହୁଳତା, କୋଲଷ୍ଟ୍ରଲ୍, ଟ୍ରାଇଗ୍ଲିସେରାଇଡ୍ ଜମା ହେବା, ଅନିୟନ୍ତ୍ରିତ ଡାଇବେଟିସ୍, ଶୀଘ୍ର ଓଜନ କମିବା, ଡାକ୍ତରଙ୍କ ବିନା ପରାମର୍ଶରେ କେତେକ ଔଷଧ ସେବନ କଲେ, କେତେକ ଅପରେସନ୍ ପରେ ମଧ୍ୟ ଲିଭର ମଧ୍ୟରେ ଚର୍ବି ଜମା ହୋଇଥାଏ ।

ଲକ୍ଷଣ

ପ୍ରାଥମିକ ସ୍ତରରେ ଲିଭର ମଧ୍ୟରେ ଚର୍ବି ଜମା ହେଲେ ସେଭଳି କୌଣସି ଲକ୍ଷଣ ଦେଖାଦେଇନଥାଏ । ମାତ୍ର କେତେକ ରୋଗୀଙ୍କ ଠାରେ ଲିଭରରେ ଚର୍ବି ଜମା ହେଲେ ପେଟରେ ଯନ୍ତ୍ରଣା ହେବା ସହିତ ଭୋକ କମିଯାଏ, ଏହା ସହିତ ଲିଭର ମଧ୍ୟରେ ଚର୍ବି ଜମା ହେବା ଫଳରେ କେତେକ ଲୋକଙ୍କ ଠାରେ ଜଣ୍ଡିସ୍ ହେବା ଭଳି ଲକ୍ଷଣ ଦେଖା ଯାଇଥାଏ । ସାଧାରଣତଃ ଏହି ସବୁ ଲକ୍ଷଣ ଦେଖା ଦେଲେ ଲିଭର ଠିକ୍ ଭାବରେ କାମ କରୁଛି କି ନାହିଁ ପରୀକ୍ଷା ସହିତ କେତେକ ରକ୍ତ ପରୀକ୍ଷା ଏବଂ ଫାଇବ୍ରୋ ସ୍କାନ୍ କରିବାକୁ ପଡିଥାଏ । ଫାଇବ୍ରୋ ସ୍କାନ ଅଲଟ୍ରାସାଉଣ୍ଡ ଭଳି ଏକ ପରୀକ୍ଷା ଯେଉଁଥିରେ ଲିଭର କେଉଁ ଅଂଶରେ କେତେ ପରିମାଣର ଚର୍ବି ଜମା ହୋଇଛି ତାହା ଜଣାପଡିଥାଏ । ଯଦି ଆପଣଙ୍କ ଲିଭରରେ ଚର୍ବି ଜମା ହୋଇଛି ତେବେ ଡାକ୍ତରଙ୍କ ପରାମର୍ଶରେ ଫାଇବ୍ରଏଡ୍ ସ୍କାନ୍ କରାଇନିଅନ୍ତୁ । ଥରେ ଫାଇବ୍ରୋ ସ୍କାନ୍‌ରେ ଲିଭର ମଧ୍ୟରେ ଚର୍ବି ଜମା ହେଇଛି ବୋଲି ଚିହ୍ନଟ ହୁଏ ତେବେ ଏହାକୁ ଆଦୌ ଅବହେଳା କରନ୍ତୁ ନାହିଁ। କାରଣ ଅବହେଳା କଲେ ଯନ୍ତ୍ରଣା ବଢିବା ସହିତ ଲିଭର କ୍ୟାନସର ହୋଇ ଜୀବନପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥାଏ । ସେହିଭଳି ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରନ୍ତୁ ନାହିଁ, ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ଭଳି ରୋଗକୁ ନିୟନ୍ତ୍ରଣ କରନ୍ତୁ । ରକ୍ତରେ କୋଲଷ୍ଟ୍ରଲ୍ ପରିମାଣକୁ ମଧ୍ୟ ନିୟନ୍ତ୍ରଣ କରନ୍ତୁ । ଯଦି ଆପଣଙ୍କ ଓଜନ ଅଧିକ ଅଛି ତେବେ ଓଜନ କମାନ୍ତୁ ହେଲେ ଅଧିକ ଡାଏଟିଂ କରନ୍ତୁ ନାହିଁ । ସବୁବେଳେ ଡାକ୍ତରଙ୍କ ପରାମର୍ଶରେ ହିଁ କୌଣସି ପଦକ୍ଷେପ ଆପଣାନ୍ତୁ ।

ସୋସିଆଲ କୋଟ୍ସ

“ କ୍ୟାଟ୍‌ରିନାଙ୍କ ସହିତ ସୁଟିଂର ପ୍ରଥମ ଦିନରୁ ଝଗଡା ହୋଇଥିଲା । ପ୍ରଥମ ସିନ୍‌ରେ ହିଁ ଆମେ ଦୁଇଜଣ ଛୋଟଛୋଟ କଥାରେ ଝଗଡା କରୁଥିଲୁ । ସେ ମୋର ସମସ୍ତ କଥାକୁ କାଟୁଥିଲେ ।

ନିଲ୍ ନିତିନ୍ ମୁକେଶ, ଅଭିନେତା

“ ସବୁବେଳେ ତେଲୁଗୁ ଫିଲ୍ମରେ କିଭଳି ନିଜ କ୍ୟାରିୟର ଆରମ୍ଭ କରିବି ସେ ନେଇ ଚିନ୍ତାରେ ଥିଲି । ତେବେ ସେହି ସମୟରେ ସାମନ୍ଥା ମୋତେ ଖୁବ ସାହାଯ୍ୟ କରିଥିଲେ ।

ଆଦର୍ଶ ଗୌରବ, ଅଭିନେତା

“ ଫିଲ୍ମର କାହାଣୀ ମୋ ପାଇଁ ଖୁବ ମହତ୍ୱ ରଖିଥାଏ । ମହେଶ ଭଟ୍ଟଙ୍କ କାହାଣୀ ଭଲ ନଲାଗିବାରୁ ମୁଁ ତାଙ୍କ ଫିଲ୍ମ କରିବାକୁ ମନା କରିଛି ।

ଅମିର ଖାନ୍, ଅଭିନେତା

ପବନମୁକ୍ତାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପିଠି ତଳକୁ କରି ଶୋଇପଡ଼ନ୍ତୁ । ବର୍ତ୍ତମାନ ଆଣ୍ଠୁକୁ ଭାଙ୍ଗି ଛାତିରେ ଲଗାଇବାକୁ ଚେଷ୍ଟା କରନ୍ତୁ । ଏହାପରେ ଦୁଇହାତ ସାହାଯ୍ୟରେ ଆଣ୍ଠୁକୁ ଧରି ଧୀରେ ଧୀରେ ନିଃଶ୍ୱାସ ନେଇ ମୁଣ୍ଡକୁ ଉପରକୁ ଉଠାନ୍ତୁ ଓ ଥୋମଣିକୁ ଆଣ୍ଠୁରେ ଲଗାଇବାକୁ ଚେଷ୍ଟା କରନ୍ତୁ ।



ଉପକାର

- ଏସିଡିଟିରୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବ ।
- ପିଠି ମାଂସପେଶୀକୁ ଶକ୍ତ କରିବା ସହିତ ପିଠି ଯନ୍ତ୍ରଣାକୁ ହ୍ରାସ କରିବ ।
- ଋତୁସ୍ରାବଜନିତ ସମସ୍ୟାକୁ ଦୂର କରିବ ।
- କୋଷ୍ଠକାଠିନ୍ୟରୁ ମୁକ୍ତି ଦେବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।

ଇତିହାସ

୧୬୮୯ – ଶିବାଜୀଙ୍କ ପୁତ୍ର ସମ୍ଭା ଜୀଙ୍କର ହତ୍ୟା ।

୧୮୮୧ – କୋଲକାତା ଟାଉନ ହଲ୍‌ରେ ରାମନାଥ ଟାଗୋରଙ୍କର ପ୍ରତିମା ସ୍ଥାପନା କରାଯାଇଥିଲା ।

୧୯୯୦ – ଲିଥୁଆନିଆରେ ପ୍ରଥମ ଥର ପାଇଁ ସଂସଦରେ ମତଦାନ ।

୧୯୯୬ – ଇରାନ୍ ଦ୍ୱାରା ପ୍ରସିଦ୍ଧ ଲେଖକ ସଲମାନ ରୁଶଦୀଙ୍କ ବିରୋଧରେ ଲାଗିଥିବା ଫତୱାକୁ ହଟାଇ ଦିଆଯାଇଥିଲା ।

୨୦୦୪ – ସ୍ପେନ୍‌ର ତିନୋଟି ରେଳ ଷ୍ଟେସନ ଉପରେ ହୋଇଥିବା ବିସ୍ଫୋରଣରେ ୧୯୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨୦୦ ଜଣ ଆହତ ହୋଇଥିଲେ ।

୨୦୦୮ – ଆମେରିକା ଅନ୍ତରୀକ୍ଷ ଏଜେନ୍ସି ନାସା ନିଜ ଯାନ ଏଣ୍ଡଭରକୁ ଅନ୍ତରୀକ୍ଷକୁ ଛାଡିଥିଲା ।

୨୦୧୧ – ଭାରତରେ ଧନୁଷ ଓ ପୃଥିବୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।

ଅସରପା କ୍ଷୀର ସୁପରଫୁଡ

ସୁପରଫୁଡ ସାଧାରଣତଃ ଫିଟ୍‌ନେସ୍ ପ୍ରେମୀଙ୍କ ପାଇଁ ଏକ ଭଲ ଶବ୍ଦ । ଏହି ସୁପରଫୁଡ କାଟାଗୋରୀରେ ଅନେକ ଖାଦ୍ୟ ଆସିଥାଏ ଯାହା ଆମ ଦେହ ପାଇଁ ଖୁବ ଭଲ ହୋଇଥାଏ । ଏହି ତାଲିକାରେ ଅନେକ ଖାଦ୍ୟ ଯେପରି ବିଭିନ୍ନ ସବୁଜ ପନିପରିବା, ଫଳ, ମଞ୍ଜି ଜାତୀୟ ଖାଦ୍ୟ ସାମିଲ ରହିଥାଏ । ଏହି ସମସ୍ତ ଖାଦ୍ୟରେ ପୋଷକ ତତ୍ତ୍ୱ ଭରି ହୋଇ ରହିଥାଏ । ତେବେ ନିକଟରେ ଏକ ଗବେଷଣାରେ ଜଣା ପଡିଛି କି ଅସରପା କ୍ଷୀର ଏହି ସୁପର ଫୁଡ କାଟାଗୋରୀରେ ସାମିଲ ହୋଇଛି । ଅସରପାର ଏକ ପ୍ରଜାତି ଡିପ୍ଲୋପେଟ୍ରା ପନ୍‌କ୍ଟାଟାର କ୍ଷୀର ପୋଷକ ତତ୍ତ୍ୱରେ ଭରପୂର । ଏହା ଗାଈ କ୍ଷୀରଠାରୁ ତିନି ଗୁଣ ଅଧିକ ପୋଷକ ତତ୍ତ୍ୱରେ ଭରପୂର । ଏହି କ୍ଷୀରରେ ପ୍ରୋଟିନ୍, ଫ୍ୟାଟ୍, ସୁଗାରର ମାତ୍ରା ଖୁବ ଅଧିକ ରହିଛି, ଯାହା ଏହାକୁ ଖୁବ ହେଲ୍‌ଦି କରାଇଥାଏ । ବର୍ତ୍ତମାନ ଏହି କ୍ଷୀର ଉପରେ ଆହୁରି ଅଧିକ ତର୍ଜମା ଜାରି ରହିଛି ।

ଚେତିନାଡ୍ ଚିକେନ୍ ବିରିୟାନୀ

ସାମଗ୍ରୀ– ଦୁଇକପ ଚାଉଳ, ୪୦୦ ଗ୍ରାମ ଚିକେନ୍, କଟା ପିଆଜ, ରସୁଣ କଟା, ଟମାଟୋ କଟା, କଞ୍ଚା ଲଙ୍କା,ଦହି, ଘିଅ, ଅଦା, ଲଙ୍କା ଗୁଣ୍ଡ, ପାନ ମଧୁରି, ଗୋଟା ଗରମ ମସଲା, ଧନିଆ ପତ୍ର, ଅଦା ରସୁଣ ପେଷ୍ଟ ।

ପ୍ରଣାଳୀ– ପ୍ରଥମେ ଚାଉଳକୁ ୩୦ ମିନିଟ ପାଇଁ ଭିଜାଇ ପାଣିରୁ ଛାଣି ରଖି ନିଅନ୍ତୁ । ଚିକେନ୍‌କୁ ଧୋଇ ଏଥିରେ ଅଦା ରସୁଣ ପେଷ୍ଟ, ଦହି, ହଳଦି, ଲଙ୍କା ଗୁଣ୍ଡ, ଲୁଣ ପକାଇ ଗୋଳାଇ ନିଅନ୍ତୁ ଏବଂ ଏକ ଘଣ୍ଟା ପାଇଁ ରଖି ନିଅନ୍ତୁ । ବର୍ତ୍ତମାନ ଗୋଟିଏ ମୋଟା ପାତ୍ରରେ ଘିଅ ଗରମ କରନ୍ତୁ, ଏଥିରେ ପାନ ମଧୁରି ଓ ସମସ୍ତ ଗୋଟା ମସଲା ପକାଇ ଭାଜନ୍ତୁ । ଏହାପରେ ପିଆଜ, ରସୁଣ ଓ ଅଦା ପକାଇ ଭାଜନ୍ତୁ । ଭାଜି ହେବା ପରେ ଏଥିରେ ଚିକେନ୍ ପକାଇ କିଛି ସମୟ ଭାଜନ୍ତୁ । ଏହାପରେ ଏଥିରେ କଟା ଟମାଟୋ, କଞ୍ଚା ଲଙ୍କା, ଲଙ୍କାଗୁଣ୍ଡ ଓ ହଳଦି ପକାନ୍ତୁ । କିଛି ସମୟ ପରେ ଏଥିରେ ଦହି ଓ ଧନିଆ ପତ୍ର କଟା ପକାନ୍ତୁ । ଚିକେନ୍ ସିଝିବା ଭିତରେ ଭାତ ରାନ୍ଧି ନିଅନ୍ତୁ । ଏହାପରେ ଏହି ଚିକେନ୍ ମସଲା ସହିତ ଭାତକୁ ଦମ୍ ଦେବା ପାଇଁ ପ୍ରସ୍ତୁତ କରନ୍ତୁ । ତଳେ ଚିକେନ୍ ମସଲା ଏହା ଉପରେ ଭାତ ଏବଂ ଏହା ଉପରେ ଭଜା କାଜୁ, କିସ୍‌ମିସ୍ ଓ ପିଆଜ ଦେଇ ପ୍ରସ୍ତୁତ କରନ୍ତୁ ଚେତିନାଡ୍ ଚିକେନ୍ ବିରିୟାନୀ ।

ବରଫ ଝଡର କାରଣ

୨୦୨୨ ମାର୍ଚ୍ଚ ମାସରେ ଗ୍ରୀନ୍‌ଲାଣ୍ଡ ଦେଖିଥିଲା ଏକ ବିରଳ ଦିନ । ସେହି ସମୟରେ ଏଠାରେ ଦେଖିବାକୁ ମିଳିଥିଲା ଏକ ବିରଳ ସ୍ନୋ ଫଲ୍, ଯାହା ବରଫ ଝଡ କାରଣରୁ ସୃଷ୍ଟି ହୋଇଥିଲା । ତେବେ ଏହି ବରଫ ଝଡର କାରଣକୁ ନେଇ ଅନେକ ସମୟରେ ତର୍କ ବିତର୍କ ହୋଇଥାଏ । ସେହିଭଳି ଏକ କାରଣ ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି । ଏକ ଗବେଷଣାର ରିପୋର୍ଟକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ନିକଟରେ ଜିଓଫିଜିକାଲ ରିସର୍ଚ୍ଚ ଲେଟରରେ ପ୍ରକାଶିତ ହୋଇଥିବା ଏକ ଆଟମୋସ୍ଫିଅରିକ୍ ରିଭର ସମ୍ପର୍କରେ ତଥ୍ୟ ଦିଆଯାଇଛି । ଆକାଶରେ ଏକ ସଂକ୍ଷିପ୍ତ ସ୍ଥାନ ରହିଛି, ଯାହା ଟ୍ରପିକାଲ ରିଜନରୁ ଥଣ୍ଡା ଅଞ୍ଚଳକୁ ଆଦ୍ରତା ଏବଂ ଉଷ୍ମତା ପ୍ରବାହ କରିଥାଏ । ଯେତେବେଳେ ଅତ୍ୟଧୀକ ଆଦ୍ରତା ଥିବା ଏହି ସିଷ୍ଟମ ଗ୍ରୀନ୍‌ଲାଣ୍ଡରେ ଥିବା ବରଫାବୃତ ଭୂଖଣ୍ଡକୁ ଛୁଇଁଥାଏ ତାହା ତୁଷାରପାତର କାରଣ ସାଜିଥାଏ । ଏହାର ଆକାର ଏତେ ଅଧିକ ରହିଥାଏ କି ଏହାକୁ ବରଫ ଝଡ କୁହାଯାଇଥାଏ । ଏଭଳି ଝଡ ଏକା ଗୋଟିଏ ଥରରେ ଆଇଲାଣ୍ଡର ପାଖାପାଖି ୮ ପ୍ରତିଶତ ବରଫ ତରଳିଥାଏ । ତେବେ ଏନେଇ ବର୍ତ୍ତମାନ ବୈଜ୍ଞାନିକମାନେ ଅଧିକ ଗବେଷଣା କରିବାରେ ଲାଗିଛନ୍ତି, ଯେଉଁଥିରେ ଆହୁରି ତଥ୍ୟ ସାମନାକୁ ଆସିବ ।

ଟ୍ରୋଲିଂର ପ୍ରଭାବ

ଜୟପୁରରେ ଆୟୋଜନ ହୋଇଥିବା ଆଇଫା ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ଏହା ନିଜର ଇଭେଣ୍ଟ ପାଇଁ ଯେତିକି ଚର୍ଚ୍ଚାରେ ରହିଛି, କରୀନା ଓ ସାହିଦଙ୍କ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛି । ଇଭେଣ୍ଟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଛି । ଯେ ସବୁଥରର ଦେଖା ଠାରୁ ଏଥର କିଛି ଭିନ୍ନ ଦେଖିବାକୁ ମିଳିଥିଲା । ଏଥିରେ ଉଭୟଙ୍କୁ କଥା ହେଉଥିବାର ଦେଖିବାକୁ ମିଳିଛି । ଉଭୟେ ଉଭୟଙ୍କୁ ଶୁଭେଚ୍ଛା ଦେବା ସହିତ କଥା ହେବାର କ୍ୟାମେରାରେ କଏଦ ହୋଇଛି । କରୀନା ସାହିଦଙ୍କୁ ନିଜ ପଟୁ କଥା କହୁଥିବାର ଦେଖିବାକୁ ମିଳିଛି, ହେଲେ ଏହା ଟ୍ରୋଲିଂର ଇଫେକ୍ଟ ବୋଲି ବର୍ତ୍ତମାନ ଚର୍ଚ୍ଚା କରୁଛନ୍ତି । ଉଭୟଙ୍କୁ ଏକାଠି ମିଡିଆକୁ ପୋଜ ଦେବାର ମଧ୍ୟ ଦେଖିବାକୁ ମିଳୁଛି । ପୂର୍ବରୁ ଏକ ଇଭେଣ୍ଟରେ କରୀନା ସାହିଦଙ୍କୁ ଆଭୋଏଡ୍ କରିଥିଲେ, ଯାହା ପରେ ସୋସିଆଲ ମିଡିଆରେ ଟ୍ରୋଲିଂର ଶିକାର ହୋଇଥିଲେ । ଫ୍ୟାନ୍‌ମାନେ କରୀନାଙ୍କର ଏଭଳି ବ୍ୟବହାରକୁ ନା ପସନ୍ଦ କରିଥିଲେ । ଯାହାପରେ ସେ ସାହିଦଙ୍କ ସହିତ ଏଭଳି ଫ୍ରେଣ୍ଡଲି ବ୍ୟବହାର କରିଥିବା ନେଇ ଚର୍ଚ୍ଚା ହେଉଛି । ତେବେ କିଛି ଲୋକ କରୀନାଙ୍କର ଏହି ବ୍ୟବହାରକୁ ଫେକ୍ ବୋଲି ମଧ୍ୟ କହୁଛନ୍ତି । କେବଳ କ୍ୟାମେରା ପାଇଁ ସେ ଏଭଳି କରୁଥିବା ନେଇ ଆଲୋଚନା ହେଉଛି ।

ବିଧାନସଭା

ରାଜନେତାଙ୍କ ବିରୋଧରେ ଫୌଜଦାରୀ ମାମଲା

ଭୁବନେଶ୍ୱର(ସବ୍ୟୁ): ପୂର୍ବତନ ଏବଂ ବର୍ତ୍ତମାନର ସାଂସଦମାନଙ୍କ ବିରୋଧରେ ମୋଟ ୨୨ଟି ମାମଲା ରୁଜୁ ହୋଇଛି । ଏହା ସହିତ ୩୯ଟି ଅପରାଧିକ ମାମଲା ମଧ୍ୟ ରହିଛି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା ଦର୍ଶାଇଛନ୍ତି ।

ମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି, ପୂର୍ବତନ ଏବଂ ବର୍ତ୍ତମାନର ବିଧାୟକମାନେ ମୋଟ ୧୧୫ଟି ମାମଲାର ସାମ୍ନା କରୁଛନ୍ତି । ସେମାନଙ୍କ ବିରୋଧରେ ୪୧୮ଟି ଅପରାଧିକ ମାମଲା ପଞ୍ଜିକୃତ ହୋଇଛି । ଏଥିମଧ୍ୟରୁ ୩୮୪ ଟି ମାମଲା ବର୍ତ୍ତମାନ ବିଚାରାଧୀନ ଅଛି । ୧୪ଟି ମାମଲାର ବିଚାର ସମାପ୍ତ ହୋଇଛି । ଏହା ସହିତ ୪୩ଟି ମାମଲାର ତଦନ୍ତ ଚାଲିଛି । ଏହି ମାମଲାଗୁଡ଼ିକ ମଧ୍ୟରୁ ୧୯୮ଟି ସମ୍ପୂର୍ଣ୍ଣ ରାଜନୈତିକ ପ୍ରକୃତିର ବୋଲି ଚିହ୍ନଟ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।

୧୦ ବର୍ଷରେ ଗୁଟଖା, ପାନ ମସଲାରୁ ଟିକସ ୬୫୦୦ କୋଟି

ଭୁବନେଶ୍ୱର(ସବ୍ୟୁ): ବିଗତ ୧୦ବର୍ଷ ମଧ୍ୟରେ ରାଜ୍ୟରେ ପାନ ମସଲା, ଗୁଟଖା ଏବଂ ତମାଖୁରୁ ୬,୫୯୫ କୋଟି ଟଙ୍କା ଟିକସ ଆଦାୟ ହୋଇଛି । ବୃଦ୍ଧି ପାଉଥିବା ରାଜସ୍ୱ ପାନ ମସଲା, ଗୁଟଖା ଏବଂ ତମାଖୁର ଅଧିକ ବ୍ୟବହାରକୁ ସୂଚିତ କରୁଛି, ଯାହା ସ୍ୱାସ୍ଥ୍ୟ ଚିନ୍ତାକୁ ବୃଦ୍ଧି କରୁଛି ।

ସୋମବାର ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦର୍ଶାଇଛନ୍ତି, ରାଜ୍ୟରେ ପାନ ମସଲା ଏବଂ ଗୁଟଖା ଉତ୍ପାଦରୁ ଟିକସ ସଂଗ୍ରହରେ ବାର୍ଷିକ ହାରରେ ନିରନ୍ତର ବୃଦ୍ଧି ଘଟୁଛି । କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ୧,୦୪୭ କୋଟି ଟଙ୍କା ସଂଗ୍ରହ କରାଯାଇଛି । ଓଡ଼ିଶାକୁ ଭାରତର ୧୬ଟି ରାଜ୍ୟରୁ ପାନ ମସଲା, ଗୁଟଖା ଏବଂ ତମାଖୁ ଆସିଥାଏ ।

ବର୍ଦ୍ଧିତ ରାଜସ୍ୱ ରାଜ୍ୟରେ ଏହି ଉତ୍ପାଦଗୁଡ଼ିକର ଅଧିକ ବ୍ୟବହାରକୁ ସ୍ପଷ୍ଟ କରୁଛି । ଯାହା ଆର୍ଥିକ ଲାଭ ସତ୍ତ୍ୱେ ଜନସ୍ୱାସ୍ଥ୍ୟ ପ୍ରତି ଚିନ୍ତା ସୃଷ୍ଟି କରୁଛି । ସରକାର ତମାଖୁ ସେବନ ଏବଂ ଏହାର ସମ୍ବନ୍ଧିତ ସ୍ୱାସ୍ଥ୍ୟ ବିପଦକୁ ରୋକିବା ପାଇଁ ନିୟାମକ ପଦକ୍ଷେପ ସହିତ ରାଜସ୍ୱ ଉତ୍ପାଦନକୁ ସନ୍ତୁଳିତ କରିବାକୁ ଯୋଜନା କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

ଓଡ଼ିଶାରେ ବାଂଲାଦେଶୀଙ୍କ ଅନୁପ୍ରବେଶ ବଢୁଛି

କେନ୍ଦ୍ରାପଡ଼ାରେ ସର୍ବାଧିକ ୧୬୪୯

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ମନଇଚ୍ଛା ପଶୁଛନ୍ତି ବାଂଲାଦେଶୀ । ରାଜ୍ୟରେ ସମୁଦାୟ ୩୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ୪୧ ଜଣ ବାଂଲାଦେଶୀ ନାଗରିକଙ୍କ ନାମରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି । ବାଲେଶ୍ୱର ଜିଲ୍ଲାରେ ୫ ଜଣ ବାଂଲାଦେଶୀ ନାଗରିକ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି । ଉକ୍ତ ମାମଲାଗୁଡିକ ବର୍ତ୍ତମାନ ଅଦାଲତରେ ବିଚାରାଧିନ ଅଛି । ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ତଥ୍ୟ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି, ସର୍ବାଧିକ କେନ୍ଦ୍ରାପଡ଼ା ଜିଲ୍ଲାରେ ୧୬୪୯ ଅନୁପ୍ରବେଶ କରିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୧୧୧୨, ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬ ଓ ଭୁବନେଶ୍ୱରରେ୧୭ ଜଣ ବାଂଲା ଅନୁପ୍ରବେଶକାରୀ ଚିହ୍ନଟ ହୋଇଛନ୍ତି । ସରକାର ପ୍ରତି ଜିଲ୍ଲାରେ ତହସିଲ, ବ୍ଲକ ଏବଂ ପୋଲିସ୍ କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି । ଓଡ଼ିଶାରେ ବେଆଇନ ଭାବେ ବସବାସ କରୁଥିବା ବାଂଲା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ସରକାର ପଦକ୍ଷେପ ନେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଅନୁପ୍ରବେଶକାରୀଙ୍କ ଉପରେ କଡା ନଜର ରଖିଛି ପୋଲିସ । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆଡ୍ଡା ସ୍ଥଳୀରେ ଚଢ଼ାଉ ହେବ । ଏନେଇ ସୂଚନା ଦେଇଛନ୍ତି ଏସଟିଏଫ୍ ଡ଼ିଆଇଜି ପିନାକ ମିଶ୍ର । କିଏ, କେମିତି ଓ କେଉଁ ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ଡେରା ପକାଇଛନ୍ତି ସେ ନେଇ ଚାଲିଛି ଖୋଳତାଡ଼ । ଏନେଇ ଏକ ସ୍ପେଶାଲ ଟିମ ଗଠନ କରାଯାଇଛି । ତେବେ କଥା ହେଉଛି, ଅନୁପ୍ରବେଶକାରୀଙ୍କ ମାଷ୍ଟରମାଇଣ୍ଡ କିଏ ? କିଏ ସେମାନଙ୍କୁ ଓଡିଶା ଆଣୁଛି ? ଜାଲ ଡକ୍ୟୁମେଣ୍ଟ କିଏ ପ୍ରସ୍ତୁତ କରୁଛି ? ସେନେଇ ଆରମ୍ଭ ହୋଇଛି ସ୍ପେଶାଲ ଡ୍ରାଇଭ । ଏସଟିଏଫ୍ ସ୍କାନରରେ ରହିଛନ୍ତି ଶତାଧିକ ଦଲାଲ । ଗତକାଲି ଭୁବନେଶ୍ୱର ରେଳଷ୍ଟେସନରୁ ୧୦ ବାଂଲାଦେଶୀ ଗିରଫ ହୋଇଥିଲେ । ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟଇଏଫ୍ । ବିନା କୌଣସି ପାସପୋର୍ଟ ଓ ଭିସାରେ ଏମାନେ ଭାରତରେ ପ୍ରବେଶ କରିବା ସହ ଭୁବନେଶ୍ୱର ରେଳଷ୍ଟେସନରେ ରହୁଥିଲେ । ଗିରଫ ବାଂଲାଦେଶୀଙ୍କ ମଧ୍ୟରେ ୬ ଜଣ ପୁରୁଷ ଥିବା ବେଳେ ୩ ଜଣ ମହିଳା ଓ ଜଣେ ନାବାଳକ ରହିଥିଲେ । ଏହି ଅନୁପ୍ରବେଶକାରୀଙ୍କ ମଧ୍ୟରୁ ଅନେକ ଓଡ଼ିଶା ଚାଲି ଆସୁଛନ୍ତି । ଏହା ପରେ ବିଭିନ୍ନ ସ୍ଥାନକୁ ଟ୍ରେନରେ ଯାଇ ସେଠାରେ ରହି ଯାଉଛନ୍ତି । କିଛି ଦିନ ରହି କାମ କରିବା ପରେ ଜାଲ୍ ସାର୍ଟିଫିକେଟ୍ ବାହାର କରି ଦେଉଛନ୍ତି ବୋଲି ପୋଲିସ୍ କହିଛି ।

୨ ବର୍ଷରେ ସାଇବର ଠକଙ୍କଠାରୁ ୩.୫ କୋଟିରୁ ଅଧିକ ଜବତ

୨୦୨୪ରେ ୮.୫୩ କୋଟି ଫ୍ରିଜ୍

ଭୁବନେଶ୍ୱର(ସବ୍ୟୁ): ଦୁଇ ବର୍ଷ ମଧ୍ୟରେ ଅର୍ଥାତ ଜାନୁଆରୀ ୨୦୨୫ ସୁଦ୍ଧା ଆର୍ଥିକ ଠକେଇ ମାମଲାରେ ଜଡିତ ସାଇବର ଠକମାନଙ୍କ ଠାରୁ ଓଡ଼ିଶାରେ ୩.୫ କୋଟିରୁ ଅଧିକ ଟଙ୍କା ଜବତ କରାଯାଇଛି ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦର୍ଶାଇଛନ୍ତି, ୨୦୨୩ ମସିହାରେ ୧.୩୬୨ ସାଇବର ଅପରାଧ ମାମଲା ରିପୋର୍ଟ ହୋଇଥିଲା । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୧୫୫ ଜଣ ପୁରୁଷ ଓ ୮ ଜଣ ମହିଳା ଥିଲେ । ଚୋରି ହୋଇଥିବା ମୋଟ ପରିମାଣ ୪୭.୭୬ କୋଟି ଟଙ୍କା ଥିଲା । ସେଥିମଧ୍ୟରୁ ୧.୫୩ କୋଟି ଟଙ୍କା ଜବତ କରାଯାଇଥିଲା ଏବଂ ୨.୨୮ କୋଟି ଟଙ୍କା ଫ୍ରିଜ୍ କରାଯାଇଥିଲା ।

ସେହିପରି ୨୦୨୪ ମସିହାରେ ମାମଲା ସଂଖ୍ୟା ୧,୫୫୩କୁ ବୃଦ୍ଧି ପାଇଥିଲା । ୧୮୯ ପୁରୁଷ ଏବଂ ୨ ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା । ଚୋରି ହୋଇଥିବା ପରିମାଣ ୧୫୩.୧୬ କୋଟି ଟଙ୍କା ଥିଲା । ସେଥିମଧ୍ୟରୁ ୧.୯୯କୋଟି ଟଙ୍କା ଉଦ୍ଧାର କରାଯାଇଥିଲା ଏବଂ ୮.୫୩ କୋଟି ଟଙ୍କା ଫ୍ରିଜ୍ କରାଯାଇଥିଲା ।

୨୦୨୫ ଜାନୁଆରୀ ସୁଦ୍ଧା ୧୧୫ଟି ସାଇବର ଅପରାଧ ମାମଲା ରିପୋର୍ଟ କରାଯାଇଥିଲ । ଯେଉଁଥିରେ ୭ ଜଣଙ୍କୁ ଗିରଫ କରାଯାଇଥିଲା । ଚୋରି ହୋଇଥିବା ପରିମାଣ ୨୦.୭୫ କୋଟି ଟଙ୍କା ଥିଲା । ଯେଉଁଥିରୁ ୩୦,୬୦୦ ଟଙ୍କା ଉଦ୍ଧାର କରାଯାଇଥିଲା ଏବଂ ୫୯.୬୧ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଥିଲା । ୨୦୨୩ ତୁଳନାରେ ୨୦୨୪ ମସିହାରେ ଓଡ଼ିଶାରେ ଆର୍ଥିକ ଠକେଇ ସମ୍ପର୍କିତ ସାଇବର ମାମଲା ୧୪.୦୨% ବୃଦ୍ଧି ପାଇଛି ।

ସେହିପରି ମୁଖ୍ୟମନ୍ତ୍ରୀ ୨୦୨୩, ୨୦୨୪ ଏବଂ ୨୦୨୫ (ଜାନୁଆରି ୩୧, ୨୦୨୫ ପର୍ଯ୍ୟନ୍ତ) ପାଇଁ ସାଇବର ହେଲପଲାଇନ୍ ୧୯୩୦ରେ ମିଳିଥିବା ମୋଟ ଆର୍ଥିକ ଠକେଇ ଅଭିଯୋଗ ସଂଖ୍ୟା ଉପରେ ସୂଚନା ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ୨୦୨୩ ତୁଳନାରେ ୨୦୨୪ ମସିହାରେ ୧୯୩୦ ସାଇବର ହେଲ୍ପଲାଇନରେ ପ୍ରାପ୍ତ ଆର୍ଥିକ ଅପରାଧ ରିପୋର୍ଟିଂ ପୋର୍ଟାଲ, ୧୯୩୦ ସମେତ) ମାଧ୍ୟମରେ ପ୍ରାପ୍ତ ମୋଟ ଆର୍ଥିକ ଠକେଇ ଅଭିଯୋଗ ସଂଖ୍ୟା ବିଷୟରେ ସୂଚନା ପ୍ରଦାନ କରିଥିଲେ । ୨୦୨୩ ତୁଳନାରେ ୨୦୨୪ରେ ପ୍ରାପ୍ତ ଅଭିଯୋଗରେ ୧୪୨% ବୃଦ୍ଧି ଘଟିଛି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ୨୦୨୨, ୨୦୨୩ ଏବଂ ୨୦୨୪ ମସିହାରେ ହୋଇଥିବା ବ୍ୟାଙ୍କ ଠକେଇ ମାମଲା ବିଷୟରେ ମଧ୍ୟ ତଥ୍ୟ ପ୍ରଦାନ ମୁଖ୍ୟମନ୍ତ୍ରୀ କରିଛନ୍ତି ।

ଶିକ୍ଷାଗତ ଚାପରେ ୭୨ ଛାତ୍ରଛାତ୍ରୀ ଜୀବନ ହାରିଛନ୍ତି

ଭୁବନେଶ୍ୱର(ସବ୍ୟୁ): ବିଗତ ପାଞ୍ଚ ବର୍ଷ ମଧ୍ୟରେ ସ୍କୁଲ ଓ କଲେଜରେ ବହୁ ଛାତ୍ରଛାତ୍ରୀ ନିଜ ଜୀବନ ହାରିଛନ୍ତି । ଏହାର କାରଣଗୁଡ଼ିକ ହେଉଛି ଶିକ୍ଷାଗତ ଚାପ, ହଇରାଣ ଏବଂ ପାରିବାରିକ ବିବାଦ । ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରୁଛନ୍ତି ।

କଂଗ୍ରେସ ବିଧାୟକ ସୋଫିଆ ଫିର୍ଦ୍ଦୋସଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଏବଂ ବେସରକାରୀ ସ୍କୁଲ ଏବଂ କଲେଜର ୭୨ ଜଣ ଛାତ୍ରଛାତ୍ରୀ ନିଜ ଜୀବନ ହାରିଛନ୍ତି ।

୨୦୨୦ ରୁ ୨୦୨୫ ପର୍ଯ୍ୟନ୍ତ ଏହି ଦୁଃଖଦ ଘଟଣାଗୁଡ଼ିକ ପାଇଁ ବହୁବିଧ କାରଣ ଦାୟି ଥିଲା । ମାନସିକ ଚାପ, ଅଭିଯୁକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ହଇରାଣ, ମାନସିକ ଅସନ୍ତୁଳନ, ସ୍କୁଲ ହଷ୍ଟେଲରେ ଫୋନ୍ ବ୍ୟବହାର ଉପରେ କଟକଣା, ଶିକ୍ଷାଗତ ଚାପ, ବନ୍ଧୁମାନଙ୍କ ସହିତ ଭୁଲ ବୁଝାମଣା, ପାରିବାରିକ ବିବାଦ, ପ୍ରେମ ସମ୍ପର୍କ ଏବଂ ପରୀକ୍ଷା ସମ୍ବନ୍ଧୀୟ ଅବସାଦ ଭଳି ସମସ୍ୟାଗୁଡ଼ିକୁ ଆଲୋକପାତ କରିଥିଲେ ।

ଏହି ତଥ୍ୟ ନୀତି ନିର୍ଦ୍ଧାରକ, ଶିକ୍ଷକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି, ଯାହା ଭବିଷ୍ୟତରେ ଏପରି ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ ଉନ୍ନତ ଛାତ୍ର ସହାୟତା ବ୍ୟବସ୍ଥା, ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଏବଂ ନୀତିଗତ ହସ୍ତକ୍ଷେପର ଆବଶ୍ୟକତା ଉପରେ ଆଲୋଚନା ଆରମ୍ଭ କରିଛି । କର୍ତ୍ତୃପକ୍ଷ ଏହି ଚିନ୍ତାଜନକ ଧାରା ସମାଧାନ କରିବା ଏବଂ ଛାତ୍ରମାନଙ୍କ ପାଇଁ ଏକ ସୁରକ୍ଷିତ, ଅଧିକ ସହାୟକ ପରିବେଶ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଆଶା କରାଯାଉଛି ।

ଏଭଳି ଘଟଣାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବା ଏବଂ ଆଶ୍ୱାସନା ପ୍ରଦାନ କରିବାରେ ପିତାମାତାଙ୍କ ସମ୍ପୃକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଯତ୍ନ, ବୁଝାମଣା ଏବଂ ବୃତ୍ତିଗତ ସମର୍ଥନର ସଂସ୍କୃତିକୁ ପ୍ରୋତ୍ସାହିତ କରି, ଆମେ ସୁନିଶ୍ଚିତ କରିପାରିବା ଯେ, ଛାତ୍ରଛାତ୍ରୀମାନେ କ୍ଷତିକାରକ ନିଷ୍ପତ୍ତି ନ ନେଇ ମୂଲ୍ୟବାନ, ଶୁଣାଯାଇଥିବା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ସଶକ୍ତ ଅନୁଭବ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ରାଜ୍ୟରେ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢୁଛି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ୧ଲକ୍ଷ ୪୩ ହଜାର ୬୯୧ କୁଷ୍ଠ ରୋଗୀ ଅଛନ୍ତି । ଗୃହରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଭଳି ଉତ୍ତର ପ୍ରଦାନ କରିଛନ୍ତି ।

ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରଶ୍ନ କରିଥିଲେ ଯେ, ଓଡ଼ିଶା ରାଜ୍ୟକୁ କୁଷ୍ଠମୁକ୍ତ କରିବା ପାଇଁ ସରକାର ଘୋଷଣା କରିବାବେଳେ ୨୦୦୬ ମସିହାରେ କୁଷ୍ଠ ରୋଗୀଙ୍କ ସଂଖ୍ୟା କେତେ ଥିଲା? ତା'ପରଠାରୁ କେଉଁ କେଉଁ ମସିହାରେ କୁଷ୍ଠ ରୋଗୀଙ୍କ ସଂଖ୍ୟା ଗଣନା କରାଯାଇ ସେମାନଙ୍କର ସଂଖ୍ୟା ବର୍ଷ ସଂଖ୍ୟା କେତେ ତାହା ପ୍ରକାଶ କରନ୍ତୁ?

ଏହାର ଉତ୍ତରରେ ମନ୍ତ୍ରୀ ଦର୍ଶାଇଥିଲେ ଯେ, ୨୦୦୬-୦୭ରେ ରାଜ୍ୟରେ ୫୦୮୮ କୁଷ୍ଠ ରୋଗୀ ଥିଲେ । ୨୦୧୮-୧୯ରେ ସର୍ବାଧିକ ୧୦ ହଜାର ୭୮୬ ରୋଗୀ ଚିହ୍ନଟ ହୋଇଥିଲେ । ୨୦୨୩-୨୪ରେ ୮୩୯୬ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ରାଜ୍ୟରେ କ୍ରମାଗତ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

ଜୁଏଲାରୀ ଦୋକାନର ସେଲ୍ସମ୍ୟାନ ଗିରଫ

୪୦ ଲକ୍ଷର ଚୋରା ସୁନା ଅଳଙ୍କାର ଜବତ

କଟକ,(ସବ୍ୟୁ): ମାଲିକ ତାକୁ ବିଶ୍ୱାସ କରିଥିଲା । ଲୋଭ ହେଲା । ଦୋକାନରୁ ସବୁଦିନ କିଛିନା କିଛି ସୁନା ଦରବ ଚୋରି କରି ନେଇଗଲା ଏହି କର୍ମଚାରୀ ଜଣକ । ଗତ ୬ ବର୍ଷରେ ମାଲିକଙ୍କ ଅଜାଣତରେ ତାଙ୍କ ଜୁଏଲାରୀ ଦୋକାନରୁ ପାଖାପାଖି ୧ କୋଟି ଟଙ୍କାର ସୁନା ଗହଣା ଚୋରି କରିନେଇଛି । ଏହିଭଳି ଏକ ଘଟଣାରେ ପୁରୀଘାଟ ଥାନା ପୋଲିସ ଅଭିଯୁକ୍ତ ସେଲ୍ସମ୍ୟାନକୁ ଗିରଫ କରିଛି । ସେ ହେଉଛି ଡଗରପଡାର ସତ୍ୟନାରାୟଣ ସାହୁ(୩୫) । ତା ପାଖରୁ ୫୬୧ ଗ୍ରାମର ଚୋରି ସୁନା ଅଳଙ୍କାର ଜବତ ହୋଇଛି । ମର୍କତନଗର ସେକ୍ଟର-୭ର ସୁକୁମାର ବୈତାଳଙ୍କ ନୟାସଡକରେ ସୁରଜ ଜୁଏଲର୍ସ ନାମରେ ଏକ ଅଳଙ୍କାର ଦୋକାନ ଅଛି । ସେଠାରେ ଗତ ୨୦୧୯ ମସିହାରୁ ସତ୍ୟନାରାୟଣ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରିଆସୁଛି । ଦୋକାନ ଆରମ୍ଭରୁ ସତ୍ୟନାରାୟଣ କାମ କରୁଥିବାରୁ ତା' ପ୍ରତି ମାଲିକଙ୍କ ବିଶ୍ୱାସ ଟିକେ ଅଧିକ ଥିଲା । ଆଉ ଏହି ସୁଯୋଗର ଫାଇଦା ନେଇ ସତ୍ୟନାରାୟଣ ମାଲିକଙ୍କ ଦୋକାନରୁ ଗହଣା ଚୋରି କରିନେଉଥିଲା । କିନ୍ତୁ ଏଭଳି କାରସାଦି ବିଷୟରେ ଦୋକାନ ମାଲିକ ସୁକୁମାର ଜାଣିପାରୁନଥିଲେ । ତେବେ ଗତ ଜାନୁଆରୀରେ ସୁକୁମାର ତାଙ୍କର ବାର୍ଷିକ ହିସାବ କରିବାରୁ ସୁନା ଚୋରି ବିଷୟ ଜାଣିବାକୁ ପାଇଲେ । ଏନେଇ ସେ ଗତ ଫେବ୍ରୁଆରୀ ମାସ ୨୬ ତାରିଖରେ ପୁରୀଘାଟ ଥାନାରେ ଏକ ଏତଲା ଦାୟର କରିଥିଲେ । ଏଥିରେ ଉଲ୍ଲେଖ କରିଥିଲେଯେ, ଗଲା କିଛି ବର୍ଷ ମଧ୍ୟରେ ତାଙ୍କ ଦୋକାନରୁ ପ୍ରାୟ ୧ କିଲୋ ଓଜନର ସୁନା ଗହଣା ଚୋରି ହୋଇଛି । ଏସବୁ ଏକକାଳୀନ ଚୋରି ହୋଇନି । ଧିରେ ଧିରେ କେହି ଚୋରାଇ ନେଇଛି । କିଛି ବର୍ଷର ଷ୍ଟକ ମିଶାଇବାରୁ ଏଭଳି ତଥ୍ୟ ଜଣାପଡିଛି ଛ ଏପରିକି ଦୋକାନର ସିସିଟିଭି ଓ କର୍ମଚାରୀଙ୍କୁ ପଚରାଉଚରା ପରେ ଉକ୍ତ ଚୋରି ପଛରେ ଦୋକାନର ସେଲ୍ସମ୍ୟାନ ସତ୍ୟନାରାୟଣ ସାହୁ ଦାୟୀ ବୋଲି ଆଶଙ୍କା କରାଯାଉଛି । କିଛି କିଛି କରି ସେ ପ୍ରାୟ ୧ କିଲୋରୁ ଅଧିକ ପରିମାଣର ସୁନା ଅଳଙ୍କାର ଚୋରି କରି ନେଇଥିଲା ବୋଲି ଏତଲାରେ ଦର୍ଶାଇଲେ । ଏହି ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଦୋକାନାର ଅନ୍ୟ କର୍ମଚାରୀଙ୍କ ବୟାନ ଓ ଦୋକାନରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ସତ୍ୟନାରାୟଣ ଅତି ଚତୁରତାର ସହିତ ଅଳଙ୍କାର ଚୋରି କରୁଥିବା ଜଣାପଡିଲା । ଏହି କ୍ରମରେ ସୋମବାର ପୁରୀଘାଟ ଥାନା ପୋଲିସ ସତ୍ୟନାରାୟଣ ଘରେ ଚଢଉ କରିଥିଲା । ଆଉ ସେଠାରୁ ୬ଟି ସୁନାର ଶଂଖା, ସୁନା ହାର, ୯ ହଳ ସୁନା କାନଫୁଲ, ୮ଟି ସୁନା ଚୁଡି, ମଙ୍ଗଳସୂତ୍ର ଓ ୩ଟି ମୁଦି ସହିତ ପ୍ରାୟ ୫୬୧ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଥିଲା ।

ଲକ୍ଷପତି ଦିଦି କାର୍ଯ୍ୟକ୍ରମକୁ ମିଶନ ମୋଡରେ ନେବା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଆଜି ସବୁ ଜିଲ୍ଲାରେ ଆୟୋଜିତ ହେଉଛି ଲକ୍ଷପତି ଦିଦି କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ରାଜ୍ୟର ସବୁ ଜିଲ୍ଲାରେ ଆରମ୍ଭ ହେଉଛି ଲକ୍ଷପତି ଦିଦି କର୍ମଶାଳା । କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର ଏହି ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି କର୍ମଶାଳାରେ ପ୍ରତ୍ୟେକ ଜିଲ୍ଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ପ୍ରମୁଖ ଉପସ୍ଥିତ ରହିବେ । ଏହି କାର୍ଯ୍ୟକ୍ରମରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ତୃଣମୂଳ ସ୍ତରରେ କେଉଁଭଳି ଅଧିକରୁ ଅଧିକ ସମ୍ଭାବ୍ୟ ଲକ୍ଷପତି ଦିଦି ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଲକ୍ଷପତି ଦିଦି କରିପାରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯିବ । ଏହି ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ସରକାରୀ ବିଭାଗଙ୍କ ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା ଓ ଦକ

ମହିଳାଙ୍କ ସୁରକ୍ଷା ଦାବିରେ ଜିଲ୍ଲା କଂଗ୍ରେସର ବିଶାଳ ପ୍ରତିବାଦ ସଭା

ଖୋର୍ଦ୍ଧା, (ସବ୍ୟୁ) ରାଜ୍ୟରେ ସମ୍ପ୍ରତି ବଢ଼ିଚାଲିଥିବା ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଶିଶୁ ବଳତ୍କାର ପ୍ରତିବାଦରେ ଏକ ବିଶାଳ ଶୋଭାଯାତ୍ରା ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲା । ଏଥିରେ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଚିଲିକା, ଜଟଣୀ ଓ ବାଲିଅନ୍ତା ବାଲିପାଟଣା ନିର୍ବାଚନ ମଣ୍ଡଳୀର ଶହ ଶହ କଂଗ୍ରେସ କର୍ମୀ ଓ ମହିଳା ଏହି ଶୋଭଯାତ୍ରାରେ ଯୋଗଦେଇ ସରକାର ବିରୋଧ ନାରାବାଦୀ ଓ ମହିଳା ସୁରକ୍ଷାର ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ ଦପ୍ତର ନିକଟରେ ପହଁଚିବା ପରେ ଏକ ପ୍ରତିବାଦ ସଭା କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବେଗୁନିଆ ବୋଲଗଡ଼ର ପ୍ରାର୍ଥୀ ପୃଥିବୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ଛାତ୍ର କଂଗ୍ରେସର ସଭାପତି ସ୍ୱାଗତିକା ପଟ୍ଟନାୟକ, ପ୍ରଦେଶ କଂଗ୍ରେସର ଉପସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, କାର୍ଯ୍ୟକ୍ରମର ପ୍ରଭାରୀ ଜୟଶ୍ରୀ ପାତ୍ର ପ୍ରମୁଖ ନିଜ ନିଜ ଅଭିଭାଷଣଷର ବିଜେପି ସରକାର ଅମଳରେ ଆବାସିକ୍ ବିଦ୍ୟାଳୟରେ ବୃଦ୍ଧି ପାଇଥିବା କୁମାରୀ ମାତୃତ୍ୱ, ଦୁଷ୍କର୍ମ ଓ ପ୍ରତ୍ୟେକ ଦିନ ଘଟିଚାଲିଥିବା ନାରୀ ନିର୍ଯ୍ୟାତନାର ପ୍ରତିବାଦ କରିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେବା ସହ ସରକାରଙ୍କୁ ଚେତାବନୀ ଦେଇଥିଲେ । ଏଥିରେ ଖିଲାପ ହେଲେ ଆଗାମୀ ଦିନରେ କଂଗ୍ରେସ ବ୍ୟାପକ ଜନ ଆନ୍ଦୋଳନ କରି ସରକାରଙ୍କୁ ଅକାମୀ କରିଦେବାକୁ ଚେତାବନୀ ଦେଇଥିଲେ । ପ୍ରତିବାଦ ସଭାରେ ପରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ଜିଲ୍ଲାପାଳଙ୍କୁ ଦେବା ନିମନ୍ତେ ଜିଲ୍ଲାପାଳଙ୍କ ଦପ୍ତର ମଧ୍ୟକୁ ଯାଇଥିଲେ । କିନ୍ତୁ ଦାବୀ ପତ୍ର ନେବା ନିମନ୍ତେ ଜିଲ୍ଲାପାଳ କିମ୍ବା ଏ.ଡ଼ି ଏମ୍ କେହି ଉପସ୍ଥିତ ନ ଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତେଜନା ସୃଷ୍ଟି ହୋଇଥିଲା । ଦପ୍ତର ମଧ୍ୟରେ କଂଗ୍ରେସ କର୍ମୀ ଉଗ୍ର ହୋଇ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ପ୍ରବଳ ନାରାବାଜୀ କରିଥିଲେ ଓ କିଛି ସମୟ ପରେ ଏଡ଼ିଏମ୍ ପହଁଚିବା ପରେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଦାବୀ ପତ୍ର ଦେବାକୁ ମନା କରି ଜିଲ୍ଲାପାଳ ଆସିବାକୁ ଅଡ଼ି ବସିଥିଲେ । ପ୍ରାୟ ଏକ ଘଂଟା ପରେ ଜିଲ୍ଲାପାଳ ପହଁଚି ଦାବୀ ପତ୍ର ଗ୍ରହଣ କରିବା ସହ ବିଳମ୍ବ ନିର୍ମିତ ଭୁଲ ବୁଝାମଣା ନିମନ୍ତେ ଦୁଃଖ ପ୍ରକାଶ କରିଥିଲେ ।

୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପିଏସପି ପ୍ରକଳ୍ପ ନେଇ ସମୀକ୍ଷା ବୈଠକ

ସବୁଜ ଶକ୍ତିର ବ୍ୟବହାର ଓ ଉତ୍ପାଦନ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର । ଏସବୁର ସଦୁପଯୋଗ କରି ଅକ୍ଷୟ ଶକ୍ତିର ଉତ୍ସକୁ ବିକଶିତ କରାଯାଉଛି । ଅକ୍ଷୟ ଶକ୍ତିରେ ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସ୍ସି)ର ଗୁରୁତ୍ୱ ସ୍ୱତନ୍ତ୍ର । ସଂପ୍ରତି ଓଡ଼ିଶାର ୪୫ ଗୋଟି ସ୍ଥାନକୁ ପିଏସ୍ସି ପ୍ରକଳ୍ପ କରିବା ପାଇଁ ଚିହ୍ନଟ କରାଯାଇଛି । ତନ୍ମଧ୍ୟରୁ ୧୦ ଗୋଟି ପ୍ରକଳ୍ପ ସରକାରୀ ସ୍ତରରେ ବିଭିନ୍ନ ପିଏସ୍ୟୁମାନଙ୍କ ଦ୍ୱାରା କରାଯିବା ଯୋଜନା ରହିଛି । ଏହା ବାଦ୍ କିଛି କମ୍ପାନୀ କେତେକ ସ୍ଥାନକୁ ନିଜସ୍ୱ ଭାବେ ଚିହ୍ନଟ କରିଛନ୍ତି । ଏସବୁର ବିକାଶ କାର୍ଯ୍ୟ ପ୍ରଥମେ ଆବେଦନ କରିଥିବା କମ୍ପାନୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର ଅନୁଷ୍ଠିତ ବୈଠକରେ କହିଛନ୍ତି । ଗତ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ତେଲେଙ୍ଗାନାର ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ ଓଡ଼ିଶା ସରକାରଙ୍କ ସହ ପିଏସ୍ସି ବା ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନେଇ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି । ବୈଠକରେ ସ୍ୱଚ୍ଛ ଇନ୍ଧନ, ସବୁଜ ଶକ୍ତିର ବ୍ୟବହାର ନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ମଧ୍ୟ ସବୁଜ ଶକ୍ତିର ଉତ୍ପାଦନ ତଥା ବ୍ୟବହାର ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । କୋରାପୁଟ ଜିଲ୍ଲାର ସୁଙ୍କିଠାରେ ପିଏସ୍ସି କରିବା ନିମନ୍ତେ ସଙ୍ଗମମ୍ ପାୱାର୍ ପ୍ରୋଜେକ୍ଟ କମ୍ପାନୀ କାର୍ଯ୍ୟସାରଣୀ ବା ଡିପିଆର୍ ପ୍ରସ୍ତୁତ କରିଛନ୍ତି । ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପ ଦିନକୁ ୬ ଘଣ୍ଟା ବିଦ୍ୟୁତ ଉତ୍ପାଦନ କରିବ । ପ୍ରକଳ୍ପ ଆରମ୍ଭ ନିମନ୍ତେ ଓଡ଼ିଶା ସରକାରଙ୍କଠାରୁ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଓ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ଯୋଗାଇଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ଅନ୍ୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଏହି ବୈଠକରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ଶ୍ରୀ ହେମନ୍ତ ଶର୍ମା, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଇଡ୍‌କୋର ମ୍ୟାନେଜିଂ ଡ଼ାଇରେକ୍ଟର ଭୁପେନ୍ଦ୍ର ସିଂ ପୁନିଆ, ସଙ୍ଗମମ ପାୱାରର ଡ଼ାଇରେକ୍ଟର ଦୀପକ ମାଥୁର, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡିଶାରେ ୬ଟି ନୂତନ ଶାଖା ଖୋଲିଛି ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ

ଭୁବନେଶ୍ୱର, (ସବ୍ୟୁ): ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ଉତ୍କର୍ଷ ଏସ୍‌ଏଫ୍‌ବିଏଲ) ଓଡିଶାର ଲେଫ୍ରିପଡା (ସୁନ୍ଦରଗଡ), ପାପଡାହାଣ୍ଡି (ନବରଙ୍ଗପୁର), ଏରସମା (ଜଗତସିଂହପୁର), ବେତନଟି (ମୟୁରଭଞ୍ଜ), ବୁଗୁଡା (ଗାମ) ଓ କୋଟପାଡ (କୋରାପୁଟ)ରେ ଏହାର ୬ଟି ନୂତନ ବ୍ୟାଙ୍କିଙ୍ଗ ଶାଖାର ଉଦ୍ଘାଟନ କରିଛି। ଏହି ନୂଆ ଶାଖାଗୁଡିକ ସହିତ ବ୍ୟାଙ୍କର ଏବେ ଓଡିଶାରେ ୧୦୧ଟି ଓ ଦେଶବ୍ୟାପୀ ୧୦୭୬ଟି ବ୍ୟାଙ୍କିଙ୍ଗ୍ ଆଉଟଲେଟ ରହିଛି। ଏହି ଶାଖାଗୁଡିକର ଶୁଭାରମ୍ଭ ପରେ ଏବେ ଲେଫ୍ରିପଡା, ଏରସମା, ପାପଡାହାଣ୍ଡି, ବେତନଟି, ବୁଗୁଡା ଓ କୋଟପାଡର ଲୋକମାନେ ସେଭିଙ୍ଗ୍ ଆକାଉଂଟ, କରେଂଟ ଆକାଉଂଟ, ଫିକ୍ସଡ ଡିପୋଜିଟ ଓ ରିକରିଂ ଡିପୋଜିଟ ସମେତ ଏକ ବିସ୍ତୃତ ଶୃଙ୍ଖଳାର ବ୍ୟାଙ୍କିଙ୍ଗ ଉତ୍ପାଦଗୁଡିକୁ ଉପକୃତ ହୋଇପାରିବେ। ଏହାଛଡା ବ୍ୟାଙ୍କ ପକ୍ଷରୁ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତି ବିରୋଧରେ ଋଣ, କ୍ରେଡିଟ, ଇନ୍ସୁରାନ୍ସ ଓ ନିବେଶ ଉତ୍ପାଦ ଭଳି ବିଭିନ୍ନ ଉତ୍ପାଦ ପ୍ରଦାନ କରୁଛି।

ବାଲି ମାଫିଆଙ୍କୁ ଧରିବାକୁ ରାଜ୍ୟ ସାରା ପୁଲିସ୍‌ର ଚଢ଼ାଉ

୯୧ ଟି ଗାଡି ଜବତ ସହ ୯୬ ଜଣ ଗିରଫ, ୮୭ ମାମଲା ରୁଜୁ

କଟକ, (ସବ୍ୟୁ): ରାଜ୍ୟରେ ଚୋରା ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ମଧ୍ୟ ରାଜ୍ୟ ତମାମ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି । ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଛନ୍ତି । ଏହି କ୍ରମରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି । ରବିବାର ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ପୋଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ଚୋରା ବାଲିଘାଟ ଉପରେ ଚଢାଉ କରି ୯୧ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି । ଏହା ସହ ୮୭ ଟି ମାମଲା ରୁଜୁ କରାଯାଇଥିବା ବେଳେ ୯୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏହି ଧରପଗଡ଼ ଲଗାତାର ଭାବେ ଚାଲିବ । ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ । ରାଜ୍ୟରେ ଚୋରା ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ମଧ୍ୟ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ ।

ବିଜ୍ଞାନ ପ୍ରଚାର ସମିତିର ପାକ୍ଷୀକ ଅଧିବେଶନ

କଟକ, (ସ୍ୱପ୍ର): ସ୍ଥାନୀୟ ଦୋଳମୁଣ୍ଡାଇ ସ୍ଥିତ ବିଜ୍ଞାନ ପ୍ରଚାର ସମିତି କାର୍ଯ୍ୟାଳୟଠାରେ ସଭାପତି ପ୍ରଫେସର ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ପୌରହିତ୍ୟରେ ବହୁରୂପେ ବିଜ୍ଞାନ ପୁସ୍ତକ ପ୍ରକାଶ ନିମିତ୍ତ ତୃତୀୟ ରିଡାଥନ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡକ୍ଟର ଭାରତୀ ବେହେରାଙ୍କ ପ୍ରବନ୍ଧ ବିସ୍ମୟକର କୀଟଭୋଜୀ ଉଦ୍ଭିଦ, ଶ୍ରୀ ବ୍ରଜବନ୍ଧୁ ପୃଷ୍ଟିଙ୍କ ପଠାଣି ସାମନ୍ତ ଓ ସିଦ୍ଧାନ୍ତ ଦର୍ପଣ, ଡାକ୍ତର ଶଜିଦାନନ୍ଦ ଶତପଥୀଙ୍କ ପାକଶାଳା ସାବଧାନତା, ଅଧ୍ୟାପକ ଡକ୍ଟର ହେମନ୍ତ କୁମାର ପରିଡାଙ୍କର କୋଷ୍ଠକାଠିନ୍ୟ ଦିଏ କଷଣ, ଡକ୍ଟର ଦେବେନ୍ଦ୍ରନାଥ ସାହୁଙ୍କ ଫୁସଫୁସର ଫିଜିକସ, ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ପଶୁମାନେ କଣ ଚିନ୍ତା କରିପାରନ୍ତି ଓ ଶୋକ କରିପାରନ୍ତି ଏବଂ ହାତି ପରିବାରରେ ମୃତ୍ୟୁ ଶୋକ, କବିତା ପାଟ୍ଟଶାଣୀଙ୍କ ମହାକାଶ ଅନୁସନ୍ଧାନର ଗୁରୁତ୍ୱ, ଡାକ୍ତର ବରଦା ଚରଣ ମହାନ୍ତିଙ୍କ 'ପ୍ଲାଟିପସ୍', ଡକ୍ଟର ଜ୍ୟୋତିଷଚନ୍ଦ୍ର ମହାନ୍ତିଙ୍କ 'ସୂର୍ଯ୍ୟ ଓ ସୌରଶକ୍ତି', ଡକ୍ଟର ଶିବ ଶଙ୍କର ନାୟକଙ୍କ 'ଗ୍ରାଫାଇଟରୁ ଗ୍ରାଫିନ୍ ପର୍ଯ୍ୟନ୍ତ' ଏବଂ ଶ୍ରୀ ଅରବିନ୍ଦ କରଙ୍କ ପ୍ରବନ୍ଧ 'ଭାରତର ସୌର ଅଭିଯାନ ପାଠ କରାଯାଇଥିଲା। ଆସନ୍ତା ଅଧିବେଶନରେ ଶେଷ ରିଡାଥନ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନୁଷ୍ଠାନର ସାଧାରଣ ସଂପାଦକ କବିତା ପାଟ୍ଟଶାଣୀ ବିବରଣୀ ପାଠ କରିଥିବାବେଳେ ଯୁଗ୍ମ ସଂପାଦକ ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

କଳିଙ୍ଗ ବିହାର କେ-୬ ରେ ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର (ସବ୍ୟୁ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କଳିଙ୍ଗ ବିହାର କେ-୬ ମା ମଙ୍ଗଳା ମହିଳା ସମିତି ପକ୍ଷ ରୁ ଏକ ମହିଳା ସଚେତନତା ଶିବିର ନିକଟସ୍ଥ ପାର୍କ ରେ ଅନୁଷ୍ଠିତ ହେଇଯାଇଛି । ଏହି ଶିବିର ରେ ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଭରଦ୍ୱାଜ ମିଶ୍ର ଓ ତାଙ୍କ ସହଧର୍ମିଣୀ ପ୍ରସିଦ୍ଧ ପଥୋଲୋଜିଷ୍ଟ ଡାକ୍ତର କମଳିନୀ ମିଶ୍ର ମହିଳା ମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋଚନା କରିଥିଲେ । କେ-୬ ଆସୋସିଏସନ ର ସଭାପତି ମାଗୁଣି ବେହେରା, ସମ୍ପାଦକ ରିନ୍ଦ୍ର ନାଥ ନାୟକ ଓ ପୂର୍ଣଚନ୍ଦ୍ର ସାହୁ ଉପସ୍ଥିତ ଦର୍ଶକଙ୍କୁ ଉତ୍ସାହିତ କରିଥିଲେ । ସାମ୍ପ୍ରତିକ ସମାଜରେ, ମହିଳାମାନଙ୍କ ସ୍ଥିତି ଓ ଅଧିକାରକୁ ନେଇ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ପରେ ପରେ ଅନୁଷ୍ଠାନ ପକ୍ଷରୁ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶ୍ରୀମତୀ ଗୀତାଞ୍ଜଳି ନାୟକ ଓ ଶ୍ରୀମତୀ ଦିପ୍ତୀ ମିଶ୍ର ସଂଗୀତ ପରିବେଷଣ କରିଥିବା ବେଳେ, ଶ୍ରୀମତି ସାରଥି ମଲିକ ଙ୍କ ଅନେକ ଗୃହିଣୀ ସ୍ୱରଚିତ କବିତା ପାଠ କରିଥିଲେ । ଲେଖିକା ଶ୍ରୀମତୀ ରୀନା ପରିଡ଼ା ଙ୍କ ଦ୍ୱାରା ଲିଖିତ ଏକ ଲଘୁ ନାଟକ ପରିବେଷଣ କରାଯାଇଥିଲା । ଏହି ନାଟକ ରେ ଶ୍ରୀମତି ଉଷା ମିଶ୍ର, ସୁକାନ୍ତି ସାହୁ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସ୍ମୃତି ରେଖା ବେହେରା, ଜ୍ୟୋତ୍ସାରାଣୀ ଧଳ ଓ ରୀନା ପରିଡ଼ା ପ୍ରମୁଖ ଭାଗ ନେଇଥିଲେ । ମହିଳା ସମିତି ର ସଭାପତି ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକ ମାନେ ମନଭରି ଉପଭୋଗ କରିଥିଲେ ।

ଦୀପକ କୁମାର ନାଥଙ୍କୁ ଉଦୟମାନ ସାଇବର ସୁରକ୍ଷା ଉଦ୍ୟୋଗୀ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଦୀପକଙ୍କୁ ଉଦୀୟମାନ ସାଇବର ସୁରକ୍ଷା ଉଦ୍ୟୋଗୀ ସମ୍ମାନଦେଶର ପ୍ରମୁଖ ଷ୍ଟାର୍ଟଅପ ତଥା ସାଇବର ସୁରକ୍ଷା ସମାଧାନ ସଂସ୍ଥା ଥେଟସିସ୍ ଟେକ୍ନୋଲୋଜିଜର ପ୍ରତିଷ୍ଠାତା ତଥା ସିଇଓ ଦୀପକ କୁମାର ନାଥଙ୍କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ମିଳିଛି । ଏପରିକି ସାଇବର ସୁରକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସହ ଆଇଟିଏନଓ ବିକ୍ଲେସ କନ୍‌କ୍ଲେଭ-୨୦୨୫ରେ ଦୀପକ କୁମାର ନାଥଙ୍କୁ ସାଇବର ସୁରକ୍ଷାରେ ଉଦୀୟମାନ ଉଦ୍ୟୋଗୀ ପୁରସ୍କାର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀର ତାଜ ପ୍ୟାଲେସଠାରେ

ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଦୀପକ କୁମାର ନାଥଙ୍କୁ ଏହି ପୁରସ୍କାର ଦିଆଯାଇଛି । ଏହି ଅବସରରେ ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଲ୍ୟୁଟ୍ଟାଣ୍ଟ ଜେନେରାଲ କେ. ଟି. ପରନାୟକ, ପିଭିଏସଏମ୍, ୟୁଓ୍ୱାଇଏସ୍‌ଏମ୍, ଓ୍ୱାଇଏସଏମର ସଭାପତି ଏବଂ ସିଓଓ ରୋହିତ ଚଢ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦୀପକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ

ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ

ଭୁବନେଶ୍ୱର: (ସବ୍ୟୁ): ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଦୁଇଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପ୍ରଥମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଗୁଡ଼ିକର ସମୀକ୍ଷା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାୀ କରିଥିଲେ । ଦ୍ୱିତୀୟରେ ସିଏମ୍ କିଷାନ, ପିଏମ୍ କିଷାନ ଓ ମାଣ୍ଡିଆର ସରକାରୀ ସ୍ତରରେ କ୍ରୟ ଆଦିର ସମୀକ୍ଷା କରାଯାଇଛି । କୃଷି ବିଭାଗ ଅଧୀନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଯଥା ଇମେଜର ଭିତ୍ତିଭୂମି ବିକାଶ, କୃଷି ଉଦ୍ୟୋଗ ଭବନ ନିର୍ମାଣ, ମିଲେଟ ଫ୍ୟାକ୍ଟ୍ରି, ମିଲେଟ କାଫେ, ଫୁଡ଼ କୋର୍ଟ ନିର୍ମାଣ ଇତ୍ୟାଦିର ଅଗ୍ରଗତିର ସମୀକ୍ଷା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କରିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍ଥାମାନଙ୍କୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ପ୍ରମୁଖ କୃଷକ କଲ୍ୟାଣକାରୀ ସିଏମ୍-କିଷାନ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ନିଜର ଇ-କେୱାଇସି ଓ ଆଧାର ତଥା ଜମି ସମ୍ବନ୍ଧୀୟ ସୂଚନା ଅପଡେଟ୍ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅପଡେଟ୍ ପ୍ରକ୍ରିୟା ଏବଂ କୃଷିବିଭାଗର ଅଧିକାରୀମାନଙ୍କ

ଅନୁନ୍ନତ ଜନଜାତି ଚାଷୀଙ୍କୁ ସିଏମ୍ କିଷାନ ଓ ପିଏମ୍ କିଷାନରେ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱାରୋପ

ଯୋଜନାରେ ସମ୍ପ୍ରତି ୪୫ଲକ୍ଷ ୬୦ହଜାର ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି । ପ୍ରତିବର୍ଷ ସେମାନଙ୍କୁ ଦୁଇହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତି ପ୍ରଦାନ କରାଯାଉଛି । ଚଳିତ ବର୍ଷ ଆଉ ୬ଲକ୍ଷ ୬୧ହଜାର ନୂତନ ଚାଷୀ ପଞ୍ଜିକୃତ ହେବା ପାଇଁ ଆବେଦନ କରିଛନ୍ତି । ସେହିଭଳି, ପିଏମ୍-କିଷାନ ଯୋଜନା ଅଧିନରେ ପ୍ରାୟ ୩୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହୋଇସାରିଛନ୍ତି । ସିଏମ୍-କିଷାନ ଦ୍ୱାରା କରାଯାଉଛି । ରାଜ୍ୟ ସରକାର ଫାର୍ମର୍ ରେଜିଷ୍ଟ୍ରୀ ପୋର୍ଟାଲ୍ ମାଧ୍ୟମ

ଜୀବନ ସହ ସଂଗ୍ରାମ କରୁଛନ୍ତି ୩ ବର୍ଷର ଶିଶୁ କନ୍ୟା
କିଡ଼ନୀ ପ୍ରତ୍ୟାରୋପଣ ନିମନ୍ତେ ଡିଆଇସିଙ୍କ ନିକଟରେ ଆବେଦନ

ଛତ୍ରପୁର, (ସବ୍ୟୁ): ଜୀବନ ସହ ସଂଗ୍ରାମ କରୁଛି ଜଣେ ୩ବର୍ଷର ଶିଶୁ କନ୍ୟା। ସେପଟେ ଶିଶୁ କନ୍ୟାର ଜୀବନ ବଞ୍ଚାଇବା ନିମନ୍ତେ କାନ୍ଦି କାନ୍ଦି ସହାୟତା ନିମନ୍ତେ ନିବେଦନ କରୁଛନ୍ତି ମା । ଏଭଳି ଦୁଖଃଦ ଘଟଣା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତର ଚମାଖଣ୍ଡି ଛକ ସ୍ଥିତ ଏନ.କ୍ରିଷ୍ଣା ରେଡ୍ଡୀ ଓ ଉର୍ମିଳା ରେଡ୍ଡୀଙ୍କ ଘରେ ଦେଖିବାକୁ ମିଳିଛି। ତାଙ୍କର ୩ ବର୍ଷର ଶିଶୁ କନ୍ୟା ଅନୁଷ୍କାଙ୍କ ୨ଟି କିଡ଼ନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତାଙ୍କର ବିଭିନ୍ନ ମେଡିକାଲରେ ଚିକିତ୍ସା ପରେ ଶେଷରେ କଟକ ଶିଶୁ ଭବନରେ ଡାଏଲିସିସ କରାଯାଉଛି। ଅନୁଷ୍କାର କିଡ଼ନୀ ପ୍ରତ୍ୟାରୋପଣ ନିମନ୍ତେ ଅନୁମାନିକ ୩୦ ଲକ୍ଷ ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି । ଏଥିସହିତ ଓଡ଼ିଶାରେ ନହୋଇ ସୁଦୂର ବାଙ୍ଗାଲୋରରେ ଚିକିତ୍ସା କରାଯିବା ଏତେ ଅର୍ଥ ଯୋଗାଡ଼ କରିବା ବାପା ମା'ଙ୍କ ପକ୍ଷେ ସମ୍ଭବ ନୁହେଁ । ଏନେଇ ଅନୁଷ୍କାଙ୍କ ବାପା ମାଆ ସହାୟତା ନିମନ୍ତେ ସମସ୍ତଙ୍କୁ ନିବେଦନ କରିଛନ୍ତି। ମା ତାଙ୍କ ଝିଅକୁ କିଡ଼ନୀ ଦେବେ ବୋଲି ମନସ୍ଥ କରିଥିଲେ ହେଁ ଅର୍ଥ ବାଧକ ସାଜିଥିଲା। ଏସମ୍ପର୍କରେ ଖବର ପ୍ରସାରଣ ପରେ ଛତ୍ରପୁର ବ୍ଲକ ମ୍ୟୁନିସିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡଣ୍ଟ ଡାକ୍ତର ସ୍ୱାଧୀନ ରଥ ସୋମବାର ଏକ ସ୍ୱାସ୍ଥ୍ୟ ଟିମ ନେଇ ଅନୁଷ୍କାଙ୍କ ଘରକୁ ଯାଇଥିଲେ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କିଡ଼ନୀ ରୋଗୀଙ୍କ ସ୍ୱାସ୍ଥ୍ୟ ବିଭାଗ ଚିକିତ୍ସା କରୁଛି ବୋଲି ସୁପରିଟେଣ୍ଡଣ୍ଟ କହିଛନ୍ତି । ଭଲ ରେଫରାଲ ୟୁନିଟକୁ ପଠାଇ କିଭଳି ଶିଶୁଟିର କିଡ଼ନୀ ପ୍ରତ୍ୟାରୋପଣ କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବା ଏଥି ସକାଶେ ଡିଆଇସି ନିକଟରେ ଆବେଦନ କରାଯାଇଛି । ଆସନ୍ତା ସୋମବାର କୋ ମେଡିକାଲରେ ତାଙ୍କର ଚିକିତ୍ସା କରାଯିବ । ଉକ୍ତ ସ୍ୱାସ୍ଥ୍ୟ ଟିମରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡାକ୍ତର ସ୍ମୃତି ସାଗର ନାୟକ ଓ ଡାକ୍ତର ମଧୁସ୍ମିତା ବେହେରା ଏବଂ ତାଙ୍କ ଟିମ ଓ ଚମାଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କିରଣ ପଣ୍ଡା, ଏଏନଏମ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ସାମିଲ ଥିଲେ।

ନାରୀଙ୍କ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାରିପଦା, (ସବ୍ୟୁ) : ରାଜ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଓ ସ୍କୁଲ ଛାତ୍ରୀଙ୍କ ଉପରେ ଯୌନ ଶୋଷଣ ବିରୁଦ୍ଧରେ ମୟୂରଭଞ୍ଜ ଜିଲ୍ଲାପାଳ ଅଫିସ ଘେରାଉ କରିବା ସହିତ ଗର୍ଜିଛି ଜିଲ୍ଲା କଂଗ୍ରେସ । ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପ୍ରଭାରୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆଜି ସହସ୍ରାଧିକ କଂଗ୍ରେସ କର୍ମୀ ଜିଲ୍ଲା ମହକୁମାରେ ଶଙ୍ଖ ପ୍ରଦର୍ଶନ କରିଛି । ଜିଲ୍ଲାର ସମସ୍ତ ପୁରୁଖା ନେତା, ବିଧାୟକ ପ୍ରାର୍ଥୀ, ଛାମୁଆ ସଂଗଠନ ର ନେତା ମାନେ ଆଜି ଏକାଠି ହୋଇ ବିଜେପି ବିରୁଦ୍ଧରେ ଶାଣିତ ସ୍ୱର ଉଠାଇଥିଲେ । ଏହି ଅବସରରେ ଏକ ସୁଶୋଭିତ ପଟୁଆର ମାଆମ୍ବିକା ମନ୍ଦିର ପାଖରୁ ବାହାରି ବଡ଼ବଜାର ଦେଇ ଆସି ଜିଲ୍ଲା ପାଳ ଅଫିସ ପହଞ୍ଚିଥିଲା । ସେଠାରେ ଜିଲ୍ଲାପାଳ ଅଫିସକୁ ୨ ଘଣ୍ଟା ଧରି ଘେରାଉ କରି ରଖିବା ସହିତ ଏକ ପ୍ରତିବାଦ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରୀୟା, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ଲମ୍ବୋଦର ସିଂ, ପ୍ରଭାସ କରମହାପତ୍ର, ପ୍ରମୋଦ ହେମ୍ବ୍ରମ, ମୁରଲୀ ନାୟକ, ଗୌରୀ ନାୟକ, ଯୋଗେଶ ଅଗ୍ରୱାଲ, ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ଗୋଷକ୍ଷଲ, ଶାନ୍ତନୁ ପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ଜିଲ୍ଲା ପ୍ରଭାରୀ ଶ୍ରୀ ଦାସ ମୁଖ୍ୟଅତିଥି ଭାବରେ ବକ୍ତବ୍ୟ ଦେଇ ୮ମାସର ବିଜେପି ଶାସନ ସମୟରେ ୧୬ଶହ ନାରୀ ଓ ସ୍କୁଲ ଛାତ୍ରୀଙ୍କ ଉପରେ ନିର୍ଯ୍ୟାତନା ଘଟଣା ଓଡ଼ିଶା ବାସୀଙ୍କୁ ଲଜ୍ଜିତ କରିଛି ବୋଲି କହିଥିଲେ । ନାରୀ ମାନଙ୍କ ଉପରେ ହିଂସା, ଧର୍ଷଣ, ପାଶବିକ ଅତ୍ୟାଚାର ଇତ୍ୟାଦି ଘଟଣା ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି ଏବଂ ତାହା ବିରୁଦ୍ଧରେ ତଥା ନାରୀ ମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ରାଜ୍ୟ ତମାମ ଆନ୍ଦୋଳନକୁ ଉହ୍ଲାଇଛି ବୋଲି କହିଥିଲେ । ଯେଉଁ ଜିଲ୍ଲାରୁ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇଛନ୍ତି ସେହି ଜିଲ୍ଲାରେ ମଧ୍ୟ ସ୍କୁଲ ଛାତ୍ରୀ ଯୌନ ଶୋଷଣର ଶିକାର ହେଉଛନ୍ତି । ରାଜ୍ୟରେ ସବୁ ଜିଲ୍ଲା ମାନଙ୍କରେ ଆଦିବାସୀ, ଦଳିତ ଓ ପଛୁଆ ବର୍ଗଙ୍କ ଉପରେ ଅତ୍ୟାଚାର ବଢିଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଜବାବ୍ ଦେବାକୁ ଦାବି କରିଥିଲେ କଂଗ୍ରେସ ର ଶ୍ରୀ ଦାସ । ସଭା ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଗଲାବେଳେ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପାଇଁ ବିକ୍ଷୋଭକାରୀ ମାନେ ଅସନ୍ତୋଷ ପ୍ରକାଶ କରିବ ସହିତ ତାଙ୍କ ଅନୁପସ୍ଥିତି ପାଇଁ ନିନ୍ଦା ପ୍ରସ୍ତାବ ଆଣିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଆସି ଦାବିପତ୍ର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ରାଜ୍ୟ ଉପାଧ୍ୟକ୍ଷ ଜବା ଟୁଡୁ, ସମ୍ପାଦକ ମୀନକେତନ ବେହେରା, କିଶାନ କଂଗ୍ରେସର ଦୀପକ ଦାଶ, ଚୈତନ୍ୟ ହାଁସଦାଃ, ଚନ୍ଦନ ସିଂ, ବଦଳ ସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ । ଶେଷରେ ଟାଉନ କଂଗ୍ରେସର ପୂର୍ବତନ ସଭାପତି ଶାନ୍ତନୁ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

କଂଗ୍ରେସର ପ୍ରତିବାଦ ରାଲି, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଭଂଜନଗର, (ସବ୍ୟୁ): ଗଂଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ କମିଟି ପକ୍ଷରୁ ଭଂଜନଗର ଠାରେ କଂଗ୍ରେସ ଦଳ ପକ୍ଷରୁ ପ୍ରତିବାଦ ରାଲି ଏବଂ ଉପ-ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ସ୍ଥାନୀୟ କଂଗ୍ରେସ ନେତା ପ୍ରଶାନ୍ତ କୁମାର ବିଷୋୟୀଙ୍କ ନେତୃତ୍ୱରେ ଦଳର ବହୁ ବରିଷ୍ଠ ନେତା, ମହିଳା ନେତ୍ରୀ ଏବଂ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଦଳୀୟ ସମର୍ଥକ ମାନେ ସାମିଲ୍ ହୋଇଥିଲେ । ଭଂଜନଗର ଷ୍ଟେଟବ୍ୟାଙ୍କ ଛକରୁ ପ୍ରତିବାଦ ରାଲିରେ ବାହାରି ସହର ପରିକ୍ରମା କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ପଥପ୍ରାନ୍ତ ସଭା କରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନିଜର ପ୍ରତିକ୍ରିୟା ରଖିଥିଲେ । ରାଜ୍ୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଚଳିତ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢିଛି । ଖାଦ୍ୟ ସାମଗ୍ରୀ ଠାରୁ ଅରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଅହେତୁକ ଦରଦାମ ବୃଦ୍ଧି ପାଇଛି । ତେଣୁ ଏହାର ପ୍ରତିବାଦ କରି ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଏହି ଆନ୍ଦୋଳନକୁ ଓହ୍ଲାଇଥିବା ନେଇ ବରିଷ୍ଠ ନେତା ମାନେ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ପରେ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ, ଉପଜିଲ୍ଲାପାଳଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଆୟୋଜିତ ପ୍ରତିବାଦ ରାଲି ଓ ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ରନାଥ ଶର୍ମା, ସୋରଡା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ହରିକୃଷ ରଥ, ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ମହିଳା ନେତ୍ରୀ ସୁଦୀପ୍ତା ଦାସ, ଶୁକାନ୍ତ କୁମାର ଦିଗାଲ୍‌ଙ୍କ ସମେତ ବହୁ ସଂଖ୍ୟକ ଆଗଧାଡିର ନେତା, ଦଳୀୟ କର୍ମୀ ଓ ସମର୍ଥକ ମାନେ ଯୋଗ ଦେଇଥିଲେ ।

ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଯାପିତ
ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥକୁ ସ୍ୱାଗତ କଲେ ଜିଲ୍ଲାବାସୀ

ବାରିପଦା, (ସବ୍ୟୁ) : ବିଗତ ୯ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ବଳାଙ୍ଗୀ ମହୋତ୍ସବ କମିଟିର ଯୁବଶାଖା ବଳାଙ୍ଗୀ ସେନା ପକ୍ଷରୁ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଚଳିତ ବର୍ଷ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହୋଇ ଥିବାବେଳେ, ୯ତାରିଖ ରାତିରେ ବାରିପଦା ସହର ଶୋଭାଯାତ୍ରା ପରେ ଛଉପଡିଆ ନିକଟରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ବଳାଙ୍ଗୀ ମୋହତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ସଦସ୍ୟ ଇନ୍ଦୁମତି ମହାନ୍ତି ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର ଅସ୍ମିତା ଏବଂ ଐତିହ୍ୟର ସୁରକ୍ଷା ପାଇଁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକ ମାନଙ୍କର ତିନିଦିନ ବ୍ୟାପି ଅକ୍ଳାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇବା ସହ ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଜିଲ୍ଲାର କୁଳିଅଣା, କଳାବାଡିଆ, ଝାରପୋଖରୀଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା, ହୁଡୁ, ଜାମଦା, ଗଡ, ଭାଲୁବସା, ଜଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା, ଉଦଳା, ଖୁଣ୍ଟା, ହରିପୁର ଗଡ଼, ବଡ଼ସାହି, ମାଣତ୍ରୀ, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଠା, ଶୁଳିଆପଦା ଓ ଦେଉଳି ଆଦି ସ୍ଥାନରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସମସ୍ତ ଅନୁଷ୍ଠାନ ଏବଂ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଜାଗରଣ ଯାତ୍ରାରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ୪୦ରୁ ଊର୍ଦ୍ଧ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲ୍ଲାର ୬୫୦କିଲୋମିଟର ପରିକ୍ରମା କରି ସାଂସ୍କୃତିକ ଏବଂ ସାମାଜିକ ସଚେତନତା ସୃଷ୍ଟି କରିଥିଲେ ।

୧୫ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍
ଫାଇନାଲ ଜିତିଲା କଟକ ରାଇଜିଂ ଷ୍ଟୁଡେଣ୍ଟ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରେ ସର୍ବ ଭାରତୀୟ ୧୫ତମ ବିଜୁ ପଟ୍ଟନାୟକ ମେମୋରିଅଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରାଇଜିଙ୍ଗ ଷ୍ଟୁଡେଣ୍ଟ (କଟକ) ବନାମ ଆଲଫା ସ୍ପୋର୍ଟିଙ୍ଗ କ୍ଲବ (ବ୍ରହ୍ମପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଇଜିଙ୍ଗ ସ୍ଟୁଡେଣ୍ଟ ଟସ ଜିତି ପ୍ରଥମେ ବୋଲିଙ୍ଗର ନିଷ୍ପତ୍ତି ନେଇଥିଲେ । ଆଲଫା ସ୍ପୋର୍ଟିଙ୍ଗ କ୍ଲବ ବ୍ୟାଟିଙ୍ଗ ଆରମ୍ଭ କରି ୨୭ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୧ ରନ କରିଥିଲେ । ଦଳ ପକ୍ଷରୁ ଟୁକୁନା ସାହୁ ୪୬ ବଲ ଖେଳି ୬୭ ରନ କରିଥିଲେ । ରାଇଜିଙ୍ଗ ସ୍ଟୁଡେଣ୍ଟ ଦଳ ପକ୍ଷରୁ ବୋଲିଙ୍ଗରେ ଜାମଲା ବି ମହାପାତ୍ର ୬ ଓଭର ପକାଇ ୩୩ ରନ ଦେଇ ୪ ଗୋଟି ୱିକେଟ୍ ଓ ଆଦିତ୍ୟ ରାଉତ ୨ ଓଭର ପକାଇ ୩ ରନ ଦେଇ ୩ ଗୋଟି ୱିକେଟ୍ ଅକ୍ତିହାର କରିଥିଲେ । ଜବାବରେ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ୨୪ ଓଭର ଖେଳି ୨ ଗୋଟି ୱିକେଟ୍ ବିନିମୟରେ ଆବଶ୍ୟକ ୧୩୨ ରନ କରି ବିଜୟ ମୁକୁଟ ପିନ୍ଧିଲେ । ଦଳ ପକ୍ଷରୁ ଆଦିତ୍ୟ ରାଉତ ୪୫ ବଲ ଖେଳି ୬୦ ରନ କରିଥିଲେ । ଅଲଫା ସ୍ପୋର୍ଟିଙ୍ଗ ଦଳ ପକ୍ଷରୁ ବୋଲିଙ୍ଗରେ ଟୁକୁନା ସାହୁ ୬ ଓଭର ପକାଇ ୨୬ ରନ ଦେଇ ଗୋଟିଏ ୱିକେଟ୍ ଅକ୍ତିହାର କରିଥିଲେ। ଏହି ମ୍ୟାଚକୁ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ୮ ଗୋଟି ୱିକେଟ୍ ରେ ମ୍ୟାଚ ଜିତିନେଇଥିଲା। ଆଜିର ଏହି ଖେଳକୁ ଏମ୍ପାୟର ଭାବେ ଆଶୁତୋଷ ପାଣି ଓ ସୁଶାନ୍ତ ପଣ୍ଡା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସତ୍ୟନାରାୟଣ ପରିଡା ଓ କିରଣ ମନୋହର ମହାନ୍ତି ଦାୟିତ୍ୱରେ ଥିଲେ । ମ୍ୟାଚରେ ମ୍ୟାନ ଅଫ ଦା ମ୍ୟାଚ ଭାବେ ରାଇଜିଙ୍ଗ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତଙ୍କୁ ମନୋନୀତ ହୋଇଥିବା ବେଳେ, ବେଷ୍ଟ ବ୍ୟାଟସ ମ୍ୟାନ ଭାବେ ବିଶାଖା ପାଟନାମ ଦଳର ହେମନ୍ତ ରେଡି, ବେଷ୍ଟ ବୋଲର ଭାବେ ରାଇଜିଙ୍ଗ ଷ୍ଟୁଡେଣ୍ଟର ଜାମୁଲା ବି ମହାପାତ୍ର ଓ ମ୍ୟାନ ଅଫ ଦ ସିରିଜ ଭାବେ ବିଶାଖା ପାଟନାମ ବି. ସତୀଭିକ୍ ବିବେଚିତ ହୋଇଥିଲେ । ଉଦଯାପିତ ଉତ୍ସବରେ ଟୁର୍ନାମେଣ୍ଟର ଚେୟାରମ୍ୟାନ ତଥା ଜିଲ୍ଲା ବିଜେଡି ସଭାପତି ଡ଼. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ତଥା ସାଂସଦ ପାର୍ଥୀ ଭୃଗୁ ବକ୍ସି ପାତ୍ର,ପୂର୍ବତନ କାଜୁ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରଣା, ଓଡିଶା ବାସ୍କେଟ ବଲ ଆସୋସିଏସନ ରାଜ୍ୟ ସମ୍ପାଦକ ଅଶୋକ ସାହୁ, ନେସେନାଲ ବକ୍ସି ରେଫେରୀ ଶିଶିର କୁମାର ପାଣିଗ୍ରାହୀ, ବିଜେଡି ନେତା ଜଗନ୍ନାଥ ସାବତ, ପୂର୍ବତନ ରାଜ୍ୟ ଖେଳାଳି ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ରନର ଟିମକୁ ଟ୍ରଫି ସହ ୬୬ ହଜାର ଉଇନର ଟିମକୁ ଟ୍ରଫି ସହ ୧ ଲକ୍ଷ ୧୧ ହଜାର ପ୍ରଦାନ କରିଥିଲେ। ଏହା ସହ ଓଡିଶା ରଣଜି ଖେଳାଳି ସ୍ୱସ୍ତିକ ସାମଲଙ୍କୁ ସମ୍ମାନିତ କରିବା ସହ, ଆଲଫା ସ୍ପୋର୍ଟିଙ୍ଗ କ୍ଲବ ଖେଳାଳି ଅଭିନୀତ କୁମାର ପଟ୍ଟନାୟକ, ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ଛତ୍ରପୁର, (ସବ୍ୟୁ): ବିଜେପି ସରକାରର ଶାସନ କାଳରେ ଓଡିଶାରେ ଭୂଷିଡ଼ି ପଡ଼ିଥିବା ଆଇନ ଶୃଙ୍ଖଳାର ପ୍ରତିବାଦରେ ଗଞ୍ଜାମ ଜିଲା କଂଗ୍ରେସ କମିଟି(ପୂର୍ବ)ପକ୍ଷରୁ ସୋମବାର ପୂର୍ବାହ୍ନରେ ମହିଳାମାନଙ୍କ ପ୍ରତି ଅକଥନୀୟ ନିର୍ଯାତନା ବିରୋଧରେ ଏବଂ ମହିଳାମାନଙ୍କ ସୁରକ୍ଷା ଦାବିରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଛି। ମହିଳାମାନଙ୍କ ପ୍ରତି ହେଉଥିବା ବଳାତ୍କାର, ଗଣବଳାତ୍କାର ଓ ସଂଗୀନ ଅପରାଧ ବନ୍ଦ କରିବା, ମହିଳାମାନଙ୍କ ପ୍ରତି ହେଉଥିବା ପାଶବିକ ଅତ୍ୟାଚାରର ଅତ୍ୟାଚାରୀମାନଙ୍କୁ ସୁରକ୍ଷା ଦେଉଥିବା ଭାଜପା ସରକାରଙ୍କ ଇସ୍ତଫା, ଡବଲ ଇଞ୍ଜନ ସରକାର ମହିଳାମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ବନ୍ଦ କରିବା, ଅପରାଧୀମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରି ନାରୀଙ୍କୁ ନ୍ୟାୟ ଦେବା, ଆବାସିକ ବିଦ୍ୟାଳୟରେ ଆଦିବାସୀ ଓ ଦଳିତ ସ୍କୁଲ ଛାତ୍ରୀଙ୍କ ପ୍ରତି ହେଉଥିବା ଯୌନ ବ୍ୟଭିଚାର ବନ୍ଦ କରିବା, ରାଜ୍ୟରେ ମହିଳା ସୁରକ୍ଷା ଏବଂ ବିକାଶର ସ୍ଲୋଗାନ ଦେଇ ଶାସନକୁ ଆସିଥିବା ଭାଜପା ସରକାରର ୮ ମାସର ଶାସନ କାଳରେ ମହିଳା ହିଂସା ଘଟଣା ସୀମା ଟପିଛି। ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି । ଡବଲ ଇଞ୍ଜିନ ସରକାରରେ ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସହ ୨ ଛାତ୍ରୀ ମା' ହେବା ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି ବୋଲି କଂଗ୍ରେସ କହିଛି। ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମହିଳାଙ୍କ ବିକାଶ କଥା ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହଛନ୍ତି । ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି । ଗତ ୮ ମାସ ମଧ୍ୟରେ

ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରକ୍ରିୟା ଆରମ୍ଭ
ଏଡ଼ିଏମ ଅଫିସରେ ହେବ ଦସ୍ତଖତ ଯାଞ୍ଚ

ବ୍ୟାସନଗର(ଜିପ୍ର): ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ ହୋଇଛି । ସଙ୍ଗୀତାଙ୍କ ବିରୁଦ୍ଧରେ ଯେଉଁ ୧୧ ପାରିଷଦ ଅନାସ୍ଥା ଆଣିଛନ୍ତି, ସେମାନଙ୍କ ଦସ୍ତଖତ ଯାଂଚ ପାଇଁ ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ କଳିଙ୍ଗନଗରଙ୍କୁ ନିର୍ଦ୍ଦେଶ ଆସିଛି । ଜିଲାପାଳଙ୍କୁ ଯେଉଁ ପାରିଷଦ ଅଭିଯୋଗ କରିଥିଲେ ସେମାନଙ୍କ ଦସ୍ତଖତ ଆସନ୍ତାକାଲି ଯାଂଚ କରାଯିବ । ଏନେଇ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପାରିଷଦଙ୍କୁ ଆଜି ନୋଟିସ କରାଯାଇଛି । ନୋଟିସରେ କୁହାଯାଇଛି, କି ମଙ୍ଗଳବାର ଦିବା ୧ଘଟିକା ସମୟରେ ଉପସ୍ଥିତ ରହି ଅତିରିକ୍ତ ଜିଲାପାଳଙ୍କ ସମ୍ମୁଖରେ ଦସ୍ତଖତ କରିବେ । ଉକ୍ତ ଦସ୍ତଖତ ସହ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଆବେଦନ ଦସ୍ତଖତକୁ ଯାଂଚ କରାଯିବ । ସୂଚନା ଥାଉକି ଅଧ୍ୟକ୍ଷାଙ୍କ ମନମାନି, ବିକାଶରେ ବାଧକ, ପାରିଷଦଙ୍କୁ ବିଶ୍ୱାସକୁ ନନେବା ଏବଂ ସର୍ବୋପରି କାଉନସିଲ ବୈଠକରେ ପାରିତ ପ୍ରସ୍ତାବକୁ ଖାତିର ନକରିବା ଭଳି ଅଭିଯୋଗ ଆଣି ଉପନଗରପାଳ ସୁବାସ ବଳଙ୍କ ସହ ପାରିଷଦ ପାର୍ଥସାରଥୀ ନାୟକ, ବିଜୟ କୁମାର ଜେନା, ମୋନାଲିସା ସାହୁ, ସରିତା ଜେନା, ମଣିନ୍ଦ୍ର ସାହୁ, ସୁଜାତା ପ୍ରୀୟଦର୍ଶନୀ ପରିଡ଼ା, ଉର୍ମିଳା ପରିଡ଼ା, ରଶ୍ମିତା ଖୁଂଟିଆ, ଅଶୋକ କୁମାର ରାଉତ୍, ସରୋଜିନୀ ସେଠୀ ପ୍ରମୂଖ ଚଳିତ ମାସ ୬ତାରିଖରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୁଦ୍ଧରେ ଜିଲାପାଳ ପି.ଅନ୍ୱେଷା ରେଡ଼ୀଙ୍କ ନିକଟରେ ଅନାସ୍ଥା ଆଗତ କରିଥିଲେ ।

ପାନୀୟ ଜଳ ସଙ୍କଟ: ବିଡ଼ିଓଙ୍କୁ ଅଭିଯୋଗ କଲେ ମହିଳା

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ବ୍ଲକ ଅଧୀନ ତେରଗାଁ ପଂଚାୟତସ୍ଥ ତେରଗାଁ ପଟଣା ଅନ୍ତର୍ଗତ ୧୪ଓ ୧୫ନଂ ୱାର୍ଡ କୁ ମାସାଧିକ ହେବ ପାଇପ ଯୋଗେ ପାନୀୟ ଜଳ ପହଂଚିପାରୁନି । ସେପଟେ ପଟଣାପଡାରେ ଥିବା ନଳକୂପର ଜଳ ବ୍ୟବହାର ଅଯୋଗ୍ୟ ହୋଇପଡିଛି । ଏପରିକି ନଳକୂଅରୁ ବାହାରୁ ଥିବା ପାଣି ଜଙ୍ଗ ଓ ହଳଦିଆ ରଙ୍ଗର ହୋଇଥିବାରୁ ବ୍ୟବହାର କରି ପଡ଼ାର କଛ ଲୋକେ ବଭନ୍ନ ରୋଗର ସମ୍ମୁଖୀନ ହେଉଥିବାର ନଜିର ରହିଛି । ଜଳ ସମସ୍ୟା ଉତ୍କଟ ହେବାରୁ ସ୍ଥାନୀୟ ଲୋକେ ଆଠ ଦିନ ତଳେ ମହାକାଳପଡ଼ା ବିଡ଼ିଓଙ୍କୁ ସାକ୍ଷାତ ସମସ୍ୟା ଜଣାଇବା ସହିତ ଲିଖିତ ଅଭଯୋଗ କରଥିଲେ । ମାତ୍ର ଦୁଃଖର ବିଷୟ ବଦତେରଗାଁ ଠାରେ ଅବସ୍ଥାପିତ ନୂତନ ପମ୍ପ ହାଉସରୁ ପଟଣାକୁ ପାଇପ ଯୋଗେ ପାନୀୟ ଜଳ ପୁରା ବନ୍ଦ ହେବାରୁ ପଡ଼ାର ମହିଳାମାନେ ସୋମବାର ବିଡ଼ିଓଙ୍କୁ ସାକ୍ଷାତ କରିଛନ୍ତି । ଏନେଇ ବିଡ଼ିଓ ତ୍ୱରିତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବେ ବୋଲି ଅଭିଯୋଗ କାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏତଦ୍ବ୍ୟତୀତ ପାଇପ ସଂଯୋଗ ହୋଇ ନଥିବା କିଛି ଷ୍ଟାଣ୍ଡ ପୋଷ୍ଟ କୁ ପାଇପ ସଂଯୋଗ କରିବା ସହିତ ଉତ୍ତମ ପାନୀୟ ଜଳ ପାଇପ ଯୋଗେ ଯୋଗାଣ ପାଇଁ ମରାମତ କର ସୁବନ୍ଦୋବସ୍ତ କରାଇବେ ବୋଲି ଅଭିଯୋଗ କାରୀଙ୍କୁ କହିଛନ୍ତ ।

ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ : ବିଚାରପତି

ରାଜନଗର ,(ସବ୍ୟୁ) :କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ ହଲ ପରିସରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଶୁକ୍ରବାର ପାଳିତ ହୋଇଯାଇଛି ।ଜିଲ୍ଲା ପ୍ରଶାସନ, ସମାଜମଙ୍ଗଳ ବିଭାଗ ଓ ଜିଲ୍ଲା ଆଇନସେବା ପ୍ରାଧିକାରଣର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁମଙ୍ଗଳ ଅଧିକାରୀ ବିଜୟ କୁମାର ସାହୁ ସଂଯୋଜନା କରିଥିଲେ । କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡ଼ା ମୁନିସିପାଲିଟି ଅଧକ୍ଷା ସରିତା ସାହୁ, ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ପିଓ ଭାରତୀ ମାଡାମ, ମିଶନ ଶକ୍ତି ଜିଲ୍ଲା ସଂଯୋଜିକା ଆରତୀ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଅଧକ୍ଷା ବିଚାରପତି ସୁମିତ୍ରା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆମର ସ୍ଥିତି କେତେ ମଜବୁତ ଅଛି ସେ ସମ୍ପର୍କରେ କହିବା ଶହ ପିତାଙ୍କର ହାତ ମୁଣ୍ଡ ଉପରେ ନଥିଲେ କୌଣସି ଝିଅ ଆଗକୁ ଯାଇପାରିବନାହିଁ । ଆମେ ନିଜର ମନକୁ ଓ ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଦରକାରା ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସିଡ଼ିଏମଓ, ଏଡ଼ିଏମଓ ପ୍ରମୁଖ ଯୋଗ ଦେଇଥିଲେ ।ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ସହିତ ପଲ୍ଲିଶ୍ରୀ ମହିଳା ସମିତି ପିଲାମାନଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ବିଭିନ୍ନ ଶିଶୁକାଶ ପ୍ରକଳ୍ପର ଅଧିକାରିଣୀ ମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ଓ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଓ ଛାତ୍ର, ଏଏନଏମ, ଅଙ୍ଗନବାଡି କର୍ମୀ, ସହାୟିକା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ସୂଚନାଯୋଗ୍ୟ ରାଜନଗର ଆଇସିଡ଼ିଏସ ପ୍ରୋଜେକ୍ଟ ରେ ଉତ୍ତମ ପ୍ରଦର୍ଶନ ସହ ଲୋକଙ୍କୁ କ୍ୱାଲିଟି ଆଇସିଡ଼ିଏସ ସେବା ଯୋଗାଇବା ଲାଗି ଅଙ୍ଗନବାଡି କର୍ମୀ ପୁଷ୍ପ ଲତା ରଥ ଙ୍କୁ ଅତିଥି ମାନଙ୍କ ଦ୍ୱାରା ଆନ୍ତର୍ଜାତିକ ମହିଳା ଦିବସରେ କେନ୍ଦ୍ରାପଡ଼ା ଠାରେ ସମ୍ମାନିତ କରାଯାଇଛି । ଏଏନଏମ ମନୋରମା ପାତ୍ର ଙ୍କୁ ସମ୍ମାନିତ କରାଯାଇଛ । ଶେଷରେ ସମାଜ ମଙ୍ଗଳ ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଣଶୁଦ୍ଧିଆ ଯୋଗୁ ଛାତ୍ରଛାତ୍ରୀ ବାରଣ୍ଡାରେ ଭିଡିଓ ଭାଇରାଲ
ତଦନ୍ତ ପରେ ଦୃଢ କାର୍ଯ୍ୟାନୁଷ୍ଠାନ :ଅତିରିକ୍ତ ଜିଲ୍ଲାପାଳ

ଜଗତସିଂହପୁର ,(ସବ୍ୟୁ) :ବାଲିକୁଦା ବ୍ଲକ ନାଗପୁର ପଞ୍ଚାୟତ ଠାକୁରପାଟଣା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା ।ଏହି ବିଦ୍ୟାଳୟରେ ପଢୁଥିବା କିଛି ପିଲାଙ୍କର ଅଣ ଶୁଦ୍ଧିଆ ଥିବାରୁ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସେମାନଙ୍କୁ ଅଲଗା ବାରଣ୍ଡାରେ ବସାଇବାର ଏକ ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ତିନି ଜଣ ଛାତ୍ରଛାତ୍ରୀଙ୍କର ଅଣସୁଦ୍ଧିଆ ଥିବାରୁ ପ୍ରଦାନ ଶିକ୍ଷୟିତ୍ରୀ ସସ୍ମିତା ସ୍ୱାଇଁ ସେମାନଙ୍କୁ ବାହାରେ ବସାଇଥିବା ଜଣାଯାଇଛି ।୧୦ ତାରିଖ ସୁଦ୍ଧା ପରୀକ୍ଷା ଅଛି ,ସେତେବେଳକୁ ଶୁଦ୍ଧି ଘର ସରିଯାଇଥିବ ବୋଲି ପିଲାମାନଙ୍କୁ କହୁଥିବାର ଭିଡିଓରୁ ସ୍ପଷ୍ଟ ସୂଚନା ମିଳୁଛି ।ପିଲାମାନେ ବାହାରେ ବସିଥିବା ଘଟଣା ବିଷୟରେ ଜାଣିବା ପରେ ଜଣେ ଅଭିଭାବକ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କର ଏହି ଭିଡିଓ ଉତ୍ତୋଳନ କରି ଭାଇରାଲ କରିଥିଲେ ।ଭାଇରାଲ ଭିଡିଓରୁ ପିଲା ମାନଙ୍କ କୁଟୁମ୍ବରେ କେହି ଜଣେ ମୃତ୍ୟୁ ବରଣ କରିଥିବାରୁ ସେମାନଙ୍କର ଅଣ ସୁଧିଆ ହୋଇଛି । ଗତ ଶନିବାର ଦିନ ଏହି ତିନି ତିନି ଜଣ ପିଲାଙ୍କୁ ଶ୍ରେଣୀଗୃହରୁ ବାହାର କରି ଅଲଗା ଭାବରେ ସ୍କୁଲ ବାରଣ୍ଡାରେ ବସାଇ ଦେଇଥିଲେ ପ୍ରଧାନ ଶିକ୍ଷୟତ୍ରୀ। ଏହା ସହିତ ହାତରେ ଏକ ବେତ ଧରି ସେମାନଙ୍କୁ ଶ୍ରେଣୀ ଗୃହକୁ ନ ଆସିବାଆକୁ ତାଗିଦ କରିଥିଲେ ।ଏଠି ପ୍ରଶ୍ନ ଉଠେ କି ପ୍ରଧାନ ଶିକ୍ଷୟିତ୍ରୀ କିପରି ଭାବରେ ଏମିତି ଅମାନୁଷିକ କାର୍ଯ୍ୟ କରିଲେ। କୁନି କୁନି ପିଲାଙ୍କୁ ଛୁଆଁ ଅଛୁଆଁ ଭେଦଭାବ ପାଇଁ ତାଙ୍କୁ ଅଲଗା କରି ବାରଣ୍ଡାରେ ବସାଇବା ଓ ବେତ ଧରି ତାଗିତ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ହୋଇଥିବା ବେଳେ ଏହାର ତଦନ୍ତ କରାଯାଇ ଆବଶ୍ୟକୀୟ ପଦକ୍ଷପ ଗ୍ରହଣ କରାଯିବାକୁ ସମାଜସେବୀ ପ୍ରଶାନ୍ତ ରାଉତରାୟଙ୍କ ସମେତ ବିଭିନ୍ନ ମହଲରେ ଦାବି ହେଉଛ।ି ଅନ୍ୟପଟରେ ଏହି ଘଟଣାକୁ ସମ୍ପୃକ୍ତ ପ୍ରଧାନ ଶିକ୍ଷୟତ୍ରୀ ଅସ୍ୱୀକାର କରିଛନ୍ତି । ପିଲାମାନେ ଦୁଷ୍ଟ ହେବାରୁ ସେମାନଙ୍କୁ ବାରଣ୍ଡାରେ ଅଲଗା ବସିଥିଲେ ବୋଲି ସଫେଇ ଦେଇଛନ୍ତି ।ସଂପୃକ୍ତ ଶିକ୍ଷୟିତ୍ରୀ ଜଣକ ଉକ୍ତ ବିଦ୍ୟାଳୟରେ ୧୯୯୭ ରୁ ଅର୍ଥାତ ଦୀର୍ଘ ୨୮ ବର୍ଷ ହେବ ସେହି ଗୋଟିଏ ସ୍କୁଲରେ କାର୍ଯ୍ୟରତ ରହିଛନ୍ତି ବୋଲି କହିଛନ୍ତି ।ବିଦ୍ୟାଳୟରେ ପିଲାମାନଙ୍କୁ ମଧ ଏଭଳି ଭାବରେ ଭୟଭିତ କରି କୁହାଯାଇଛି ସେମାନେ କାହିଁକି ବାହାରେ ବସିଥିଲେ ସେ ବାବଦରେ ସେମାନଙ୍କୁ ପଚାରିଲେ କିଛି ନକହି କେବଳ ଛିଡା ହୋଇ ରହୁଛନ୍ତି । ଏ ବାବଦରେ ଆମେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ ସେ ଏ ଭିଡିଓ ପାଇଥିବାର କହିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିବାର କହିଛନ୍ତି । ଘଟଣାର ତଦନ୍ତ କରାଯାଇ ଆବଶ୍ୟକୀୟ ପଦକ୍ଷପ ଗ୍ରହଣ କରାଯିବ ବୋଲି ବାଲିକୁଦା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଝରଣା ମହାନ୍ତି କହିଛନ୍ତି ।ଏହା ବାବଦରେ ଅତିରିକ୍ତ ଜିଲ୍ଲାପାଳ ସମିତ ରାଉତଙ୍କୁ ପଚାରିବାରୁ ଘଟଣା ବାବଦରେ ଆମେ ଅବଗତ ହେବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦିଆଯାଇଛି ।ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ସାଲେପୁର ଅଞ୍ଚଳରେ ଚୋରା ନିଶା କାରବାର ବୃଦ୍ଧି

ସାଲେପୁର ,(ସବ୍ୟୁ) :ସାଲେପୁର ଅଞ୍ଚଳରେ ଏବେ ଚୋରା ନିଶା ବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟି ଥିବା ଅଭିଯୋଗ ହେଉଛି ।ଏଠାରେ ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନରେ ଚୋରା ନିଶା ବେପାରୀ ଓ ନିଶାଡୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି ।ବାହାର ଜିଲ୍ଲାରୁ ଚୋରା ନିଶା ଦ୍ରବ୍ୟ ଯଥା ଚରସ, ବ୍ରାଉନ ସୁଗାର ଆଣି ସାଲେପୁରର ବିଭିନ୍ନ ସ୍ଥାନରେ ବିକ୍ରିକରୁଥିବା ଜଣାପଡିଛି ।ଏମାନଙ୍କ ଟାର୍ଗେଟରେ କଲେଜ ପଢୁଆ ପିଲା ଓ ଯୁବପିଢ଼ ।ଏମାନଙ୍କୁ ନିଶାର କବଳିତ କରି ଚୋରା ବେପାରୀମାନେ ମାଲାମାଲ ହେଉଛନ୍ତି ।ସାଲେପୁର କଲେଜ ପୋଲ ପାଖ କେନାଲ ବନ୍ଧ ଠାରୁ ହରିଚନ୍ଦନପୁର ବ୍ୟାରେଜ ପାଖ ଦେଇ ଆତୋଡ଼ା, ବାରଗୋଡ଼ିଆ ଦେଇ ଖଇରା ପର୍ଯ୍ୟନ୍ତ କେନ୍ଦ୍ରାପଡା କେନାଲ ବନ୍ଧପାର୍ଶ୍ୱରେ ଚୋରା ଧଳା ଜହର ବେପାର ହେଉଥିବା ଅଭିଯୋଗ ହେଉଛି ।ସନ୍ଧ୍ୟା ହେଲେ ଏହି କେନାଲ ବନ୍ଦ ନିଛାଟିଆ ହେଇଯାଉ ଥିବାରୁ ଚୋରା ବେପାରୀମାନେ ଏହି ସ୍ଥାନକୁ ସୁରକ୍ଷିତ ମଣୁଛନ୍ତି । ସାଲେପୁର ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତାରୁ ଏଭଳି ହେଉଥିବା ଅଭିଯୋଗ ହେଉଛିଛସେହିପରି ସାଲେପୁର ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ଏବେ ପାନ ଦୋକାନରେ ବିକ୍ରୀ ହେଉଥିବା ଅଭିଯୋଗ ହେଉଛିଛଛୋଟ ଛୋଟ ନାମକୁ ମାତ୍ର ଦୋକାନ କରି ଏଥିରେ ଚୋରା ମଦ ବ୍ରିକ୍ରି ହେଉଥିବା ସାଧାରଣ ଲୋକ ଆଲୋଚନା କରୁଛନ୍ତିଛଏହି ଦୋକାନ ମାନଙ୍କରୁ ମଦ ପିଇ ନିଶାଡୀମାନେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଖରାପ ବ୍ୟବହାର କରୁଥିବା ଶୁଣିବାକୁ ମିଳୁଛିଛସାଲେପୁର ଅଞ୍ଚଳର ବୋଦାମୁଣ୍ଡାଇ, ମନୋହରପୁର, ରାଇସୁଙ୍ଗୁଡା, ମଡଙ୍ଗା, ମିଜାପୁର, ପଟୁଆ ହାଟ, ଜପକୂଦ,ଡିଲଦା, ମାଳ, ରାମେଶ୍ୱର, ସୌରୀ ଆଦି ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଦୋକାନ ମାନଙ୍କରେ ଚୋରା ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ।ସାଲେପୁର ଅବକାରୀ ବିଭାଗ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେଇ ପେଟ୍ରୋଲିଂ ଏବଂ ବିଭିନ୍ନ ସ୍ଥାନରେ ଚଢ଼ାଉ କଲେ ଏହି ଚୋରା ନିଶା ଦ୍ରବ୍ୟ କାରବାର ବନ୍ଦ ହୋଇଯିବ ବୋଲି ବୁଦ୍ଧିଜୀବୀ ମାନେ ଆଲୋଚନା ଆଲୋଚନା କରିଛନ୍ତି ।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

ଦେବକୀଙ୍କ ସ୍ମୃତିରେ ସତସଙ୍ଗ

କୁଆଖିଆ,(ସବ୍ୟୁ): କୁଆଖିଆ ହାଇୱେ ସତସଙ୍ଗ ବିହାର ପରିସରରେ ଶତାୟୁ ମହିଳା ଧର୍ମପରାୟଣ ସେବିକା ଦେବକୀ ସାମଲଙ୍କ ସ୍ମୃତି ରେ ସତସଙ୍ଗ ରୀତିକ ଡ଼ଃ ଡମ୍ବରୁ ଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସତସଙ୍ଗରେ ଦେଓ ଘର ସତସଙ୍ଗ କେନ୍ଦ୍ର ର ସହସମ୍ପାଦକ ରୀତିକ ଡ଼ଃ ବିନାୟକ ମହାପାତ୍ର, ଶ୍ରୀଧର ସୁନ୍ଦର ମିଶ୍ର, ଡ଼ଃ ବିଜୟ କୁମାର ନାୟକ, ହୃଷିକେଶ ସେନାପତି, ଅଚୁତା ନ ନ୍ଦ ପତି , ରାମଚନ୍ଦ୍ର ସାହୁ, ବଟକୃଷ୍ଣ ଦାସ, ଅଚୁତାନନ୍ଦ ସାହୁ, କୃଷ୍ଣ ପ୍ରସାଦ କର ଯୋଗ ଦେଇ ସାମଲଙ୍କ ସେବା ପରୋପକାରୀ ଗୁଣ ଉପରେ କହିଥିଲେ । କର୍ଯ୍ୟକ୍ରମକୁ ପୁତ୍ର କୃଷ୍ଣ ଚନ୍ଦ୍ର ସାମଲ, ବିଷ୍ଣୁ ଚନ୍ଦ୍ର ସାମଲ ଓ ରବୀନ୍ଦ୍ର ସାମଲ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ଠାକୁର ଙ୍କ ଅମୃତ ନୀତିବାଣୀ ଶୁଣିବାକୁ ବହୁ ସତସଙ୍ଗ ଅନୁଗାମୀ ଭକ୍ତ ଯୋଗ ଦେଇଥିଲେ ।

ଇଫକୋ ପାରାଦୀପ ୟୁନିଟରେ ୫୪ ତମ ଜାତୀୟ ସୁରକ୍ଷା ସପ୍ତାହ

ପାରାଦୀପ,(ଜିପ୍ର) : ଆଜି ପାରାଦୀପ ଇଫକୋ ପରିସର ମଧ୍ୟରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ସମାପ୍ତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ୟୁନିଟ୍‌ମୁଖ୍ୟ ପିକେ ମହାପାତ୍ର ଯୋଗ ଦେଇଥିଲେ । ସମାରୋହରେ ଅଧ୍ୟକ୍ଷତା କରିଥିବା ଆର. କେ. ସ୍ୱାଇଁ, ମୁଖ୍ୟ, ଅଗ୍ନି ଓ ସୁରକ୍ଷା ଏବଂ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ । କାରଖାନା ଏବଂ ଟାଉନସିପରେ ସୁରକ୍ଷା ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆକର୍ଷଣୀୟ କାର୍ଯ୍ୟକଳାପରେ ପରିପୂର୍ଣ୍ଣ ଏକ ସପ୍ତାହର ସଫଳ ପରିସମାପ୍ତିକୁ ସମାପନ କାର୍ଯ୍ୟକ୍ରମ ଚିହ୍ନିତ କରିଥିଲା । ଏହି ସପ୍ତାହରେ ଉଦ୍ଭିଦ ଶ୍ରମିକ ଏବଂ ଟାଉନସିପ୍ ବାସିନ୍ଦାଙ୍କ ପାଇଁ, ବିଶେଷ କରି ମହିଳାମାନଙ୍କ ପାଇଁ ସୁରକ୍ଷା ଅଭ୍ୟାସ ଏବଂ ଦୈନନ୍ଦିନ ଜୀବନରେ ସେମାନଙ୍କର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରେରଣା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଲୋଗାନ ଏବଂ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅଂଶଗ୍ରହଣକାରୀମାନେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାର୍ତ୍ତା ପ୍ରଚାର କରିବା ସହିତ ସେମାନଙ୍କର ସୃଜନଶୀଳତା ପ୍ରଦର୍ଶନ କରିଥିଲେ ।

ନିମ୍ନମାନର କାର୍ଯ୍ୟ, ଗ୍ରାମବାସୀଙ୍କ ଅଭିଯୋଗ

ନାଉଗାଁ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ପୂର୍ତ୍ତ ବିଭାଗ ଅଧିନରେ ନାଉଗାଁ ବ୍ଲକ ଅନ୍ତର୍ଗତ ତେଣ୍ଟୋଇ ଠାରୁ ଗଙ୍ଗାଦା ମଉଳାଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ହେଉଥିବା ରାସ୍ତା କଡର ୱାଲ କାମ ଅତି ନିମ୍ନମାନର କରାଯାଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଉକ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗୋବରୀ ନଦୀ ପ୍ରବାହିତ ହେଉଥିବା ବେଳେ ଅନ୍ୟ ପାର୍ଶ୍ୱରେ ଗହିରିଆ ଧାନବିଲ ରହିଛି । ତେଣୁ ଏହି ରାସ୍ତାର ସ୍ଥାୟୀତ୍ୱକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏଠାରେ ଉକ୍ତ ରାସ୍ତାର କଡେ କଡେ ଲକ୍ଷାଧିକ ଟଙ୍କା ବିନିମୟରେ ଏକ କଂକ୍ରିଟ ୱାଲ ନିର୍ମାଣ କରାଯାଉଛି । ହେଲେ ପରିତାପର ବିଷୟ ଏଠାରେ ଉକ୍ତ କାର୍ଯ୍ୟକୁ କରୁଥିବା ଠିକାଦାର ବିନା ସୂଚନା ଫଳକରେ ମାତ୍ରାଧିକ ଆକାରର ମେଣ୍ଟାଲ ସହିତ କମ୍ ଭାଗରେ ସିମେଣ୍ଟ ଦେଇ କାମକୁ ଅତି ନିମ୍ନମାନର କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏମିତିକି ଏହି ୱାଲ ପାଇଁ ମାଟିକୁ କମ ଗହିରରେ ଖୋଳା ଯାଇଥିବା ବେଳେ ଏହାର ସ୍ଥାୟୀତ ପ୍ରତି ଆଶଙ୍କା ସୃଷ୍ଟି କରୁଛି। ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥାହେଲା ଏଠାରେ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ କୌଣସି ସୂଚନା ଫଳକ ଲଗାଜାଇନଥିବା ବେଳେ ବିଭାଗୀୟ ଯନ୍ତ୍ରୀ କିମ୍ବା କୌଣଷି କର୍ମଚାରୀଙ୍କ ଅନୁପସ୍ଥିତିରେ ତରବରିଆ ଭାବେ ଏହି କାମକୁ କରାଯାଉଛି। ଯାହାକୁ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

୨

ମାଆ ଚର୍ଚ୍ଚିକାଙ୍କ ମନ୍ଦିର ଦେଖି ବିମୋହିତ ବିଦେଶୀ ପର୍ଯ୍ୟଟକ

ବାଙ୍କୀ ,(ସବ୍ୟୁ) : ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ନଦୀ ଓ ପାହାଡ ଝରଣା ବୁଲି ଆଦିବାସୀମାନଙ୍କ ଚାଲି ଚଳନି ଦେଖି ଫେରିବା ବାଟରେ ଚିର ସ୍ରୋତା ମହାନଦୀ କୂଳରେ ଫୁଲବାଣୀରୁ ଭୁବନେଶ୍ୱର ଫେରିବା ବାଟରେ ଗୁଗୁଲିରୁ ସର୍ଚ୍ଚ କରି ଓଡ଼ିଶାର ଅନ୍ୟତମ ଶକ୍ତି ପୀଠ ବାଙ୍କୀ ର ମାଆ ଚର୍ଚ୍ଚିକା ଙ୍କ ମନ୍ଦୀର ଦେଖି ବିମୋହିତ ବିଦେଶୀ ପର୍ଯ୍ୟଟକ। ଜାତୀୟ ସ୍ତରୀୟ ଟୁରିଷ୍ଟ ଗାଇଡଙ୍କ ସହାୟତାରେ ସୁଦୂର ଇଟାଲୀ ଓ ଇଂଲଣ୍ଡରୁ ଆସିଥିବା ଦୁଇ ଜଣ ବିଦେଶୀ ପର୍ଯ୍ୟଟକ ମହାନଦୀ କୂଳରେ ଆସୁଥିବା ବେଳେ ବାଟରେ ମାଆ ଚର୍ଚ୍ଚିକାଙ୍କ ମନ୍ଦିର ଯାଇ ମାଆଙ୍କୁ ଦର୍ଶନ କରିବା ସହିତ କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଥିଲେ। ଦୁଇ ପର୍ଯ୍ୟଟକ ଙ୍କ ମଧ୍ୟରୁ ଜଣେ ଭାରତ ବହୁ ଥର ଆସିଥିବା ଓଡ଼ିଶା ଆସି ନ ଥିଲେ। ରୁଚିକ ପର୍ବତ ଉପରେ ମାଆ ଚର୍ଚ୍ଚିକାଙ୍କ ମନ୍ଦିର ଯାଇ ଓଡ଼ିଶାର ସଂସ୍କୃତି ସମ୍ପର୍କରେ ଜାଣି ଥିଲୋପରେ କୁଷପଙ୍ଗି ନିକଟରେ ଥିବା ଅନାହତ ଗୁମ୍ଫା ନିକଟକୁ ଯାଇ ଗୁମ୍ଫା ସମ୍ପର୍କରେ ବୁଝିଥିଲେ। ଯେଉଁ ଗୁମ୍ଫାରୁ ଶ୍ରୀ କ୍ଷେତ୍ର ପୁରୀକୁ ସଂଯୋଗ ରହିଛି। ସଂକ୍ରାନ୍ତି ଓ ଅମାବାସ୍ୟା ଦିନ ଗୁମ୍ଫା ଭିତରୁ ଶୁଭେ ଓଁକାର ଧ୍ୱନି ।ଏହି ଗୁମ୍ଫାର ସବୁ ଦିଗ କୁ ଟିକି ନିକି କରି ଦେଖି ଫଟୋ ଉଠାଇ ନିଜ ଦେଶର ସମ୍ପର୍କୀୟ ମାନଂକୁ ଦେଖାଇଥିଲେ। ବାଙ୍କୀରୁ ଭୁବନେଶ୍ୱର ଫେରିବା ବାଟରେ ମହାନଦୀ କୂଳରେ ଅବସ୍ଥିତ ଡମପଡ଼ା ବ୍ଲକ୍ ଗୟଳବାଙ୍କ ରେ ଥିବା ଦେବୀଦ୍ୱାର ନିକଟରେ ପୂଜା ପାଉଛନ୍ତି ମାଆ ରାମଚଣ୍ଡି ପର୍ଯ୍ୟଟନ ସ୍ଥଳୀ ବୁଲି ଦେଖିଥିଲେ। ମାଆ ଚର୍ଚ୍ଚିକାଙ୍କ ମନ୍ଦିରରେ ଦୁଇ ବିଦେଶୀ ପର୍ଯ୍ୟଟକ ଙ୍କୁ ଦେଖିବା ପାଇଁ ଲୋକେ ଭିଡ ଜମାଇଥିଲେ ।ମାଆ ଚର୍ଚ୍ଚିକାଙ୍କ ମନ୍ଦିର କୁ ବିଦେଶୀ ପର୍ଯ୍ୟଟକ ମାନେ ଆସୁଥିବା ବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ମାଆ ଚର୍ଚ୍ଚିକା ଙ୍କ ମନ୍ଦିର କୁ ଅଧିକ ଅନୁଦାନ ପ୍ରଦାନ କରି ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ଭାବେ ଗଠନ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟର ମାଗଣା ସ୍ୱାସ୍ଥ୍ୟ ଶିବିର

ବାରଙ୍ଗ,(ସବ୍ୟୁ) : ରବିବାର ସକାଳ ୯ଟା ରେ ମଧୁପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟର ସଭଗୃହରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାଗଣା ଚିକିତ୍ସା ସହ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା ।ଏଥିରେ ବଡ଼ ଡାକ୍ତରଖାନାର ଚର୍ମ, ଚକ୍ଷୁ, ପ୍ରସୂତି, ଅସ୍ଥିଶଲ୍ୟ,ଔଷଧ, ଶିଶୁରୋଗ ଆଦି ବିଭିନ୍ନ ବିଭାଗର ବରିଷ୍ଠ ଓ ଅଭିଜ୍ଞ ଡାକ୍ତରମାନେ ଯୋଗଦେଇ ଶିବିରକୁ ଆସିଥିବା ରୋଗୀ ମାନଙ୍କୁ ମାଗଣାରେ ପରୀକ୍ଷା ଓ ଚିକିତ୍ସା କରିଥିଲେ।ଅର୍ଣ୍ଣପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶିବିରରେ ଆଖପାଖ ଗ୍ରାମର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦେଇ ଏହି ସୁବିଧାର ଲାଭ ଉଠାଇଥିଲେ। ମଧୁପୁର ପଞ୍ଚାୟତ ସମିତିସଭ୍ୟ କିସାନ କୁମାର ଜେନା ଏହାକୁ ପରିଚାଳନା କରିଥିଲେ।

ଅରିଲୋ ଦୋଳ ମେଳଣରେ ନିଜେ ବନ୍ଦ

ଫୁଲନଖରା,(ସବ୍ୟୁ) : ପ୍ରତାପନଗରୀସ୍ଥିତ ମା ଧାକୁଲେଇଙ୍କ ପୀଠରେ ସଦର ଥାନା ପକ୍ଷରୁ ଅରିଲୋ ଦୋଳ ମେଳଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମେଳଣକୁ ଶାନ୍ତିଶୃଙ୍ଖଳା ସହ ସଂପନ୍ନ କରିବ ।ପାଇଁ ଆଲୋଚନା ହୋଇଥିଲା । ଡ଼ିଜେ , ବାଜାକୁ ସଂପୂର୍ଣ୍ଣ ଭାବରେ ନିଷେଧ କରାଯାଇଛି । କେବଳ ପାରମ୍ପରିକ ବାଦରେ ମେଳଣ କରିବ ।ପାଇଁ ସ୍ଥିତ କରାଯାଇଛି । ବାଜା ବାଣ ଓ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ କରି ମେଳଣରେ ରୋସଣୀ କରୁଥିବା ଦୋଳ ବିମାନ ଗୁଡ଼ିକ ଥାନାରୁ ଅନୁମତି ଆଣିବେ ଏବଂ ପ୍ରତେକ ଦୋଳରେ ୫ ଜଣରୁ ୧୦ ଜଣ ପର୍ଯ୍ୟନ୍ତ ସ୍ୱଚ୍ଛାସେବୀ ରହିବେ । ସେମାନେ ପୁଲିସ ପ୍ରଶାସନ ସାଙ୍ଗରେ ଯୋଗାଯୋଗରେ ରହିବେ ।ଏହି ବୈଠକରେ ସଦର ଆଇଆଇସି ଓମପ୍ରକାଶ ମହାନ୍ତି , ମେଳଣ ପରିଚାଳନା କମିଟି ସଭାପତି ସୁନ୍ଦର ପବିତ୍ର ଦାସ , କାର୍ଯ୍ୟକାରୀ ସଭାପତି ପର୍ଶୁରାମ ସେନାପତି , ଗୋପାଳ ମିଶ୍ର , ପ୍ରବୀର ମହାନ୍ତି , ସାମ୍ବାଦିକ ଲଳିତ କୁମାର ଦାଶ , ଅଶୋକ ରଥ , ରାଜକିଶୋର ପଟ୍ଟନାୟକ , ବିପ୍ରଚରଣ ଭୋଳ , କାହ୍ନୁ ପାତ୍ର , ପ୍ରଣବ ପଟ୍ଟନାୟକ , ପ୍ରଶାନ୍ତ ନାୟକ , ବଂଶୀଧର ଭୋଳ , ଲିଙ୍ଗରାଜ ମହାନ୍ତି , ଦେବରଂଜନ ବୈଠାଳୁ , ଅକ୍ଷୟ ମୂଳିଆ, ଯଜ୍ଞେଶ୍ୱର ଶତପଥି , ଗଜି ରଥ , ଅଜୟ ବେଉରା ଙ୍କ ସମେତ ମହିଧରପଡ଼ା , ଦଳବାଡ଼ , ଆମଣ , ଶାସୋଳ , ନଗରୀ , ଅରଡ଼ିଆପଦା , ନାଗବାଲି , ଖଣ୍ଡେଏତା , ଧାନଘରପଡ଼ା , ଜଗନ୍ନାଥପୁର , ଖଲର୍ଦ୍ଧା , ଗୋହଳ , ଭୀମପୁର , ଯୋହଳ ଦୋଳ ଠାକୁରଙ୍କ ମାର୍ଫତଦାର ଓ ଗ୍ରାମାବାସୀ ଉପସ୍ଥିତ ଥିଲେ । ସଦର ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ମାଟି ମାଫିଆଙ୍କୁ କାବୁ କରିବାରେ ପୁଲିସ ବିଫଳ

ଫୁଲନଖରା,(ସବ୍ୟୁ) :ସଦର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ମାଫିଆମାନେ ମେସିନଦ୍ୱାରା ମନ ଇଚ୍ଛା ମାଟି ଖୋଳିନେଉଛନ୍ତି ଏପରିକି ସରକାରୀ ଓ ବେସରକାରୀ ଜାଗା ମଧ୍ୟ ଏଥିରୁ ବାଦ ପଡୁନାହିଁ। ତେବେ ଏ ନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଚାଲିଛି କହି କେବଳ ଚୁପ ବସି ରହିବା ଦେଖାଯାଉଛି। ଯାହାକୁ ନେଇ ଲୋକଙ୍କ ସ୍ଥିତିବାନ ଜମିର ସୁରକ୍ଷା ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ଗତ ୨୪ ତାରିଖ ରାତିରେ କୁରାଙ୍ଗଶାସନ ମୌଜା ପ୍ଲଟ ନଂ. ୪ ଓ ଖାତା ନଂ୧୧୫/୧୭୮୭ ସ୍ଥିତିବାନ ଜମିରୁ ଦୁର୍ବୃମାନେ ଅନ୍ୟୁନ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲର ମାଟି ଖୋଳିନେଇଥିଲେ। ଏ ନେଇ ଶୁଭମ ଦାସ ସମସ୍ତ ପ୍ରମାଣ ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଥଚ ଇତି ମଧ୍ୟରେ ଦୁଇ ସପ୍ତାହରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା ଦୁର୍ବୃତ୍ତଙ୍କୁ ଧରିବାରେ କିମ୍ବା ମାଟି ଚୋରିରେ ବ୍ୟବହୃତ ଗାଡ଼ିକୁ ଜବତ କରିବାରେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି। ସେହିପରି ଗତ ଫେବ୍ରୁଆରୀ ୨୦ ତାରିଖରେ ଗଙ୍ଗେଶ୍ୱରଗଡ଼ର ଜଣେ ଉଦଭ୍ରାନ୍ତ ଯୁବକ ନିଶାସକ୍ତ ହୋଇ ବଡ଼ଝରିଲୋ ଏବଂ ଲିଶ୍ୱରପୁର ଗ୍ରାମର ୪ ଜଣଙ୍କୁ ରକ୍ତାକ୍ତ ଆକ୍ରମଣ କରିବା ସହିତ ଏକ ଟାଟା ଏଏସ ଗାଡ଼ିକୁ ଭଙ୍ଗାରୁଜା କରିଥିଲା। ଏ ନେଇ ଆକ୍ରମଣର ଶିକାର ହୋଇଥିବା କାପଡ଼ା ତହସିଲ କର୍ମଚାରୀ ଅବିନାଶ ପରିଡ଼ା ଥାନାରେ ଏତଲା ଦେବାର ୧୫ଦିନ ପରେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ପୁଲିସର ଭୂମିକା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଏଥିପ୍ରତି କଟକରେ ଯୋଗଦେଇଥିବା ନୂତନ ଡିସିପି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଗୋ ମାଂସ ଘଟଣା: ଯୁବକ କୋର୍ଟ ଚାଲାଣ

ସାକ୍ଷୀଗୋପାଳ ,(ସବ୍ୟୁ): ।ବଆଇନ ଓ ଚୋରାଗୋଚାଲାଣ , ପଶୁ ସୁରକ୍ଷା ଆଇନ ଓ ପଶୁ ହତ୍ୟା ଅଭିଯୋଗ ରେ ସତ୍ୟବାଦୀ ପୋଲିସ ସତ୍ୟବାଦୀ ଥାନା ଅନ୍ତର୍ଗତ ଅହମ୍ମଦ ପୁର ଗ୍ରାମର ସରାଫତ ଖାନ (୩୧)କୁ ଗତକାଲି ରବିବାର ମଧ୍ୟରାତ୍ର ରେ ଗିରଫ କରି ଆଜି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବିରୁଦ୍ଧରେ ସତ୍ୟବାଦୀ ଥାନାରେ ୫୯/୨୫ ରେ ଏକ ମୋକଦ୍ଦମା ରୁଜୁ କରାଯାଇ ଏହି ଜଘନ୍ୟ ଘଟଣା ସହିତ କିଭଳି ସମ୍ପର୍କ ରହିଛି ତାହାର ତଦନ୍ତ କରା ଯାଉଅଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଛନ୍ତି । ସୂଚନା ଥାଉକି ଗତ ମାସ ୨୩ ତାରିଖ ରାତ୍ରିରେ କିଛି ଯୁବକ ଚୋରାରେ ଗୋଚାଲାଣ କରିବା ଏକ ଭିଡିଓ ସାମାଜିକ ଗଣ ମାଧ୍ୟମରେ ପ୍ରସାରିତ ହେବା ପରେ ସତ୍ୟବାଦୀ ସମେତ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଅଛି । ଭାଇରଲ ଭିଡିଓ ରେ ଜଣେ ଯୁବକ ମଟନରେ ଗୋମାଂଶ ମିଶ୍ରଣ ଓ ପୋଲିସ ବଟି ସମ୍ପର୍କରେ କିଛି କଥା ଭିଡିଓ ମଧ୍ୟରେ ପ୍ରକାଶ କରିଥିଲେ।ଏ ନେଇ ରବିବାରଦିନ ଗୋହତ୍ୟା ରୋକିବାକୁ କଡ଼ା ଆଇନ ପ୍ରଣୟନ ପାଇଁ ଏଦିଗରେ ଜନ ଜାଗରଣ ନିମନ୍ତେ ହିନ୍ଦୁ ସେନାର କାର୍ମକର୍ତ୍ତା ପିପିଲି ଏସଡିପିଓ ଙ୍କ କାର୍ଯ୍ୟାଳୟରେ ରବିବାର ଦିନ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜି ସୋମବାର ଦ୍ୱିତୀୟ ଦିନ ମଧ୍ୟ ଏହା ବଳବତ୍ତର ରହିଛି ଛ ଆଗକୁ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ଓ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ନିମନ୍ତେ ଅତିରିକ୍ତ ଏସପି ବିଷ୍ଣୁପ୍ରସାଦ ପତି ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଢାଯାଇ ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି । ଏହି ଘଟଣା କୁ ନେଇ ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ବିଭିନ୍ନ ବିଭ୍ରାନ୍ତି ମୂଳକ ମେସେଜ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି ଆଇଆଇସି ଶ୍ରୀଯୁକ୍ତ ବେହେରା ।

ମେଗା ପ୍ରକଳ୍ପ ନିର୍ମାଣରେ ବିଳମ୍ବ : ପାନୀୟ ଜଳ ସଙ୍କଟ

ଅସ୍ତରଙ୍ଗ,(ସବ୍ୟୁ) : ପୁରୀ ଜିଲ୍ଲା ସମୁଦ୍ର ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଂଚଳରେ ପାନୀୟ ଜଳ ପାଇଁ ଲୋକେ ଡହଳ ବିକଳ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଳ ଉତ୍ସ ସବୁ ଶୁଖିଲା ପଡ଼ି ଫାଟି ଆଁ କଲାଣି।ଭୂତଳ ଜଳସ୍ତର କମିବାରେ ଲାଗିଛି। ନଳକୂପ ଗୁଡ଼ିକ ଅକାମୀ ହେବାରେ ଲାଗିଛି। ସେପଟେ, ନିର୍ମାଣ କରାଯାଇଥିବା ଓଭରହେଡ୍ ପାଣି ଟାଙ୍କୀ ଗୁଡ଼ିକ କାର୍ଯ୍ୟକ୍ଷମ ହେଉନଥିବା ବେଳେ ପ୍ରସ୍ତାବିତ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଉପକୂଳ ଅସ୍ତରଙ୍ଗ ଅଞ୍ଚଳର ଲୋକ ମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ଛୋଟ ବଡ଼ ସମୁଦାୟ ୨୨ଟି ଓଭରହେଡ୍ ପାଣି ଟାଙ୍କୀ ରହିଥିବା ବେଳେ ୧୧ଟି କାର୍ଯ୍ୟକ୍ଷମ ହେଉଛି।ଏହା ଦ୍ୱାରା ସମୁଦାୟ ୩୬ ଟି ରାଜସ୍ୱ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଛି। ଅବଶିଷ୍ଟ ୯ଟି କାର୍ଯ୍ୟକ୍ଷମ ଅପେକ୍ଷାରେଛ ଅର୍ଥାତ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେଲେ ସବୁ ପାଣି ଟାଙ୍କୀ କାର୍ଯ୍ୟକ୍ଷମ ହେବା ସହ ସମସ୍ତ ରାଜସ୍ୱ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେବ ବୋଲି ବିଭାଗ କହିଛି। କିନ୍ତୁ ପାଣି ପାଇଁ ହା ହାକାର ଅବସ୍ଥା ସୁଧାରିବାକୁ ସ୍ଥାନୀୟ ଅଂଚଳରେ ସବୁବେଳେ ଦାବୀ ହୋଇ ଆସୁଛି। ଅସ୍ତରଙ୍ଗ,କାକଟପୁର ଓ ଗୋପ ବ୍ଲକ ଅଞ୍ଚଳର ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟା ନିରାକରଣ ନିମନ୍ତେ ମେଗା ପାନୀୟ ଜଳ ପ୍ରକଳ୍ପ ସରକାରଙ୍କ ଅନୁମୋଦନ ଲାଭ କରିଛିଛକାକଟପୁର ବ୍ଲକ ଲତାହରଣ ଗ୍ରାମର ଯୌବନ ପଡିଆ ଠାରେ ପ୍ରାୟ ୨୩୬କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଇତି ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି।ତେବେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି।ଫଳରେ ସ୍ଥାନୀୟ ବାସିନ୍ଦାମାନେ ପାନୀୟ ଜଳ ମୁନ୍ଦେ ପାଇଁ ହିନସ୍ଥା ଭୋଗୁଛନ୍ତି। ଅସ୍ତରଙ୍ଗ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସତ୍ୟ ଶଙ୍କର ମହାନ୍ତି କୁହନ୍ତି ନିର୍ମାଣ କରାଯାଇଥିବା କେତେକ ଓଭରହେଡ୍ ପାଣି ଟାଙ୍କୀ ନିକଟରେ ପାନୀୟ ଉପଯୁକ୍ତ ଜଳ ଉପଲବ୍ଧ ହେଉନାହିଁ। ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରାଥମିକ କାର୍ଯ୍ୟ ଜାରି ରହିଛି। ।ପ୍ରକଳ୍ପ ନିର୍ମାଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଚାଲିଛି।ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ସମସ୍ତ ଟାଙ୍କୀ କାର୍ଯ୍ୟକ୍ଷମ ହେବା ସହ ପାନୀୟ ଜଳ ସମସ୍ୟା ରହିବ ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ବାଲି ବୋଝେଇ ଟ୍ରାକ୍ଟର ଜବତ: ଡ୍ରାଇଭର ଗିରଫ

ଦଶପଲ୍ଲା,(ସବ୍ୟୁ) : ବାଣୀଗୋଛା ପୋଲିସ ବେ ଆଇନି ବାଲି ଚାଲାଣ ବେଳେ ଏକ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟଯେ, ବାଣୀଗୋଛା ପୋଲିସ ଏସ ଆଇ ବିରେନ୍ଦ୍ର କୁମାର ଦେହୁରୀ ଙ୍କ ନେତୃତ୍ୱରେ ପେଟ୍ରୋଲିଂ କରୁଥିବା ବେଳେ ଗୁର୍ହା ନିକଟ ବୃତଙ୍ଗ ନଦୀରୁ ବେ ଆଇନି ଭାବେ ଟ୍ରାକ୍ଟରରେ ବାଲି ଚାଲାଣ ହେଉଥିବା ଖବର ପାଇଥିଲେ । ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହ ଟ୍ରାକ୍ଟର ଡ୍ରାଇଭର ବୌଦ ଜିଲ୍ଲା। ପୁରୁଣା କଟକ ଥାନା ଗୋଛାସାହି ଗ୍ରାମର ଦିଲ୍ଲୀପ କୁମାର ହେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

କୋର୍ଟରେ ମହିଳା ଟାଇପିଷ୍ଟ ଚେତାଶୂନ୍ୟ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା କୋର୍ଟ ରେ କାମ କରୁଥିବା ବେଳେ ଚେତାଶୂନ୍ୟ ହୋଇପଡିଛନ୍ତି ମହିଳା ଟାଇପିଷ୍ଟ । ଟାଇପିଷ୍ଟ ଙ୍କ ନାଁ ମାନସୀ ।ସୂଚନା ଯୋଗ୍ୟ ଯେ ମାନସୀ ନାମ୍ନୀ ମହିଳା ଜଣକ ଦଶପଲ୍ଲା କୋର୍ଟରେ ଟାଇପିଷ୍ଟ ଭାବେ କାର୍ଯ୍ୟ କାମ କରିବା ସହ କପି ସେକ୍ସନରେ କାମ କରନ୍ତି ।ସୋମବାର ଦିନ କୋର୍ଟ ଷ୍ଟେନୋ ଛୁଟିରେ ଥିବାରୁ ମାନସୀ କୋର୍ଟରେ ବସି ସାକ୍ଷୀମାନେ ଦେଉଥିବା ବୟାନକୁ ବିଚାରପତି ଯାହା ଡ଼ାକନ୍ତି ତାକୁ କମ୍ପ୍ୟୁଟର ରେ ଟାଇପ କରୁଥିଲେ । ଏହି ସମୟରେ ମାନସୀ ଚେତାଶୂନ୍ୟ ହୋଇ କମ୍ପୁଟର ଉପରେ ଢଳି ପଡ଼ିଥିଲେ ।ସଂଗେ ସଂଗେ କୋର୍ଟ କର୍ମଚାରୀ ଓ କାର୍ଯ୍ୟରତ ଆଇନିଜୀବୀ ମାନଙ୍କ ସହାୟତାରେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅଧିକ ବ୍ଲଡ଼ ପ୍ରେସର ପାଇଁ ସେ ଚେତାଶୂନ୍ୟ ହୋଇପଡିଥିଲେ । ପରେ ତାଙ୍କର ଚେତାଫେରି ସୁସ୍ଥ ହୋଇ ନିଜ ଘରକୁ ଫେରିଥିଲେ ।ଏହି ଘଟଣା ପରେ କିଛି ସମୟ ପାଇଁ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା ।

ସଡ଼କଦୁର୍ଘଟଣାରେ ଜବାନଙ୍କ ମୃତ୍ୟୁ

ଆଠଗଡ଼ ,(ସବ୍ୟୁ) : ଏକ ସଡକ ଦୁର୍ଘଟଣାରେ ଆଠଗଡ଼ ଅଞ୍ଚଳର ଜଣେ କେନ୍ଦ୍ରୀୟ ସୁରକ୍ଷା ବଳର ଜଣେ ଜବାନଙ୍କ ମୃତ୍ୟୁ ହୋଇଛି।ମୃତ ଜବାନ ଜଣଙ୍କ ଆଠଗଡ଼ ଥାନା ଅନ୍ତର୍ଗତ ଅରଖ ପାଟଣ ମୁକ୍ତାଦେଇପୁର ଗ୍ରାମର ସନାତନ ବେହେରା ଙ୍କ ପୁଅ ସତ୍ୟବାନ ବେହେରା।ଗତ ୨୦୧୭ ମସିହା ରେ ସେ ସି ଆର ପି ଏଫ୍ ରେ କନଷ୍ଟେବଳ ଭାବରେ ଯୋଗ ଦେଇଥିଲେ।ଗତ ୨ ତାରିଖ ଦିନ ତାଙ୍କର ମୁଣ୍ଡଳୀ ତଳଗଡ ଠାରେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱରର କିମସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ୯ ତାରିଖରେ ତାଙ୍କର ମୃତ୍ୟୁହୋଇଥିବା ଜଣାପଡିଛି।ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି।ଗତ ୨୦୨୧ ମସିହା ରେ ସେ ବିବାହ କରିଥିବା ବେଳେ ଘରର ବଡ଼ ପୁଅ ଥିଲେ। ତାଙ୍କର ମତ୍ୟୁ ରେ ସାରା ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି।

ପୁଲିସର ଜନ ସମ୍ପର୍କ ସଭା

କଣ୍ଟାପଡ଼ା, (ସବ୍ୟୁ) : ଆମ ପୁଲିସ ସମିତି ଓଲଟପୁର ଥାନା ଆନୁକୂଲରେ ଜନ ସମ୍ପର୍କ ସଭାବରାହୀପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦରଏସଡ଼ିପିଓ କିରଣ ହେମ୍ବ୍ରମ, ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା, ସମାଜସେବୀ ଉମାକାନ୍ତ କର,ବରିଷ୍ଠ ନାଗରିକ ମଞ୍ଚ ସଭାପତି ବ୍ରଜକିଶୋର ପ୍ରଧାନ, ଆଇନଜୀବୀ ମାନସକୁମାର ଜେନା, ଆଞ୍ଚଳିକ ବରିଷ୍ଠନାଗରିକ ମଞ୍ଚ ସଭାପତି ପଦ୍ମନାଭ ମହାନ୍ତି ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ହୋଇ ପୁଲିସ ଓ ପବ୍ଲିକ ମଧ୍ୟରେସୁସମ୍ପର୍କ ସ୍ଥାପନ ନେଇ ଗୁରୁତ୍

(ଶ୍ରୀମଦ୍ଭଗବଦ୍ ଗୀତା ୧୩/୨୩)

–କ୍ଷେତ୍ର–କ୍ଷେତ୍ରଜ୍ଞ ବିଭାଗଯୋଗଃ–

(ଶ୍ରୀଭଗବାନୁବାଚ)

ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଞ୍ଚ ଗୁଣୈଃ ସହ ।
ସର୍ବଥା ବର୍ତ୍ତମାନୋଽପି ନ ସ ଭୂୟୋଽଭିଜାୟତେ ।।୨୩।।

ଯେଉଁ ବ୍ୟକ୍ତି ପୂର୍ବୋକ୍ତ ପ୍ରକାରରେ ପୁରୁଷଙ୍କୁ ଓ ଗୁଣ ସହିତ ପ୍ରକୃତିକୁ ଜାଣନ୍ତି,
ସେ ସର୍ବଥା ଅର୍ଥାତ୍ ଯେକୌଣସି ଅବସ୍ଥାରେ ଥିଲେ ମଧ୍ୟ
ପୁନର୍ବାର ଜାତ ହୁଅନ୍ତି ନାହିଁ ।।୨୩।।

ଛାତ୍ର ହିଁ ଭରସା!

ସମ୍ପାଦକୀୟ

ବଙ୍ଗଳାଦେଶରେ ଶେଖ ହାସିନାଙ୍କ ପତନର କାରଣ ହେଇଥିବା ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ଛାତ୍ର ଗୋଷ୍ଠୀ ଏବେ ରାଜନୀତିରେ ସିଧାସଳଖ ପ୍ରବେଶ କରିଛନ୍ତି ଏବଂ ଜାତୀୟ ନାଗରିକ ପାର୍ଟି ବା ନ୍ୟାସନାଲ୍ ସିଟିଜେନ୍ସ ପାର୍ଟି ନାଁ ରେ ଗୋଟିଏ ରାଜନୈତିକ ଦଳ ଗଠନ କରିଛନ୍ତି । କିନ୍ତୁ ଏହାର ମହତ୍ତ୍ୱାକାଂକ୍ଷା କେତେ ବାସ୍ତବବାଦୀ? ପ୍ରତିଷ୍ଠିତ ଦଳଗୁଡ଼ିକର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏହି ନୂଆ ଦଳ ସକ୍ଷମ ହେବ କି ? ବଙ୍ଗଳାଦେଶରେ ରାଜନୈତିକ ସ୍ଥିରତା ଆସିବ କି ? ଦୀର୍ଘ ବର୍ଷ ଧରି ଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାର ସମାଧାନ ପାଇଁ ଯୁବପିଢ଼ିଙ୍କ ଆହ୍ୱାନ ନିଃସନ୍ଦେହରେ ଜନସାଧାରଣଙ୍କ ମଧ୍ୟରେ ଆଶା ସଞ୍ଚାର କରିବ । ଯଦିଓ ସମସ୍ତେ ନୂତନ ଦଳ ଦ୍ୱାରା ବର୍ଣ୍ଣିତ ସମସ୍ତ କାର୍ଯ୍ୟକ୍ରମ ଏବଂ ପ୍ରତିଶ୍ରୁତି ସହିତ ସମ୍ପୂର୍ଣ୍ଣ ସହମତ ନୁହଁନ୍ତି, ତଥାପି ବିଭାଜନକୁ ଏକତାରେ ବଦଳାଇବା, ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା, ସବୁ ଗୋଷ୍ଠୀ ଓ ସମ୍ପ୍ରଦାୟଙ୍କୁ ଶାନ୍ତିରେ ସହାବସ୍ଥାନ ପାଇଁ ସୁଯୋଗ ଦେବା, ସମାଜ ଓ ରାଜ୍ୟର ସମସ୍ତ ସ୍ତରରେ ଯୋଗ୍ୟତା ଏବଂ ଦକ୍ଷତା ଉପରେ ଆଧାରିତ ନେତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଦେଶର ଜନତାଙ୍କ ଆଶା ରହିବା ସ୍ୱାଭାବିକ । ଏଠାରେ ମନେ ପକାଇ ଦିଆଯାଇ ପରେ କି, ୧୯୬୯ ଏବଂ ୧୯୯୦ ର ଗଣ ବିଦ୍ରୋହ ସତ୍ତ୍ୱେ , ରାଜନୈତିକ କ୍ଷମତା ଶେଷରେ ଯୁବପିଢ଼ିଙ୍କ ହାତରେ ରହିଲା ନାହିଁ । ୧୯୯୦ରେ ଏକଛତ୍ରବାଦ ବିରୋଧୀ ଆନ୍ଦୋଳନର ନେତାମାନେ ସେମାନେ ଘୋଷଣା କରିଥିବା ମେଣ୍ଟର ଧର୍ମକୁ ପାଳନ କରି ନଥିଲେ । ଯେଉଁମାନେ କ୍ଷମତା ଗ୍ରହଣ କରିଥିଲେ ସେମାନେ ରାଷ୍ଟ୍ର ସେବା କରିବା ପରିବର୍ତ୍ତେ ବ୍ୟକ୍ତିଗତ ଏବଂ ଗୋଷ୍ଠୀ ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ । ନିର୍ବାଚନରେ ଲୋକଙ୍କ ଭୋଟ ଅଧିକାର ଦମନ ଦ୍ୱାରା ଏକ ଫାସିଷ୍ଟ ବ୍ୟବସ୍ଥା ପ୍ରତିଷ୍ଠା ସହଜ ହୋଇଥିଲା । ଏ ସବୁ ଭିତରେ ଜନତା ନୂଆ ଦଳକୁ ସ୍ୱାଗତ କରିପାରନ୍ତି, କିନ୍ତୁ ଆଶାକରିବେ ଯେ' ନେତୃତ୍ୱର ଚୟନ ଏକ ଗଣତାନ୍ତ୍ରିକ ପ୍ରକ୍ରିୟା ଅନୁସରଣ କରିବା ଆବଶ୍ୟକ । କାରଣ ବଙ୍ଗଳାଦେଶ ପାଇଁ ଅନେକ ଆହ୍ୱାନ ରହିଛି । ସ୍ୱାଧୀନତାର ଲକ୍ଷ୍ୟ ପୂରଣ ହେଇପାରିନାହିଁ । ୧୯୭୧ ମସିହାରେ ମୁକ୍ତି ଯୁଦ୍ଧ ପରେ, ବଙ୍ଗଳାଦେଶରେ ଭାଷାଗତ ଜାତୀୟତା ଉପରେ ଆଧାରିତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ପ୍ରତିଷ୍ଠିତ ହୋଇଥିଲା । ଏହା ଅନେକ ଦୃଷ୍ଟିରୁ, ପାକିସ୍ତାନକୁ ପରିଭାଷିତ କରୁଥିବା ଧାର୍ମିକ ଜାତୀୟତାବାଦର ପ୍ରତ୍ୟାଖ୍ୟାନ ଥିଲା । ତଥାପି, ଏହାର ପ୍ରତିଷ୍ଠା ପରଠାରୁ, ବଙ୍ଗଳାଦେଶ ଏକ ଦ୍ୱୈତ ପରିଚୟ ଦେଇ ଗତି କରୁଛି ଯେଉଁଠାରେ ବଙ୍ଗୀୟ ଭାଷାଗତ ଜାତୀୟତାବାଦ ପ୍ରାୟତଃ ଅସହଜ ଭାବରେ ଏହାର ରାଜନୈତିକ ସଂସ୍କୃତିରେ ରଢ଼ିବାଦୀ ଇସଲାମର ପ୍ରଭାବ ସହିତ ସହାବସ୍ଥାନ କରିଛି । ଅଗଷ୍ଟ ୨୦୨୪ରେ ଶେଖ ହାସିନାଙ୍କ ବହିଷ୍କାର ପରଠାରୁ, ଏହା ପୁନର୍ବାର ପ୍ରମୁଖତା ହାସଲ କରିଛି । ଏହାର ଏକ ସ୍ପଷ୍ଟ ଉଦାହରଣ ଜାନୁଆରୀରେ ଏକ ଘଟଣାରେ ଦୃଶ୍ୟମାନ ହୋଇଥିଲା ଯେତେବେଳେ ଏକ ଧାର୍ମିକ ସ୍କୁଲର ଛାତ୍ରମାନେ ଭଙ୍ଗାରୁଜା କରିବା ପରେ ଏକ ମହିଳା ଫୁଟବଲ୍ ମ୍ୟାଚ୍ ବାତିଲ କରାଯାଇଥିଲା । ପୂର୍ବରୁ, ନଭେମ୍ବରରେ, ଇସଲାମିକ୍ ଧମକ ପରେ ଧାର୍ମିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରୁଥିବା ଏକ ସମ୍ପ୍ରଦାୟକୁ ସେମାନଙ୍କର ସଙ୍ଗୀତ ଉତ୍ସବ ବାତିଲ କରିବାକୁ ପଡିଥିଲା । ଇସଲାମିକ୍ ଗୋଷ୍ଠୀ ପୁଣିଥରେ ବଙ୍ଗଳାଦେଶକୁ ନିଜ ନିୟନ୍ତ୍ରଣକୁ ନେବାକୁ ପ୍ରୟାସ କରୁଛନ୍ତି । ଏହି ପୃଷ୍ଠଭୂମିରେ, ହାସିନାଙ୍କ ପତନ ପାଇଁ ପ୍ରତିବାଦର ନେତୃତ୍ୱ ନେଇଥିବା ଛାତ୍ର–ନେତୃତ୍ୱାଧୀନ ଆନ୍ଦୋଳନରୁ ଜନ୍ମ ଜାତୀୟ ନାଗରିକ ପାର୍ଟି କିମ୍ବା ଜାତୀୟ ନାଗରିକ ଦଳ କି ପ୍ରକାର ଆଭିମୁଖ୍ୟ ଗ୍ରହଣ କରିବ ବା ଦେଶରେ ସ୍ଥିରତା ଆଣିବା ପାଇଁ, କେତେଦୂର ସକ୍ଷମ ହେବ, ତାହା ସମୟ ହିଁ କହିବ । ତେବେ, ଦେଶ ପାଇଁ ତୁରନ୍ତ ଚ୍ୟାଲେଞ୍ଜ ହେଉଛି ଏହାର ଗଣତାନ୍ତ୍ରିକ ଯୋଗ୍ୟତାକୁ ସୁରକ୍ଷା ଦେବା, ଯାହା ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ଉପରେ ନିର୍ଭର କରେ । ହସିନାଙ୍କ ଆୱାମୀ ଲିଗ୍ ବର୍ତ୍ତମାନ ଦେଶରୁ ବିଚ୍ଛିନ୍ନ ହୋଇଯାଇଛି । ମଧ୍ୟବର୍ତ୍ତୀକାଳୀନ ସରକାର ପ୍ରାରମ୍ଭରେ ଯେଉଁ ସମର୍ଥନ ପାଇଥିଲା ତାହା ମଧ୍ୟ ହ୍ରାସ ହେବାରେ ଲାଗିଛି, କାରଣ ମହମ୍ମଦ ୟୁନୁସ୍ ଏବେ ସ୍ପଷ୍ଟ ଫଳାଫଳ ପ୍ରଦାନ କରିବା ପାଇଁ ଚାପର ସମ୍ମୁଖୀନ ହେଉଛନ୍ତି । ହାସିନାଙ୍କ ବିତାଡ଼ନ ପରଠାରୁ, ବଙ୍ଗଳାଦେଶରେ ରାଜନୈତିକ ଅସ୍ଥିରତା ଏବଂ ଆର୍ଥିକ ଅବ୍ୟବସ୍ଥା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଏନସିପି ଏପରି ସମୟରେ ରାଜନୈତିକ ଦୃଶ୍ୟପଟରେ ପ୍ରବେଶ କରୁଛି ଯେତେବେଳେ ରାଜନୈତିକ ଓ ସାମାଜିକ ପରିବେଶ ସମ୍ପୂର୍ଣ୍ଣ ପ୍ରଦୂଷିତ ହେଇସାରିଛି ଏବଂ ଲୋକମାନେ ଏକ ଦୃଢ଼ ଓ ସ୍ଥିର ଶାସନ ଖୋଜୁଛନ୍ତି । ଛାତ୍ର ସଂଗଠନକୁ ନେଇ ଗଠିତ ଏହି ନୂଆ ରାଜନୈତିକ ଦଳର ଇସଲାମ ଦ୍ୱାରା ପ୍ରଣୀତ ଏକ ନୂତନ ସମ୍ବିଧାନ ପ୍ରସ୍ତାବ, ଅନ୍ତରୀଣ ସରକାରରେ ଥିବା ଏବଂ ଅନ୍ୟ ଛାତ୍ର ପରାମର୍ଶଦାତାଙ୍କ ଦ୍ୱାରା ସମର୍ଥିତ, ହୁଏତ ଏଥିପାଇଁ ୟୁନୁସଙ୍କ ଆଶୀର୍ବାଦ ମଧ୍ୟ ରହିଛି । ପର୍ଯ୍ୟବେକ୍ଷକମାନେ କୁହନ୍ତି ଯେ ଏହା ଭବିଷ୍ୟତରେ ଏକ ଅତ୍ୟନ୍ତ ବିବାଦୀୟ ଏବଂ ପ୍ରତିଦ୍ୱନ୍ଦ୍ୱୀ ପ୍ରସଙ୍ଗ ହେବାର ସମ୍ଭାବନା ଅଛି । ବଙ୍ଗଳାଦେଶର ରାଜନୀତିରେ ଆୱାମୀ ଲିଗ୍ ଏବଂ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ପ୍ରାଧାନ୍ୟ ବିସ୍ତାର କରି ଆସିଛନ୍ତି । ବଙ୍ଗଳାଦେଶର ଛାତ୍ରମାନେ ପ୍ରମୁଖ ପ୍ରତିବାଦରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାର ଏକ ସମୃଦ୍ଧ ଐତିହ୍ୟ ରହିଛି ଓ ସେମାନେ ଅନୁକରଣୀୟ ସାହସ ଦେଖାଇ ଦେଶ ପାଇଁ ବଳିଦାନ ଦେଇଛନ୍ତି । କିନ୍ତୁ ନିର୍ବାଚନ କ୍ଷେତ୍ରରେ ଛାତ୍ରମାନେ ସେମାନଙ୍କର ଲୋକପ୍ରିୟତାକୁ ବଜାୟ ରଖିପାରିବେ କି ନାହିଁ ତାହା ଆକଳନ କରିବା ଏବେ ସହଜ ନୁହେଁ । ପର୍ଯ୍ୟବେକ୍ଷକ ଓ ବିଶେଷଜ୍ଞଙ୍କ ମଧ୍ୟରେ ଏ ନେଇ ଦ୍ୱିମତ ରହିଛି । ଅନେକଙ୍କ ମତରେ, ଛାତ୍ରମାନେ ଭୋଟରଙ୍କ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇ ପାରନ୍ତି, କାରଣ ଅଧିକାଂଶ ଆୱାମୀ ଲିଗ୍ କିମ୍ବା ବିଏନପି ଦ୍ୱାରା ଶାସିତ ହେବାରେ ବିରକ୍ତ ଏବଂ ଏକ ନୂତନ ବିକଳ୍ପ ଖୋଜୁଛନ୍ତି । ଛାତ୍ରମାନଙ୍କର ଏକ ସ୍ୱଚ୍ଛ ପ୍ରତିଛବି ଅଛି ଏବଂ ସେମାନେ ଦୀର୍ଘକାଳୀନ ଭାବରେ ଦୁର୍ନୀତିରେ ପୀଡିତ ଏକ ଦେଶକୁ ସାହାଯ୍ୟ କରିପାରିବେ ବୋଲି ଅନେକ ବିଶ୍ୱାସ କରୁଛନ୍ତି । ଅନ୍ୟପକ୍ଷରେ, ଆଉ କେତେକ ଲୋକଙ୍କ କହିବା ଅନୁଯାୟୀ, ହାସିନାଙ୍କୁ ଘଉଡ଼ାଇ ଦେବାରେ ସେମାନଙ୍କର ତ୍ୟାଗ ଏବଂ ସାହସ ପାଇଁ ଜନତାଙ୍କର ଯେପରି ସହାନୁଭୂତି ଓ ଭଲପାଇବା ଥିଲା, ତାହା କ୍ରମଶଃ ଫିକା ପଡିବାରେ ଲାଗିଛି, କାରଣ ସେମାନେ ନିର୍ବାଚନ ରଣାଙ୍ଗନରେ ଆଉ ଏକ ପକ୍ଷ ଭାବରେ ଉଭା ହେଇଛନ୍ତି ଏବଂ କ୍ଷମତାକୁ ଆସିବାର ଅଭିପ୍ରାୟ ସ୍ପଷ୍ଟ ହେଇଛି ଯାହା ହୁଏତ କେତେକଙ୍କ ପାଇଁ ଗ୍ରହଣୀୟ ହେବ ନାହିଁ । ତେବେ ବଙ୍ଗଳାଦେଶ ବର୍ତ୍ତମାନ ପରିସ୍ଥିତିରୁ ବାହାରି ଆସିବା ଆବଶ୍ୟକ, ଦେଶରେ ଯଥାଶୀଘ୍ର ଶାନ୍ତି ଓ ସ୍ଥିରତା ଆସିବା ଜରୁରୀ, ନଚେତ୍ ଦେଶର ଆର୍ଥିକ ଓ ସାମାଜିକ ଅବସ୍ଥା କ୍ରମେ ଦୁର୍ବଳ ହେବ ଏବଂ ମୌଳବାଦୀଙ୍କ ନିୟନ୍ତ୍ରଣକୁ ଚାଲିଯିବ ।

ଆଜି ସବୁ କ୍ଷେତ୍ରରେ ଦକ୍ଷ ମହିଳା

ହିମାଂଶୁ ଶେଖର ଆଚାର୍ଯ୍ୟ

ସାରା ବିଶ୍ୱର ମହିଳାମାନଙ୍କର ଅଧିକାର, ଅସ୍ମିତା ଓ ସ୍ୱାଭିମାନ ପ୍ରତିଷ୍ଠା ପାଇଁ ଚିନ୍ତା କରିବାର ଦିନଟିଏ ଥିଲା ଆନ୍ତର୍ଜାତିକ ମହିଳା ଦିବସ । ଭଗବାନଙ୍କ ସୃଷ୍ଟିରେ ନାରୀ ଏକ ଅନବଦ୍ୟ ସୃଷ୍ଟି। ତା'ର ସ୍ଥିତି, ପରିଚିତ ଓ ଜୀବନ ପ୍ରବାହ ହିଁ ସାମଗ୍ରିକ ଭାବେ ଏକ ସମାଜର ପରିଚୟ । ଅନାଦି କାଳରୁ ନାରୀର ଭୂମିକା ସବୁ କ୍ଷେତ୍ରରେ ବେଶ୍ ସୁସ୍ପଷ୍ଟ । ସମାଜ ଗଠନରେ ନାରୀର ଭୂମିକାକୁ ଏଡ଼ାଇ ଦିଆଯାଇ ନ ପାରେ । ଏକ ପରିପୂର୍ଣ୍ଣ, ସୁସ୍ଥ ଓ ସୁନ୍ଦର ସମାଜ ନାରୀ ବିନା ସମ୍ଭବ ନୁହେଁ । ସେଥିପାଇଁ ସେମାନଙ୍କୁ 'ଅର୍ଦ୍ଧେକ ଆକାଶ' ବୋଲି କୁହାଯାଏ । ଏସବୁ ସତ୍ତ୍ୱେ ପ୍ରତି ମୁହୂର୍ତ୍ତରେ ତାକୁ ନୂଆ ନୂଆ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ ବିଶ୍ୱସ୍ତରରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ପ୍ରାୟ ସବୁ ଦେଶ ତତ୍ପର । ସେଥିପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ମଧ୍ୟ ପାଳନ କରାଯାଇଆସୁଛି ।

ନାରୀ ସର୍ବଦା ପୂଜନୀୟା । ଏକାଧାରରେ ସେ ଜନନୀ, ଜାୟା, ଓ ଭଗିନୀ । ମା' ହିସାବରେ ସେ ଜନ୍ମଦାତ୍ରୀ । ତା' ବିନା ସୃଷ୍ଟି ନାହିଁ । ଜାୟା ଭାବେ ସେ ପୁରୁଷର ସହଧର୍ମିଣୀ – ତା' ଦାମ୍ପତ୍ୟ ଜୀବନର ସାଥୀ । ଭଗିନୀ ହିସାବରେ ସ୍ନେହ–ଶ୍ରଦ୍ଧାର ଅଧିକାରିଣୀ ସିଏ । ତଥାପି ମହିଳାମାନଙ୍କୁ ଅନେକ ସମୟରେ ଉପେକ୍ଷିତ ହେବାକୁ ପଡୁଛି । ପରିବାର ଠାରୁ ଆରମ୍ଭ କରି ସମାଜ ବ୍ୟବସ୍ଥାରେ ସେ ହିଂସା ଓ ବୈଷମ୍ୟର ଶୀକାର ହେଉଛି । ଆଜି ମହିଳାମାନଙ୍କୁ ଯେତେ ସ୍ୱାଧୀନତା ମିଳିଛି ତାହା କେବଳ ମହିଳାମାନଙ୍କର ଦୀର୍ଘ ଦିନର ସଂଗ୍ରାମ ଓ ବଳିଦାନର ଫଳ । ଇତିହାସକୁ ନିରୀକ୍ଷଣ କଲେ ଅନେକ କଥା ଆମ ଆଖି ସାମ୍ନାକୁ ଆସେ । ସର୍ବପ୍ରଥମେ ୧୯୧୧ ମସିହାରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଥିଲା । ମାତ୍ର ଏହା ପୂର୍ବରୁ ୧୮୮୭ ମସିହା ମାର୍ଚ୍ଚମାସ ୮ ତାରିଖରେ ଆମେରିକାରେ ଏକ ବସ୍ତ୍ରଶିଳ୍ପର ମହିଳାମାନେ ତାଙ୍କ ଶ୍ରମ ୧୬ ଘଣ୍ଟାରୁ ୧୦ ଘଣ୍ଟା କରିବା ପାଇଁ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇ ଆସିଥିଲେ । ୧୯୦୯ ମସିହାରେ ମଧ୍ୟ ମହିଳାମାନେ ନିଜର ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ । ୧୯୧୦ ମସିହାରେ ଅନ୍ତରାଷ୍ଟ୍ରୀୟ ସୋସିଆଲିଷ୍ଟ ମହିଳା ଅଧିବେଶନରେ ରୁଷର କ୍ରାନ୍ତିକାରୀ ମହିଳା କ୍ଲାରା ଜେଟ୍‌କିନ୍ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାକି ପ୍ରତିବର୍ଷ ପାଳନ ହେଇଆସୁଛି ।

ସେହିପରି ୧୯୧୫ ମସିହାରେ ଅସଲୋରେ ମହିଳାମାନେ ପ୍ରଥମ ବିଶ୍ୱଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ୧୯୩୭ ମସିହାରେ ସ୍ପେନର ମହିଳାମାନେ ଫ୍ରାନକ୍ଲିନ୍‌ଙ୍କର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ଲଢ଼ାଇ କରିଥିଲେ । ୧୯୪୩ ମସିହା ମାର୍ଚ୍ଚ ୮ ତାରିଖରେ ଭିଏତ୍‌ନାମର ନାରୀମାନେ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଥିଲେ । ସେହିପରି ଇଟାଲୀର ମହିଳାମାନେ ମୁସୋଲିନି ତାନାସାହି ବିରୋଧ କରିଥିଲେ । ଆମ ଦେଶରେ ୧୮୫୭ ମସିହା ସିପାହୀ ବିଦ୍ରୋହ, ୧୯୨୦ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଭାରତୀୟ ମହିଳାମାନେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନାରୀ ଆନ୍ଦୋଳନ ସାରା ବିଶ୍ୱର ମହିଳାମାନଙ୍କ ସ୍ଥିତିକୁ ସୁଦୃଢ଼ କରିଛି ।

ମହିଳାମାନଙ୍କ ଆନ୍ଦୋଳନ ଫଳରେ ସାରା ବିଶ୍ୱରେ ଓ ଆମ ଦେଶରେ ମହିଳାମାନଙ୍କୁ ଅଭୂତପୂର୍ବ ସଫଳତା ମିଳିଛି ମଧ୍ୟ । ଏଭଳି କାମ ନାହିଁ ଯେଉଁ କ୍ଷେତ୍ରରେ ମହିଳାମାନେ ଦକ୍ଷତାର ସହ କାମକରି ଦେଖାଇନାହାଁନ୍ତି । ଆନି କୋହେନ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏ କି ସଫଳତାର ସହ ସାଇକେଲରେ ବିଶ୍ୱ ଭ୍ରମଣ କରିବାର ଗୌରବ ଅର୍ଜନ କରିଥିଲେ । ଏଲିନା ଲୁକ୍ରେଜିଆ ହେଉଛନ୍ତି ଏପରି ଜଣେ ମହିଳା ଯିଏକି ସର୍ବପ୍ରଥମ ଫିଲୋସଫିରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ । ସେହିପରି ସାରାହ୍ ଡିଲିସ୍ ଆଉଟେନ୍ ହେଉଛନ୍ତି ବିଶ୍ୱର ପ୍ରଥମ ମହିଳା ଯିଏକି ସମୁଦ୍ର ଭିତରେ ଏକୁଟିଆ ଡଙ୍ଗାକୁ ଆହୁଲାମାରି ଜାପାନରୁ ଆଲାସ୍କା ଯାତ୍ରା କରିବାରେ ସଫଳ ହୋଇଥିଲେ । ଭାଲେଣ୍ଟିନା ତେରେସ୍କୋଭା ବିଶ୍ୱର ପ୍ରଥମ ମହାକାଶଚାରୀ। ଆମ ଦେଶ ତଥା ରାଜ୍ୟରେ ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇ ମହିଳାମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ବୈଦିକ ଯୁଗରେ ବିଶ୍ୱବାରା, ଲୋପାମୁଦ୍ରା, ଗାର୍ଗୀ, ପୁରାଣ ଯୁଗରେ ସୀତା, ସାବିତ୍ରୀ, ଅନସୂୟା ଆଦି ନାରୀମାନେ ସମାଜରେ ଉଚ୍ଚସ୍ଥାନର ଅଧିକାରିଣୀ ହୋଇପାରିଥିଲେ । ବର୍ତ୍ତମାନର ନାରୀ ମଧ୍ୟ କୌଣସି ଗୁଣରେ କମ୍ ନୁହଁନ୍ତି । ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କଠାରୁ ଆରମ୍ଭ କରି ମୀରା କୁମାର, ପି.ଟି ଉଷାଙ୍କ ଠାରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସୁନିତା ଚୋଧୁରୀଙ୍କ ଠାରୁ ପଦ୍ମିନୀ ରାଉତ, କିରଣ ବେଦୀଙ୍କ ଠାରୁ ରୂପା ମିଶ୍ର ଏବଂ ଐଶ୍ୱର୍ଯ୍ୟ ରାୟ ବଚ୍ଚନଙ୍କ ଠାରୁ ନନ୍ଦିତା ଦାସଙ୍କ ଏପରିକି ଜ୍ୟୋତିମୟୀ ଦାସଙ୍କ ପର୍ଯ୍ୟନ୍ତ ସବୁଠି ନାରୀର ଜୟଯାତ୍ରା । ଏ ସବୁ ମହିଳାମାନଙ୍କ ଆଖିଦୃଶିଆ ସଫଳତା ସତ୍ତ୍ୱେ ଅନେକ ମହିଳା ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, କେଉଁଠି ବି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ସମାଜିକ ହିଂସା, ଦୁଷ୍କର୍ମ ବା ବଳାତ୍କାର, ଯୌତୁକ ହତ୍ୟା, ଘରୋଇ ହିଂସା ଓ କନ୍ୟାଭ୍ରୂଣ ହତ୍ୟା ବଢ଼ିବାରେ ଲାଗିଛି । ଆଜି ବି ଅନେକାଂଶରେ ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ନିଜକୁ ସୁରକ୍ଷିତ ମନେକରୁନାହିଁ । ଏକ ସର୍ବେକ୍ଷଣରୁ ଜଣାପଡ଼େ ଭାରତରେ ପ୍ରତି ୭୮ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ବଧୂହତ୍ୟା, ପ୍ରତି ୫୯ମିନିଟ୍‌ରେ ଜଣେ ମହିଳା ଯୌନ ଶୋଷଣର ଶୀକାର ହେଉଥିବା ବେଳେ ପ୍ରତି ୩୪ମିନିଟ୍‌ରେ ଜଣେ ମହିଳା ନିର୍ଯାତନା ଏବଂ ପ୍ରତି ୫ଜଣ ବିବାହିତ ମହିଳାଙ୍କ ମଧ୍ୟରୁ ୩ ଜଣ ମହିଳା ଘରୋଇ ହିଂସାର ଶୀକାର ହେଉଛନ୍ତି । ଦୁଷ୍କର୍ମ ବା ବଳାତ୍କାର କଥା ଆହୁରି ତଦୁପ ।

ଏବେ ଚିନ୍ତା କରିବାର ବେଳ ଆସିଛି । ପଞ୍ଚାୟତ ସ୍ତରରେ ବହୁ ସଂଖ୍ୟାରେ ମହିଳା ଭାଗ ନେଇଥିଲେ ମଧ୍ୟ ପ୍ରକୃତ କ୍ଷେତ୍ରରେ ନେତୃତ୍ୱ ନେବା କ୍ଷେତ୍ରରେ ଏବେ ବି ସେମାନେ ବହୁପଛରେ । ଉପର ସ୍ତରରେ ସ୍ଥାନ ସଂରକ୍ଷଣ ପାଇଁ ଏବେବି ବିବାଦ ତୁଟୁନାହିଁ । ଆଧୁନିକ ସମାଜରେ କନ୍ୟାଭ୍ରୂଣ ହତ୍ୟା ଦିନକୁ ଦିନ ବଢ଼ି ଚାଲିଛି । କନ୍ୟା ସନ୍ତାନ ପ୍ରତି ଏପରି ବିମୁଖତା ଆଦୌ ଗ୍ରହଣୀୟ ନୁହେଁ । ଏହାକୁ ରୋକିବା ପାଇଁ କଡ଼ାକଡ଼ି ଭାବେ ଆଇନ ପାଳନ କରାଯିବା ଉଚିତ୍ । ଆଜି ମହିଳାମାନଙ୍କ ପାଇଁ ଜନନୀ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ସ୍ୱର୍ଣ୍ଣଜୟନ୍ତୀ ସ୍ୱରୋଜଗାର ଯୋଜନା ପ୍ରଣୟନ କରାଯାଇଛି । ଜାତୀୟ ତଥା ରାଜ୍ୟ ସ୍ତରରେ ମହିଳା ଆୟୋଗ କାର୍ଯ୍ୟ କରୁଛି । କେତେକ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସଂଗଠନ ମଧ୍ୟ ନାରୀସୁରକ୍ଷା ପାଇଁ ସେମାନଙ୍କର ଉଦ୍ୟମ ଜାରି ରଖିଛନ୍ତି । କିନ୍ତୁ ଏ ଦିଗରେ ଆଶାନୁରୂପ ଫଳ ମିଳିନାହିଁ । ତେଣୁ, ମହିଳା ଓ ପୁରୁଷ ଉଭୟେ ଏ ନେଇ ସଚେତନ ହେବା ନିତାନ୍ତ ଆବଶ୍ୟକ ।

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ, ଜଗତସିଂହପୁର
ମୋ–୯୯୩୭୧୫୧୦୫୨

ଖରାଦିନରେ କାନ–ନାକ–ଗଳାର ଯତ୍ନ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକେଇଲାଣି । ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ, ବିଶେଷକରି କାନ–ନାକ–ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ପ୍ରାୟତଃ ଅବ୍ୟବସ୍ଥିତ କରିଥାଏ । ପ୍ରାୟତଃ ଖରାଦିନରେ ଲୋକମାନଙ୍କର ତତ୍‌ସମ୍ବନ୍ଧୀୟ ଅନେକ ରୋଗ ନେଇ ଆଶଙ୍କା ରହିଥାଏ । ଆସନ୍ତୁ, ଟିକିଏ ସେ ବିଷୟରେ ଜାଣିବା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭୁପେଶ...

ହୋଇଥିବା ସୂଚନା ମିଳିଛି । ଘରୁ ବାହାରୁଥିବା ସମୟରେ ଲୋକମାନେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ କରିଥିଲେ । ଆକ୍ରମଣ ବିରୋଧରେ ଇଡି ଏତଲା ଦାଖଲ କରିବ । ତଦନ୍ତକାରୀ ସଂସ୍ଥା ବାଘେଲଙ୍କ ଘରୁ କେତେକ କାଗଜପତ୍ର ସହ ଟଙ୍କା ଜବତ କରିବାର ଖବର ମିଳିଛି । ବାଘେଲ ଅଭିଯୋଗ କରିଛନ୍ତି ଯେ ଇଡି ଅଧିକାରୀମାନେ ତାଙ୍କ ଘରକୁ ଭୋର୍ ୭.୩୦ରେ ପହଞ୍ଚିଥିଲେ, ଯେତେବେଳେ ସେ ଚା' ପିଉଥିଲେ । ଇଡି ଅଧିକାରୀମାନେ ତାଙ୍କୁ ଇସିଆଇଆର ଦେଖାଇ ପାରିନଥିଲେ । କୌଣସି ଏତଲା ଥିବା ମଧ୍ୟ କହିପାରିନଥିଲେ । ତାଙ୍କ ନାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟରେ କୌଣସି ଏତଲା ରିପୋର୍ଟ ଦାଖଲ ହୋଇନାହିଁ । ୭ ବର୍ଷ ତଳେ ତାଙ୍କ ନାମରେ ଏକ ଗୁରୁତର ଅଭିଯୋଗକୁ ସୃଷ୍ଟି କରାଯାଇଥିଲା । ଏଥିରେ କିଛି ମିଳିନଥିଲା । ସୁପ୍ରିମ୍‌କୋର୍ଟ ଏହି ମାମଲାରୁ ତାଙ୍କୁ ମୁକ୍ତ କରିଥିଲେ । ଏହି ମାମଲାରେ କୌଣସି ତଥ୍ୟ ମଧ୍ୟ ନଥିଲା । ବାଘେଲଙ୍କ ଅଭିଯୋଗ ଅନୁଯାୟୀ ତାଙ୍କୁ ଛତିଶଗଡ ବିଧାନସଭାକୁ ଯିବାକୁ ଅନୁମତି ମିଳିନଥିଲା କିମ୍ବା ଫୋନ୍ ବ୍ୟବହାର କରିବାକୁ ଦିଆଯାଇନଥିଲା । ତାଙ୍କ ଝିଅ, ପୁଅ, ବୋହୂ ଓ ନାତି-ନାତୁଣିମାନେ ସେଠାରେ ରହୁଛନ୍ତି । କେନ୍ଦ୍ରୀୟ ସଂସ୍ଥା ୧୪ଟି ସ୍ଥାନରେ ଚଢ଼ାଉ କରିଛି । ତାଙ୍କ ପୁଅଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରାଯାଇଛି । ତାଙ୍କ ଘରୁ ୩୫ ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ । ସେ ଭାବୁନାହାନ୍ତି ଏତେ ଟଙ୍କା ଜବତ ହୋଇଛି ।

ଜୟନାରାୟଣଙ୍କ...

ଦଳ ଆସନରେ ନଥିବାରୁ 'ବିଜୁ ପନାୟକଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ ନ ହେବା' ପ୍ରସଙ୍ଗକୁ ନେଇ ଆଗତ ମୁଲତବୀ ପ୍ରସ୍ତାବର ଆଲୋଚନା ହୋଇପାରିଲାନି।

ବିରୋଧୀ ଦଳର ହଙ୍ଗାମା ଭିତରେ କଡ଼ା ପ୍ରତିକ୍ରିୟା ରଖି ବିଜେପି ବିଧାୟକ ଅମର ନାୟକ କହିଲେ, ୨୪ ବର୍ଷ ସରକାରରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଠିକ୍ ଭାବେ ପଢ଼ିଆ କହିପାରିଲେ ନାହିଁ । ଓଡ଼ିଆଙ୍କ ପାଇଁ କିଛି କରିନାହାନ୍ତି। ପୂର୍ବ ସରକାରରେ ପଢ଼ିଆ ସବୁଥିରୁ ବଞ୍ଚିତ ଥିଲେ। ଉତ୍ତରରୁ ଦକ୍ଷିଣ ଯାଏଁ, ସବୁଠି ସୀମା ବିବାଦ । ଓଡ଼ିଆ ଅସ୍ମିତା କଥା କହୁଥିବା ଦଳର ଲୋକେ ତାମିଲ ଅଧିକାରୀଙ୍କ ଆଗରେ ଟେଣ୍ଟ ବାନ୍ଧୁଥିଲେ। କିଏ ଟ୍ରାଫିକ କନଷ୍ଟେବଳ ସାଜିଥିଲେ ଓ ଆଉ କିଏ ନିଜ ସ୍ୱାର୍ଥ ରକ୍ଷା ପାଇଁ କ୍ରୀତଦାସ ହୋଇଥିଲେ। ସେତେବେଳେ ଓଡ଼ିଆ ଅସ୍ମିତା କୁଆଡ଼େ ଯାଇଥିଲା? ଠିକା କାମ, ଶିକ୍ଷା, ସବୁଥିରେ ଓଡ଼ିଆ ଉପେକ୍ଷିତ ହୋଇଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଲେ, ବିଜୁ ବାବୁଙ୍କ ନାଁରେ ଯେଉଁ ଦଳ ଗଢ଼ାଯାଇଛି, ତା'ର ଅବସ୍ଥା ଦେଖି ତାଙ୍କ ଆତ୍ମା ଦୁଃଖୀ ହେଉଥିବ। ଆଜି ଯାଏଁ ଏ ଦଳ ପଢ଼ିଆ ଅସ୍ମିତା ବୁଝି ପାରିଲେ ନାହିଁ। ସେ ଦଳର ସଭାପତି ଦୁଇ ପଦ ଓଡ଼ିଆ ଶିଖି ପାରିଲେ ନାହିଁ। ୨୪ ବର୍ଷ ଶାସନରେ ଓଡ଼ିଆ ଅସ୍ମିତାକୁ ତଳି ତଳାନ୍ତ କରିଛନ୍ତି। ଯେଉଁମାନେ ଅଣଓଡ଼ିଆଙ୍କ ପାଇଁ ଟେଣ୍ଟ ଭିଡ଼ିଲେ, ଟ୍ରାଫିକ ପୋଲିସ ସାଜିଲେ ଓ ଚେୟାର ପକାଇଲେ, ସେମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ବିଜେପି ସରକାର ଓଡ଼ିଆ ଅସ୍ମିତା ପାଇଁ ପ୍ରତିଶ୍ରୁତିବଦ୍ଧ।

ହଙ୍ଗାମା ନ ଥମିବାରୁ ମଧ୍ୟାହ୍ନ ୧୨ଟା ୨୨ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଗୃହ ମୁଲତବୀ ରଖିଲେ ବାଚସ୍ପତି। ଦିନ ୧ଟାବେଳେ ବି ସେଇ ସମାନ ସ୍ଥିତି ଲାଗି ରହିଥିଲା। ହଙ୍ଗାମା ଭିତରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ କହିଲେ, କଂଗ୍ରେସ ଦଳ ଆଜି ମହିଳା ସୁରକ୍ଷା କଥା କହୁଛି। କଂଗ୍ରେସ ସରକାର ଅମଳରେ ଯେଉଁ ସବୁ ଘଟଣା ଘଟିଥିଲା, ତାହା ଏବେ ବି ମନରୁ ଲିଭିନି। ମହିଳା ଅସଦାଚରଣ ପ୍ରସଙ୍ଗରେ କଂଗ୍ରେସ ସରକାରରୁ ଯାଇଛି। ଯେଉଁ ଦଳ ଓଡ଼ିଆ ଅସ୍ମିତା ପ୍ରସଙ୍ଗ ଉଠାଇଛନ୍ତି, ସେ ଦଳର ନେତା ୪ ଧାଡ଼ି ଓଡ଼ିଆ କହିପାରୁନାହାନ୍ତି। ପାରଳା ମହାରାଜ, ହରେକୃଷ୍ଣ ମହତାବଙ୍କୁ କେତେ ସମ୍ମାନ ଦେଇଥିଲା ସେ ଦଳ? ଗୋଟିଏ ଆଞ୍ଚଳିକ ଦଳ ହୋଇ ରାଜ୍ୟ ବାହାର ଲୋକଙ୍କୁ ସଦସ୍ୟ କରୁଥିଲେ କେମିତି? ନିଜ ଦଳରୁ ବିଜୁ ବାବୁଙ୍କ ଫଟୋ କାଢ଼ି ପାଣ୍ଡିଆନଙ୍କ ଫଟୋ ଲଗାଉଥିଲେ କେମିତି ବୋଲି ସେ ପ୍ରଶ୍ନ କରିଥିଲେ।

ହଙ୍ଗାମା ନ ଥମିବାରୁ ୧ଟା ୧୦ ମିନିଟରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ କଲେ। କଂଗ୍ରେସ ଓ ବିଜେଡି ହଙ୍ଗାମା ଜାରି ରଖିବାରୁ ଅପରାହ୍ନ ୪ଟାରୁ ୪ଟା ୩୨, ୪ଟା ୩୨ରୁ ୫ଟା ୨ ମିନିଟ, ୫ଟା ୨ରୁ ୫ଟା ୨୨ ପର୍ଯ୍ୟନ୍ତ ବାରମ୍ବାର ଗୃହକୁ ମୁଲତବୀ କରିଥିଲେ ବାଚସ୍ପତି। ୫ଟା ୨୨ ମିନିଟରେ ହଙ୍ଗାମା ଭିତରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା। ଏପଟେ ହଙ୍ଗାମା ଜୋରଦାର ହୋଇଥିଲା। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବାରମ୍ବାର ବାଚସ୍ପତିଙ୍କ ପୋଡ଼ିୟମ ଉପରକୁ ଉଠିବାକୁ ପ୍ରୟାସ କରିବା ସହ ମାଇକକୁ ଟାଣି ଭାଙ୍ଗି ଦେଇଥିଲେ। ସନ୍ଧ୍ୟା ୬ଟାବେଳେ କଂଗ୍ରେସ ସଭ୍ୟମାନେ ବ୍ୟାନର ଓ ପୋଷ୍ଟର ଆଦି ବାଚସ୍ପତିଙ୍କ ପୋଡ଼ିୟମ ଆଡ଼କୁ ଫିଙ୍ଗିଥିଲେ। ଏହାପରେ କଂଗ୍ରେସ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ବିଜେଡି ବିଧାୟକମାନେ ହଙ୍ଗାମା ଜାରି ରଖିଥିଲେ ଶେଷ ପର୍ଯ୍ୟନ୍ତ। ଖର୍ଚ୍ଚ ଦାବି ପାରିତ ହେବା ପରେ ସନ୍ଧ୍ୟା ୬ଟା ୭ ମିନିଟରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଥିଲେ ବାଚସ୍ପତି।

ହତ୍ୟା...

ଜଣାପଡ଼ିଛି। ଉଭୟ ଯଥାକ୍ରମେ ୯ମ ଓ ୬ଷ୍ଠ ଶ୍ରେଣୀରେ ପଢୁଥିଲ ବୋଲି କୁହାଯାଉଛି। ପ୍ରକାଶଙ୍କ ସ୍ତ୍ରୀ ୩ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ପୁନର୍ବାର ପ୍ରକାଶ ଦ୍ୱିତୀୟ ବିବାହ ପାଇଁ ଗତକାଲି ରବିବାର ଦିନ ପ୍ରସ୍ତାବ ଆସିବାରୁ ଦୁଇ ପୁଅ ବେକରେ ଲୁଗାବାନ୍ଧି ଝୁଲିପଡ଼ି ଆତ୍ମହତ୍ୟା କରିଥିବା ପୁଅର ବାପା ଅଚ୍ୟୁତ୍ ମହାନ୍ତି କହିଛନ୍ତି। ମାତ୍ର ସ୍ଥାନୀୟ ଲୋକେ ଏହାକୁ ଗ୍ରହଣ କରୁନାହାନ୍ତି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆସୁଛି।ଭାବି ପତ୍ନୀ ବା ଭାବି ଶ୍ୱଶୁର ଘର ଲୋକଙ୍କ କଥାରେ ପଡ଼ି ଅଚ୍ୟୁତ ମହାନ୍ତି ତାଙ୍କର ନାବାଳକ ୨ ପୁଅଙ୍କୁ ମାରି ଟାଙ୍ଗି ଦେଇ ଆତ୍ମହତ୍ୟା ରୂପ ଦେଇପାରି ଥାନ୍ତି ବୋଲି କୁହାଯାଉଛି। ଫତେଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଦୁଇ ପିଲାଙ୍କ ବାପା ପ୍ରକାଶଙ୍କୁ ଅଟକ ରଖିବା ସହ ଜବତ ଦୁଇ ନାବାଳକଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ମେଡିକାଲକୁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ୍ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଭାନୁଆଟୁ...

ନିଷ୍ପତ୍ତି ନିଆଯାଇଥିଲା । ମାର୍ଚ୍ଚ ୭ରେ ତାଙ୍କର ଭାରତୀୟ ପାସ୍‌ପୋର୍ଟ ଫେରାଇବା ପାଇଁ ଆବେଦନ ହୋଇଥିଲା । ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ନିଶ୍ଚିତ କରିଥିଲା । ଲଳିତ ମୋଦି ୨୦୧୦ ମସିହାରୁ ଭାରତ ଛାଡି ଲଣ୍ଡନରେ ରହୁଛନ୍ତି । ବୈଦେଶିକ ବ୍ୟାବାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଲଣ୍ଡନରେ ଭାରତୀୟ ହାଇକମିଶନରେ ତାଙ୍କର ପାସ୍‌ପୋର୍ଟ ଜମା କରିବାକୁ ସେ ଆବେଦନ କରିଛନ୍ତି । ନିୟମ ଅନୁଯାୟୀ କରାଯିବ । ଆମକୁ କୁହାଯାଇଛି ଯେ ସେ ଭାନୁଆଟୁର ନାଗରିକତା ହାସଲ କରିଛନ୍ତି । ଲଳିତ ମୋଦି ପିସିସିଆଇର ଉପସଭାପତି ଥିଲେ । ତାଙ୍କ ନାମରେ ଆର୍ଥିକ ଲେଣଦେଣ ଓ ବୈଦେଶିକ ମୁଦ୍ରା ବିନିମୟ ପରିଚାଳନା ଆଇନ୍ ଉଲ୍ଲଂଘନ ଆଦି ଅଭିଯୋଗ ରହିଛି । ଆର୍ଥିକ କୁପରିଚାଳନା ପାଇଁ ତଦନ୍ତ ଆରମ୍ଭ ହେବାପରେ ସେ ୨୦୧୦ରେ ଭାରତ ଛାଡିଥିଲେ । ମାର୍ଚ୍ଚ ୮ରେ ଲଳିତ ମୋଦି ଟ୍ୱିଟରରେ ଲେଖିଥିଲେ ଯେ ଭାରତର କୌଣସି ଅଦାଲତରେ ତାଙ୍କ ନାମରେ ମାମଲା ବ୍ୟକ୍ତିଗତ ଭାବେ ନାହିଁ । ୧୫ ବର୍ଷ ବିତିଗଲାଣି, ଏହା କେବଳ ଗଣମାଧ୍ୟମର ଚିନ୍ତାଧାରା ବୋଲି କହିଛନ୍ତି ।

ଖରାଦିନେ...

ବ୍ଲକ କେ. ସେମଳା ପଞ୍ଚାୟତ କଣ୍ଟାସାରୁଗୁଡ଼ାର ବନମାଳୀ ୬୦ ହଜାର ଟଙ୍କା ବ୍ୟୟରେ କୋରାପୁଟରୁ କାଠ ଓ ବାଉଁଶ ଆଣି ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲ ନିର୍ମାଣ କରିଛନ୍ତି। ଯାହା ୧୫ ଖଣ୍ଡ ଗ୍ରାମବାସୀଙ୍କ ଜୀବନ ଜୀବିକାର ମାଧ୍ୟମ ସାଜିଛି। ଏଥି ପୂର୍ବରୁ ବନମାଳୀଙ୍କ ବାପା ଜୟଦେବ ଦୋରା ନିଜସ୍ୱ ଖର୍ଚ୍ଚରେ ପୋଲ ନିର୍ମାଣ କରୁଥିଲେ। ବାପାଙ୍କ ପ୍ରେରଣାରେ ପୋଲ ନିର୍ମାଣ କରୁଥିବା କହିଛନ୍ତି ବନମାଳୀ। ଖରାଦିନରେ ଏହି ବାଉଁଶ ପୋଲ ନଦୀ ପାର ହେବାର ପ୍ରମୁଖ ମାଧ୍ୟମ ପାଲଟୁଛି।

ବର୍ଷା ଦିନରେ ନଦୀରେ ୧୫ ଫୁଟରୁ ଅଧିକ ପାଣି ରହୁଥିବାରୁ କାଠ ଡଙ୍ଗାରେ ଗ୍ରାମବାସୀ ନଦୀ ପାର ହୋଇ ବିଭିନ୍ନ କାମରେ ଯାଉଛନ୍ତି। ୨୦୦ ମିଟରର ବାଉଁଶ ପୋଲ କଣ୍ଟାସାରୁଗୁଡ଼ାରୁ କୋଟପାଡ଼ର ବାଶୁଳୀକୁ ଯୋଡୁଛି। ନଦୀ ପାର ହେବା ପରେ ମାତ୍ର ୨ କିମି ଦୂରରେ କୋଟପାଡ଼ ସହର ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ବ୍ୟାବସାୟିକ କ୍ଷେତ୍ର ପାଇଁ ଗ୍ରାମବାସୀ କୋଟପାଡ଼ ଉପରେ ନିର୍ଭର କରୁଛନ୍ତି। କଣ୍ଟାସାରୁଗୁଡ଼ା ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ବ୍ଲକ୍ ସଦର ମହକୁମାରୁ ପ୍ରାୟ ୨୦ କିମି ଦୂରରେ ରହିଛି ଏହି ଗାଁ। ସେହିପରି ଜଗଦଲପୁରକୁ କୋଟପାଡ଼ ଦେଇ ଗଲେ ଦୂରତା କମୁଛି । ଏ ସମ୍ପର୍କରେ କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ କହିଛନ୍ତି ୧୦ ଲକ୍ଷ ଭିତରେ ଆମେ ବ୍ରିଜ୍ ନିର୍ମାଣ କରିପାରିବୁ। କିନ୍ତୁ ବ୍ରିଜ୍ ନିର୍ମାଣ ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଯାହା ଆମ କ୍ଷମତା ବାହାରେଛ ଲୋକଙ୍କ ଅଭିଯୋଗ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯିବ ବୋଲି ବିଡିଓ ଶ୍ରୀ ତ୍ରିପାଠୀ କହିଛନ୍ତି।

ଭୋଟର...

ସୀତାରମଣ ଆଜି ମଣିପୁର ଲାଗି ବଜେଟ୍ ଉପସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହଙ୍କ ଇସ୍ତଫା ପରେ ଏଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି । ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଥିଲେ ଯେ ଭୋଟର ତାଲିକାରେ ଜାଲିଆତି କରାଯାଇଛି । ଇପିଆଇସି ସଂଖ୍ୟାରେ ନକଲ କରାଯାଇଛି । ତୃଣମୂଳ କଂଗ୍ରେସ ପକ୍ଷରୁ ଏହି ଅଭିଯୋଗକୁ ଜୋରଦାର କରାଯାଇଥିଲା । ନିର୍ବାଚନ କମିଶନ ୩ ମାସ ମଧ୍ୟରେ ସଂଶୋଧିତ କରିବାକୁ ଦାବି କରାଯାଇଛି । ସେହିଭଳି ବିରୋଧୀ କଂଗ୍ରେସ, ଡିଏମ୍‌କେ, ଶିବସେନା ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସଂସଦରେ ଆଲୋଚନା ଲାଗି ଦାବି କରିଛନ୍ତି । ଡିଏମ୍‌କେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣକୁ ଦୃଢ଼ ବିରୋଧ କରିଛି । ଜନସଂଖ୍ୟା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ହେଲେ ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ ଭଳି ରାଜ୍ୟ କ୍ଷତିଗ୍ରସ୍ତ ହେବେବୋଲି ସେ ଅଭିଯୋଗ କରିଛନ୍ତି ।

ପଞ୍ଚୁଦୋଳ ଯାତ୍ରା ପାଇଁ କମିଟି ଗଠନ

ରଣପୁର,(ସବ୍ୟୁ) : ଆସନ୍ତା ୧୯ ପଞ୍ଚୁଦୋଳ ଯାତ୍ରା ପାଇଁ ସୋମବାର ସନ୍ଧ୍ୟାରେ ରଣପୁର ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏନ. ଏସି ଅଧକ୍ଷା ରଙ୍ଗୀନ ମହାନ୍ତିଙ୍କ ଆବାହକତ୍ୱ ଅନୁଷ୍ଠିତ ଏହି ବୈଠକରେ ରଣପୁର ଦେବୋତ୍ତର ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହ ଅଧିକାରୀ ରଞ୍ଜନ ଦାସ,ଦେବୋତ୍ତର ମ୍ୟାନେଜର ରମେଶ ପ୍ରଧାନ.ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ ସ୍ୱରାଜ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ ଚଳିତ ବର୍ଷ ପଞ୍ଚୁଦୋଳ ଯାତ୍ରା କୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାଇତ୍ୱ ବଣ୍ଟନ କରାଯାଇଥିଲା ।

GOVERNMENT OF ODISHA
HOUSING AND URBAN DEVELOPMENT DEPARTMENT
OFFICE OF THE BIRAMITRAPUR MUNICIPALITY: BIRAMITRAPUR

C-1817

"e" Procurement Notice

Tender ID: 2025_ORULB_11/464

Tender call Notice No: 476 /BM/2024-25 Date: - 07.03.2025

1. Name of work: - Civil works as mentioned in DTCN.
2. No. of works: 04 Nos. of work.
3. Bid value: Rs. 4.97 lakhs to Rs 13.83 lakhs
4. Period of Completion: As per DTCN.
5. Date and time of availability, received of the bid documents in the portal from **10.00 A.M dated 10.03.2025 to dated 21.03.2025 up-to 05.00 P.M.**
6. Bids received online shall be opened on date **24.03.2025 at. 03.30 P.M**
7. Name & Address of the Officer inviting Bid: - Executive Officer, Birmitrapur Municipality

For further details can be seen from the Procurement portal: **https://tendersodisha.gov.in**

Sd/- Executive Officer
Birmitrapur Municipality

OIPR : 13139/11/0007/2425

OFFICE OF THE GENERAL MANAGER,
WATCO DIVISION,PURI, ODISHA
Phone:06752-223447/ e-Mail: eephpuri@gmail.com

C-1824

INVITATIONS FOR BIDS (IFB)

Government of Odisha "e" Procurement Notice

Bid Identification No. 31 of 2024-25 Dated. 04.03.2025.

1.	Name of the Work	:	Supply, installation, testing & commissioning of sewerage Submersible Pump motor sets for SPS-7, STP at Mangalaghat, Puri.
2.	Estimated Cost	:	Rs 46.96 Lakhs
3.	Period of Completion	:	3 Months
4.	Date and time of availability of bid documents in the portal	:	11.03.2025 (11.00A.M) to 20.03.2025 (5.00P.M)
5.	Last Date / Time for receipt of bids in the Portal	:	5.00P.M of 20.03.2025
6.	Date and time of opening of bids	:	12.30 P.M of 21.03.2025
7.	Name and address of the Officer Inviting Bid	:	General Manager, WATCO Division, Puri Phone: 06752-223447, Fax 06752-223447 E-Mail: **eephpuri@gmail.com**

8. The bidders have to participate in ONLINE bidding only.

Sd/- General Manager,
(WATCO, PURI)

OIPR : 13206/11/0012/2425

OFFICE OF THE NOTIFIED AREA COUNCIL REMUNA. BALASORE
e-mail: remuna-nac@gov.in Tel.No. -06782-291978

BID Identification No. RN_06_2024-25

Letter No. 260 Date : 07-03-2025

C-1821 : The Executive Officer on behalf of Notified Area Council , Remuna invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in.**

1.	Number of Civil works	:	**02 (Two) number**
2.	Estimated Costs	:	**42.66 lakhs & 43.30 lakhs**
3.	Period of completion	:	**As per NIT**
4.	Date and time of availability of the bid documents in the portal	:	**From 10.00 A.M.on dt. 11.03.2025 upto 05.00 PM of 25.03.2025**
5.	Last Date/ Time for receipt of bids in the portal	:	**Upto 05.00 PM on 25.03.2025**
6.	Bids will be opened on	:	**11.00 AM on Dt. 26.03.2025**
7.	Name and address of the officer inviting bid	:	**Executive Officer, Remuna NAC**

Sd/- Executive Offifcer
Remuna NAC

OIPR : 13204/11/0007/2425

email - serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

O-1062

No : _____/ Date : _____/

O-1588

E-Procurement Notice for PMGSY maintenance work

1. Name of the work : Periodical Renewal work of 5 year post DLP PMGSY Roads (06 Nos)
3. Class of Contractor : "B" & "A" Class of (Odisha PWD) or relevant class of other licensing authority.
3. Estimated cost : Vaies from Rs. 80.28 Lakhs to Rs. 292.27 Lakhs (Approximately)
4. Details projects as per Annexure attached.

Procurement Officer	Bid Identification No	Availability of Tender on-line for bidding		Last Date & Time of seeking tender clarification	Date & Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Sunabeda	CCERWCSBD-Online-22/2024-25	12.03.2025 at 11.00 A.M.	21.03.2025 up to 5.00 P.M.	20.03.2025 up to 2.00 P.M.	24.03.2025 up to 11.00 A.M.	To be intimated separately

5. The details of works can be seen from the web site **https://www.pmgsytenders.gov.in** for PMGSY maintenance works.
6. Any Corrigendum/Addendum will be displayed in the above e-tender website.

Sd/- Chief Construction Engineer
Rural Works Circle, Sunabeda

OIPR : 25182/11/0041/2425

OVERNMENT OF ODISHA
DEPARTMENT OF WATER RESOURCES

A-1177

Short Quotation Call Notice No 09 (NGR) / 2024-25

1.	Name of work	Supply of HP A3 digital photo copier machine model M72625dn (copy/Print/ scan with Network) for official use of office of the Superintending Engineer, Nayagarh Irrigation Division, Nayagarh. "
3.	Estimated cost	Rs. 131900.00 (Including GST)
5.	Date & time of sale of Quotation paper in division office	11.00 Hours of dt. 11.03.2025 to 16.00 Hours of dt. 20.03.2025
6.	Last date/ Time for Drop of Quotation paper in the Division Office	20.03.2025 up to 16.30 hours
7.	Date and place of opening of Quotation	Dt. 20.03.2025 at 17.00 Hours in the office of the Superintending Engineer, Nayagarh Irrigation Division, Nayagarh

Sd/- Superintending Engineer,
Nayagarh Irrigation Division,
Nayagarh.

OIPR : 32203/11/0002/2425

ଟାଟା ଷ୍ଟିଲ୍‌ର ପଙ୍କଜ ସତିଜାଙ୍କୁ ଗ୍ଲୋବାଲ ସଷ୍ଟେନେବଲ ମାଇନିଂ ଆୱାର୍ଡ

ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱରରେ ଆୟୋଜିତ ତୃତୀୟ ଓଡ଼ିଶା ମାଇନିଂ ଏବଂ ଇନଫ୍ରାଷ୍ଟ୍ରକ୍ଚର କନକ୍ଲେଭ୍‌ରେ ଟାଟା ଷ୍ଟିଲ୍ ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ୍ (ଏଫ୍‌ଏମ୍ଡି)ର ଏକଜିକ୍ୟୁଟିଭ୍-ଇନ୍-ଚାର୍ଜ୍ ପଙ୍କଜ ସତିଜାଙ୍କୁ ଗ୍ଲୋବାଲ ସଷ୍ଟେନେବଲ୍ ମାଇନିଂ ସମ୍ମାନରେ ସମ୍ମାନିତ କରାଯାଇଛି । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ସତିଜାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଶିଳ୍ପ କ୍ଷେତ୍ରରେ ନବସୃଜନ, ଦାୟିତ୍ୱବୋଧ ଏବଂ ପ୍ରଗତି ପାଇଁ ଶ୍ରୀ ସତିଜାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ସତିଜା କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇଁ ମୁଁ ମୋର କୃତଜ୍ଞତା ଜ୍ଞାପନ କରୁଛି । ଖଣିଜ ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ସମାଜର ବିକାଶ ଦିଗରେ ଆମେ ନିରନ୍ତର ଭାବରେ ନବସୃଜନ ଆଣିବା ସହ ଦାୟିତ୍ୱବାନ ଖଣି ଅଭ୍ୟାସ ଆପଣାଇଥାଉ । ଉଲ୍ଲେଖନୀୟ ଯେ, ଶ୍ରୀ ସତିଜାଙ୍କ ନେତୃତ୍ୱରେ ଏଫ୍‌ଏଏମ୍ଡି ଦୀର୍ଘସ୍ଥାୟୀ ଖଣି ଖନନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏଥିରେ ଉନ୍ନତ ପ୍ରଯୁକ୍ତିବିଦ୍ୟା, ଜୈବ ବିବିଧତା ସଂରକ୍ଷଣ ପ୍ରୟାସ ଏବଂ ସମାଜ କଲ୍ୟାଣ ଉପକ୍ରମ ଆଦି ଅଭିହିତ କରାଯାଇଛି । ଟାଟା ଷ୍ଟିଲ୍‌ର ଇଏସ୍ଜି (ପରିବେଶ, ସାମାଜିକ ଏବଂ ପ୍ରଶାସନିକ) ସିଦ୍ଧାନ୍ତ ପ୍ରତି ପ୍ରତିବଦ୍ଧତା ହିଁ ଖଣି

ବିଭିନ୍ନ ଦାବି ନେଇ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ମହାସମାବେଶ

ଭୁବନେଶ୍ୱର (ସବୁ୍ୟ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜଧାନୀ ମହାତ୍ମାଗାନ୍ଧି ମାର୍ଗରେ ବିଭିନ୍ନ ଦାବି ନେଇ ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ କର୍ମଚାରୀ ଏଥିରେ ଯୋଗଦେଇ ଦାବି ହାସଲ ପାଇଁ ରଣହୁଙ୍କାର ଦେଇଥିଲେ । ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ପ୍ରାୟ ୩୦ବର୍ଷ ଅନୁଦାନ ପ୍ରଦାନ, ବଞ୍ଚିବା ପାଇଁ ପେନ୍‌ସନ୍ ବ୍ୟବସ୍ଥା, ବିଦ୍ୟାଳୟ ସରକାରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟୁକ୍ତି ଦିନ ଠାରୁ ବରିଷ୍ଠତା ପ୍ରଦାନ, ଗ୍ରେଡ୍ ପେ ରେ ଅସଙ୍ଗତି ଦୂର, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ, ଖାଲି ପଡିଥିବା ଶିକ୍ଷକ ପଦବୀ ପୁରଣ ଇତ୍ୟାଦି ଦାବି ନେଇ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଭୁବନେଶ୍ୱର ରେଳଷ୍ଟେସନରୁ ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ । ଏସବୁ ଦାବି ପୁରଣ ନହେବା ଦୁର୍ଭାଗ୍ୟଜନକ ବୋଲି ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି । ତେଣୁ ତୁରନ୍ତ ଏହି ଦାବିସବୁ ପୁରଣ ନକଲେ ଆଗାମୀ ଦିନରେ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି ।

ମଦ ପିଇବାକୁ ଟଙ୍କା ନଦେବାରୁ ସ୍ତ୍ରୀକୁ କଟୁରି ଚୋଟ : ସ୍ୱାମୀ ଗିରଫ

ଭୁବନେଶ୍ୱର, (ସବୁ୍ୟ) : ମଦ ପିଇବାକୁ ଟଙ୍କା ନଦେବାରୁ ସ୍ତ୍ରୀକୁ କଟୁରୀ ଚୋଟ ମାରିଥିବା ଅଭିଯୁକ୍ତ ସ୍ୱାମୀ ଚିନ୍ତାମଣି ଦଳାଇ (୩୫)କୁ ମହିଳା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି ।

୨୦୧୩ ମସିହା ଫେବୃଆରୀ ମାସରେ ଅଭିଯୁକ୍ତ ଚିନ୍ତାମଣି ରାନୁ ଦଳାଇଙ୍କୁ ବିବାହ କରିଥିଲେ । ଉଭୟଙ୍କର ୧୧ବର୍ଷର ପୁତ୍ର ସନ୍ତାନ ଅଛନ୍ତି । ବିବାହର କିଛିଦିନ ପର୍ଯ୍ୟନ୍ତ ଉଭୟ ହସଖୁସିରେ ଚଳିଥିଲେ । ସ୍ୱାମୀ ରାନୁଙ୍କ ଠାରୁ ନିୟମିତ ମଦ ପିଇବାକୁ ଟଙ୍କା ନେବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲା । ଚଳିତ ମାସ ୬ ତାରିଖ ସକାଳେ ଅଭିଯୁକ୍ତ ମଦ ପିଇବାକୁ ଟଙ୍କା ମାଗିଥିଲା । ଅଭିଯୋଗକାରିଣୀ ସ୍ତ୍ରୀ ଟଙ୍କା ନଦେବାରୁ ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କଟୁରୀ ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା । ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ ଅଚେତ ହୋଇ ପଡିଯାଇଥିଲେ । ପଡୋଶୀମାନେ ରାନୁଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିଲେ ।

ସୁସ୍ଥ ହେବା ପରେ ରାନୁ ମହିଳା ଥାନାରେ ସ୍ୱାମୀଙ୍କ ବିରୋଧରେ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଚିନ୍ତାମଣି ଦଳାଇକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ଆନ୍ତର୍ଜାତିକ ମହିଳା ଦିବସରେ ପଥପ୍ରାନ୍ତ ନାଟକ

ଭୁବନେଶ୍ୱର (ସବୁ୍ୟ): ଆନ୍ତର୍ଜାତିକ ମହିଳା ଦିବସ ୨୦୨୫ ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜେଣ୍ଡର୍ ଅଧ୍ୟୟନ ବିଭାଗ ଓ ଏନ୍‌ଏସ୍‌ଏସ୍ ବ୍ୟୁରୋର ମିଳିତ ଆୟୋଜନରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା । ଏନ୍‌ଏସ୍‌ଏସ୍ ର ସ୍ୱେଚ୍ଛାସେବୀ ଓ ଛାତ୍ରୀମାନେ ସାମ୍ପ୍ରତିକ ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ସମସ୍ୟାକୁ ସମାଧାନ କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ । ଏତଦ୍ ବ୍ୟତୀତ ସେମାନେ ମା ମଙ୍ଗଳା ବସ୍ତିକୁ ଯାଇ ବସ୍ତି ବାସିନ୍ଦାମାନଙ୍କୁ 'ଜୟ ଅଫ୍ ଗିଭିଙ୍ଗ୍' କୁ ଯଥାର୍ଥ କରିବା ନିମନ୍ତେ ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ । ସେହି ଅବସରରେ ଜେଣ୍ଡର୍ ଅଧ୍ୟୟନ ବିଭାଗରେ ଆଜିର ଲିଙ୍ଗଗତ ସମାନତା, ଭବିଷ୍ୟତର ସ୍ଥାୟୀ ବିକାଶର ପରିଚାୟକ ଶୀର୍ଷକ ୱାଲ୍ ମାଗାଜିନ୍ କୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଚଣ୍ଡୀ ଚରଣ ରଥ ଉନ୍ମୋଚନ କରିଥିଲେ । ତତ୍ ସହିତ ପୋଷ୍ଟର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ କୁଳପତି ପ୍ରଫେସର୍ ଚଣ୍ଡୀ ଚରଣ ରଥ ମହୋଦୟ ପୁରସ୍କାର ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଜେଣ୍ଡର୍ ଅଧ୍ୟୟନ ବିଭାଗର ସମସ୍ତ ଛାତ୍ରୀ ଓ ଶିକ୍ଷକଗଣ ସଫଳତାର ସହ ପରିଚାଳନା କରିଥିଲେ । ଏନ୍.ଏସ୍.ଏସ୍ ବ୍ୟୁରୋର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

ଇନ୍‌ସୁରାନ୍ସ ସେକ୍ଟରର କାର୍ଯ୍ୟ ଦକ୍ଷତା ସମୀକ୍ଷା ଜନୀତ ପବ୍ଲିକ ଅଣ୍ଡର ଟେକିଂ କମିଟି ବୈଠକରେ ଅଧ୍ୟକ୍ଷତା କରୁଛନ୍ତି ସାଂସଦ ବୈଜୟନ୍ତ ପଣ୍ଡା । ଏଠାରେ ଉପସ୍ଥିତ ଅଛନ୍ତି ଇନ୍‌ସୁରାନ୍ସ ରେଗୁଲେଟରୀ ଆଣ୍ଡ ଡେଭଲଫ୍‌ମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆର ସିଏମ୍‌ଡି ଓ ପ୍ରତିନିଧି ଗଣ ।

ଦୌଡ ପ୍ରତିଯୋଗିତାରେ ସରିତା ମିଶ୍ରଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ

ଭୁବନେଶ୍ୱର (ସବୁ୍ୟ): ସଂପ୍ରତି ରାଉରକେଲା ବିର୍ଶାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ଜାତୀୟ ମାଷ୍ଟର୍ସ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି ଭୁବନେଶ୍ୱରର ସରିତା ମିଶ୍ର । ଏହି କ୍ରୀଡାରେ ଉଦିୟମାନ ଖେଳାଳି ସରିତା ମିଶ୍ର ୧୫୦୦ ମିଟର ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଓ ୫ହଜାର ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଛନ୍ତି । ଭୁବନେଶ୍ୱର ଗୌତମନଗର ନିବାସୀ ସରିତା ମିଶ୍ର ଏହା ପୂର୍ବରୁ ଜାତୀୟ ମହିଳା ଫୁଟବଲ ଦଳର ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ । ଫୁଟବଲ ବ୍ୟତିତ ଦୌଡ କୁଦ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇ ସେ କୃତିତ୍ୱ ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ସାଧାରଣରେ ଖୁସିର ଲହରି ସୃଷ୍ଟି କରିଛି । ଭବିଷ୍ୟତରେ ଏଭଳି କ୍ରୀଡାବିତ୍‌ମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଯିବା ପାଇଁ ମତ ପ୍ରକାଶ ପାଉଛି ।

ନଥିଙ୍ଗ ଫୋନ (୩ଏ) ୧୧ ମାର୍ଚ୍ଚରୁ ବିକ୍ରୟ ଆରମ୍ଭ

ଭୁବନେଶ୍ୱର (ସବୁ୍ୟ): ଲଣ୍ଡନର ଟେକନୋଲୋଜି କମ୍ପାନି ନଥିଙ୍ଗ, ୧୧ ମାର୍ଚ୍ଚରୁ ଫ୍ଲିପକାର୍ଟ, ବିଜୟ ସେଲସ୍, କ୍ରୋମା ଏବଂ ଭାରତର ପ୍ରମୁଖ ଖୁଚୁରା ଦୋକାନମାନଙ୍କରେ ଉପଲବ୍ଧ ହେବା ପ୍ରଥମ ଦିନ ଏକ ବିଶେଷ ପ୍ରାରମ୍ଭିକ ଅଫର ଭାବରେ ଫୋନ(୩ଏ) ସର୍ବନିମ୍ନ ଟ.୧୯,୯୯୯/-ରେ ଏବଂ ଫୋନ (୩ଏ) ଟ.୨୪,୯୯୯/-ରେ ଉପଲବ୍ଧ ହେବା ନଥିଙ୍ଗ ୪ ମାର୍ଚ୍ଚ ୨୦୨୫ରେ ପ୍ରମୁଖ କ୍ୟାମେରା ଅପଗ୍ରେଡ ସହ ବିଶ୍ୱସ୍ତରରେ ଫୋନ(୩ଏ) ସିରିଜ ଲଂଚ କରିଥିଲା। ଫୋନ (୩ଏ)ରେ ଏକ ୫୦ଏମପି ମୁଖ୍ୟ ସେନସର, ଏକ ସୋନି ଅଲଟ୍ରା ୱାଇଡ ସେନସର ଓ ୨ଗୁଣା ଅପଟିକାଲ ଜୁମ ସହ ଏକ ୫୦ଏମପିର ଟେଲିଫଟୋ ଲେନ୍ସ କ୍ୟାମେରା ଓ ଜୁମ ରହିଛି। ସେଲଫି ପାଇଁ ଫୋନ (୩ଏ)ରେ ୩୨ଏମପି ଫ୍ରଂଟ କ୍ୟାମେରା ଅଛି ଯାହାକି ପ୍ରୋ ମଡେଲରେ ୪କେ ଭିଡିଓ ରେକର୍ଡିଂ ସହ ୫୦ଏମପି ସେନସର କାର୍ଯ୍ୟକରିଥାଏ।

ଏସ୍‌ଏନ୍ ତାଇକୋଣ୍ଡା ଏକାଡେମୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

କଟକ, (ସ୍ୱପ୍ନ): ଏସ୍‌ଏନ୍ ତାଇକୋଣ୍ଡା ଏକାଡେମୀ ପକ୍ଷରୁ ସ୍ଥାନୀୟ ସିଡିଏ ଶାଖା ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିକିତ୍ସାବିତ୍ ଡାକ୍ତର ନିଳିମା ଟମ୍ବେ ଓ ଏସ୍‌ସବି ମେଡିକାଲର ମହିଳାରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ରଞ୍ଜିତା ଘଡେଇ ପ୍ରମୁଖ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପ୍ରାୟ ୬୦ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ମହିଳାମାନେ କିପରି ଆତ୍ମନିର୍ଭର ହେବେ ଓ ନୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ସେନେଇ ଡାକ୍ତର ଘଡେଇ ଉପସ୍ଥିତ ସମସ୍ତ ମହିଳାମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଏସ୍‌ଏନ୍ ତାଇକୋଣ୍ଡା ଏକାଡେମୀର ନିର୍ଦ୍ଦେଶିକା ସୁଦିପ୍ତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଓରାୟନ୍-୨୫ କହିଲା ଯୁବପିଢ଼ିର ମନକଥା

ବାରଙ୍ଗ, (ସବୁ୍ୟ) : ଯୁବପିଢ଼ି ଉଦ୍ଦାମତାର କଥା କହେ । ଯୁବପିଢ଼ି ନୂତନ ଓ ଗଠନର କଥା କହେ । ଯୁବପିଢ଼ି ବି ଗାଏ ପ୍ରେମ ଓ ସଂଗୀତର ଗୀତିକବିତା। ଯୁବପିଢ଼ିର ଏହିସବୁ ମୌଳିକ ଚିନ୍ତାଧାରାକୁ ପାଥେୟ କରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଓରାୟନ୍-୨୫' ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି ଦୁଇଦିନିଆ ଭବ୍ୟ ଓ ଦିବ୍ୟ ଉତ୍ସବ ଥିଲା ବାସ୍ତବିକ ବ୍ୟବସାୟିକ, ବୈଷୟିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ଯୁଗଳବନ୍ଦୀ ।ଏହା ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ପ୍ରତିଯୋଗିତା ଉପଲବ୍ଧ କରାଇଥିବା ବେଳେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଯୋଗାଇ ଦେଇଥିଲା ଏକ ଉପଯୁକ୍ତ ମଞ୍ଚ । ଏଥିସହ ପ୍ରଦାନ କରିଥିଲା ସୃଜନଶୀଳତା ଏବଂ ମନୋରଞ୍ଜନରେ ଭରା ଏକ ଅପାସୋରା ଅନୁଭୂତି । ଓରାୟନ୍-୨୫ର ଏହି ନିଆରାପଣ ହିଁ ଏହାକୁ ଚଳିତ ବର୍ଷର ପ୍ରତୀକ୍ଷିତ ଇଭେଣ୍ଟରେ ପରିଣତ କରିଥିଲା । 'ଉମଙ୍ଗ', 'ତକ୍ଷକ' ଓ 'ନିଷର୍ଷ' ଏହି ତିନି ଭାଗରେ ବିଭକ୍ତ ହୋଇଥିଲା ବିଶ୍ୱବିଦ୍ୟାଳୟର ସାଂସ୍କୃତିକ, ବ୍ୟବସାୟିକ ଓ ବୈଷୟିକ ଜ୍ଞାନକୌଶଳ ଉପରେ ପର୍ଯ୍ୟବସିତ ସମସ୍ତ ପ୍ରତିଯୋଗିତା ।ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଓରାୟନ୍-୨୫'ଉଦଘାଟିତ ହୋଇଥିବା ବେଳେ ରବିବାର ଉଦଯାପନୀ ଉତ୍ସବର ସନ୍ଧ୍ୟାକୁ ମୁଖରିତ କରିଥିଲେ ବଲିଉଡ୍ ଜଗତ ତଥା ୟୁଟ୍ୟୁବରେ ଧମାଲ୍ ମଚାଇଥିବା ଷ୍ଟାଣ୍ଡ ଅପ୍ କମେଡିଆନ୍ ସାହିଲ ଦତ୍ତ ଏବଂ ସିଦ୍ଧାର୍ଥ ଗୁପ୍ତା । ପୂର୍ବାହ୍ନରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଷ୍ଟାଣ୍ଡ ଅପ୍ କମେଡିରେ ଓଡ଼ିଆ କମେଡିଆନ୍ ବର୍ଷା ଜୁରୀ ଭାବରେ ଯୋଗ ଦେଇଥିଲେ । ପ୍ରାୟ ଦୁଇଘଣ୍ଟା ଧରି ରକ୍ ବ୍ୟାଣ୍ଡ ଶୋ' ଚାଲିଥିବା ବେଳେ ରାତି ପ୍ରାୟ ସାଢ଼େ ନଅଟା ପରଠାରୁ ମଞ୍ଚରେ ଚାଲିଥିଲା ବଲିଉଡ୍ ଗାୟକ ଓ ସଂଗୀତକାର ତୁଷାର ଯୋଶୀଙ୍କ ଜଲୱା ।ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ମଜା ଉଠାଇଥିଲେ । ଏଥିସହ ଦୁଇଦିନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ମିଶି 'ଓରାୟନ୍-୨୫' କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ପ୍ରତିଯୋଗୀ ଓ ଦର୍ଶକଙ୍କ ସମାଗମ ହୋଇଥିଲା। ଏହାର ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଉପସ୍ଥିତ ଦର୍ଶକ, ଗଣମାଧ୍ୟମ ଏବଂ ଶିକ୍ଷାବିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

ବ୍ରେକ୍ ଇଣ୍ଡିଆ ରେଭିଆ ୟୁଟିଟିଓ ତେଲ ଲଞ୍ଚ କରି ଟ୍ରାକ୍ଟରରେ ବଜାର ସ୍ଥିତି ସୁଦୃଢ଼ କରିଛି

ଭୁବନେଶ୍ୱର (ସବୁ୍ୟ) : ଟ୍ରାକ୍ଟର ୱେଟ୍ ବ୍ରେକ୍ ସିଷ୍ଟମ୍ ପାଇଁ ଅଗ୍ରଣୀ ଅରିଜିନାଲ୍ ଇକ୍ୱିପ୍‌ମେଟ ନିର୍ମାତା (ଓଇଏମ୍) ବ୍ରେକ୍ସ ଇଣ୍ଡିଆ (ଟିଏସ୍‌ଏଫ୍ ଗ୍ରୁପ୍‌ର ଅଂଶ) ଆଜି ରେଭିଆ ୟୁଟିଟିଓ (ୟୁନିଭର୍ସାଲ୍ ଟ୍ରାକ୍ଟର ଟ୍ରାନ୍ସମିସନ୍ ଅଏଲ୍)ର ଶୁଭାରମ୍ଭ କରି ଟ୍ରାକ୍ଟର ତୈଳ ବଜାରରେ ପ୍ରବେଶ କରିଛି। ଏହି ରଣନୈତିକ ପଦକ୍ଷେପ ବଢୁଥିବା ଟ୍ରାକ୍ଟର ସେଗମେଣ୍ଟରେ କଂପାନିର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ଏହାର ରେଭିଆ ବ୍ରାଣ୍ଡ ପୋର୍ଟଫୋଲିଓକୁ ବିସ୍ତାର କରିଛି। ରେଭିଆ ୟୁଟିଟିଓ ହେଉଛି ଟ୍ରାନ୍ସମିସନ ସିଷ୍ଟମ, ଓଦା ବ୍ରେକ୍, ହାଇଡ୍ରୋଲିକ୍ସ ଏବଂ ଆଧୁନିକ ଟ୍ରାକ୍ଟରର ଚୂଡ଼ାନ୍ତ ଡ୍ରାଇଭ୍‌ରେ ବ୍ୟବହାର ପାଇଁ ଏକ ଉଚ୍ଚ-କାର୍ଯ୍ୟଦକ୍ଷତା ସାର୍ବଜନୀନ ଲୁବ୍ରିକେଟ୍। ସୁରୁଖୁରୁରେ, ଶବ୍ଦ ମୁକ୍ତ ବ୍ରେକ୍ ଅପରେସନ୍ ପ୍ରଦାନ କରିବା ପାଇଁ ପ୍ରସ୍ତୁତ, ରେଭିଆ ୟୁଟିଟିଓ ଏପିଆଇ ଜିଏଲ୍ ୪ ମାନକପୂରଣ କରେ, ଯାହା ଗୁଣବତା ଏବଂ ବିଶ୍ୱସନୀୟତାକୁ ସୁନିଶ୍ଚିତ କରେ । ଏହାବ୍ୟତୀତ, ଏହି ଫର୍ମୁଲେସନ ଅତ୍ୟଧିକ ପରିସ୍ଥିତିରେ କ୍ଷୟ ସୁରକ୍ଷା ଏବଂ ସ୍ଥିର କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ, ଯାହା ବ୍ରେକ୍ ଏବଂ ଟ୍ରାନ୍ସମିସନ ସିଷ୍ଟମର ଦୀର୍ଘାୟୁରେ ଯୋଗଦାନ କରିଥାଏ ।

ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ଟିଏନଏଫଡି ରିପୋର୍ଟ ପ୍ରକାଶିତ

ଭୁବନେଶ୍ୱର, (ସବୁ୍ୟ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ନିକଟରେ ପରିବେଶ ସମ୍ବନ୍ଧୀୟ ଆର୍ଥିକ ବିବରଣୀ ଉପରେ ଏହାର ପ୍ରଥମ ଟାସ୍କ ଫୋର୍ସ (ଟିଏନଏଫଡି) ରିପୋର୍ଟ ଉନ୍ମୋଚନ କରିଛି, ଯାହା ଏହାର ନିରନ୍ତର ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହି ରିପୋର୍ଟରେ କମ୍ପାନୀ ଜଳବାୟୁ ପରିବର୍ତନ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲାରେ ଅଭିବୃଦ୍ଧି ଏବଂ ସାମାଜିକ ଦାୟିତ୍ୱକୁ ସନ୍ତୁଳିତ କରିବା ସହିତ ଏହାର ବ୍ୟବସାୟିକ କାର୍ଯ୍ୟରେ ପ୍ରକୃତି ସମ୍ବନ୍ଧୀୟ ବିଚାରକୁ ସାମିଲ କରିବା ପାଇଁ ଥିବା ରଣନୈତିକ ଆଭିମୁଖ୍ୟ ଏବଂ ସ୍ଥାୟୀତା, ଜୈବ ବିବିଧତା ସଂରକ୍ଷଣ ତଥା ସକ୍ରିୟ ବିପଦ ପରିଚାଳନା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଇଛି। ଟିଏନଏଫଡି ରିପୋର୍ଟରେ ଜିନ୍ଦଲ ଷ୍ଟେନଲେସ୍ ଏହାର ସମସ୍ତ କାର୍ଯ୍ୟରେ ପ୍ରକୃତି କୈନ୍ଦ୍ରିକ ରଣନୀତିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଜିନ୍ଦଲ ଷ୍ଟେନଲେସର ପ୍ରତିବଦ୍ଧତାକୁ ଦର୍ଶାଇଛି, ଯାହା ଅନ୍ତର୍ଜାତୀୟ ଆର୍ଥିକ ରିପୋର୍ଟିଂ ମାନକ (ଆଇଏଫଆରଏସ) ଏବଂ ବୈଶ୍ୱିକ ଜୈବ ବିବିଧତା ଢାଞ୍ଚା (ଜିବିଏଫ୍) ଭଳି ବିଶ୍ୱସ୍ତରୀୟ ମାନଦଣ୍ଡ

ଆଧାରରେ ପ୍ରସ୍ତୁତ ହୋଇଛି । ଟିଏନଏଫଡି ରିପୋର୍ଟର ଉଦ୍ଦେଶ୍ୟ ହେଉଛି ପ୍ରକୃତି ସମ୍ବନ୍ଧୀୟ ବିପଦକୁ ଚିହ୍ନଟ କରିବା, ଆକଳନ କରିବା ଏବଂ ହ୍ରାସ କରିବା ଏବଂ ବ୍ୟବସାୟିକ ସ୍ଥିରତା ଏବଂ ପରିବେଶ ପରିଚାଳନା ସୁନିଶ୍ଚିତ କରିବା। ଟିଏନଏଫଡି ଢାଞ୍ଚାକୁ ଆପଣାଇଥିବା ଏକ ଅଗ୍ରଣୀ କମ୍ପାନୀ ଭାବରେ ଜିନ୍ଦଲ ଷ୍ଟେନଲେସ ପ୍ରାକୃତିକ ସମ୍ପଦ ଉପରେ ନିର୍ଭରଶୀଳତା ପରିଚାଳନା ଏବଂ ଜୈବ ବିବିଧତା ସଂରକ୍ଷଣ ପାଇଁ ଅଭିନବ ଏବଂ ସ୍ୱଚ୍ଛ ଆଭିମୁଖ୍ୟ ଗ୍ରହଣ କରି ଧାତୁ କ୍ଷେତ୍ରରେ ଏକ ମାନଦଣ୍ଡ ସ୍ଥାପନ କରିଛି । ଟିଏନଏଫଡି ରିପୋର୍ଟର ଉନ୍ମୋଚନ ଅବସରରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ, ଶ୍ରୀ କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, 'ଜେଏସଏଲରେ ଆମେ ବିଶ୍ୱାସ କରୁ ଯେ ଅଭିବୃଦ୍ଧି ଏବଂ ଦାୟିତ୍ୱ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରି ପ୍ରକୃତ ଅଗ୍ରଗତି ହୋଇଥାଏ । ଏହି ରିପୋର୍ଟ ଆମର ପ୍ରତ୍ୟେକ କାର୍ଯ୍ୟରେ ପ୍ରକୃତି କୈନ୍ଦ୍ରିକ ଚିନ୍ତାଧାରାକୁ ସାମିଲ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର, (ସବୁ୍ୟ): ମହିଳା ସଶକ୍ତିକରଣ ପାଇଁ ରହିଥିବା ପ୍ରତିବଦ୍ଧତାକୁ ସୁନିଶ୍ଚିତ କରାଇ ଇଣ୍ଡିଆନ୍ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କର୍ମଚାରୀ, ଗ୍ରାହକ ଓ ହିତାଧିକାର

ଭାରତରେ ଧୀମା ହେଲା 'ଏକ୍ସ'

ନୂଆଦିଲ୍ଲୀ: ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୋମବାର ଏକ ବଡ଼ ଧରଣର ବିଭ୍ରାଟ ଦେଖିବାକୁ ମିଳିଥିଲା । କିଛି ସମୟ ପାଇଁ ଏକ୍ସର ସେବା ଅଚଳ ହୋଇଯାଇଥିଲା, ଯାହା ଫଳରେ ଆପ୍ ବ୍ୟବହାର କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସୂଚନା ଅନୁସାରେ, ସୋମବାର, ମାର୍ଚ୍ଚ ୧୦ ତାରିଖ ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟରେ ଉପଭୋକ୍ତାମାନେ 'ଏକ୍ସ' ୱେବସାଇଟ୍ ଏବଂ ଆପ୍ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତେବେ ସୂଚନା ଅନୁସାରେ କିଛି ସମୟପରେ ସେବା ସ୍ୱାଭାବିକ ହୋଇଥିଲା । ସେବା ଆରମ୍ଭ ହେବା ପରେ ଲକ୍ଷ ଲକ୍ଷ ଉପଭୋକ୍ତା ଆଶ୍ୱସ୍ତିର ନିଶ୍ୱାସ ନେଇଛନ୍ତି । ଏଲନ ମସ୍କଙ୍କ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମର ସାରା ବିଶ୍ୱରେ ଲକ୍ଷ ଲକ୍ଷ ଉପଭୋକ୍ତା ଅଛନ୍ତି । ଏପରିକି ଆପ୍ କିମ୍ବା ୱେବସାଇଟରେ ସାମାନ୍ୟ ସମସ୍ୟା ମଧ୍ୟ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ପ୍ରଭାବିତ କରିଥାଏ । ସୋମବାର, ମାର୍ଚ୍ଚ ୧୦ ତାରିଖ ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟରେ ଉପଭୋକ୍ତାମାନେ 'ଏକ୍ସ' ୱେବସାଇଟ୍ ଏବଂ ଆପ୍ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତେବେ ସୂଚନା ଅନୁସାରେ କିଛି ସମୟପରେ ସେବା ସ୍ୱାଭାବିକ ହୋଇଥିଲା । ଆପ୍ ଏବଂ ୱେବସାଇଟ୍ ସେବା ଉପରେ ନଜର ରଖୁଥିବା ୱେବସାଇଟ୍ ଡାଉନଡିଟେକ୍ଟର ଅନୁଯାୟୀ, ଅପରାହ୍ନ ସାଢ଼େ ୩ଟା ସୁଦ୍ଧା ପ୍ରାୟ ୨,୫୦୦ ଲୋକ ଏକ୍ସର ସେବାରେ ସମସ୍ୟା ବିଷୟରେ ଜଣାଇଥିଲେ । ତେବେ ଏକ୍ସ ପକ୍ଷରୁ ଏହି ସେବା ଡାଉନ୍ ହେବା ସମ୍ପର୍କରେ କୌଣସି ସୂଚନା ସେୟାର କରାଯାଇନାହିଁ ଏହାର କିଛି ସମୟ ପରେ ଅପରାହ୍ନ ପ୍ରାୟ ୩ଟା ୪୫ ମିନିଟ୍ ରେ ଏକ୍ସର ସେବା ବ୍ୟାକ୍ ଅପ୍ ହୋଇଯାଇଥିଲା ଏବଂ ଉପଭୋକ୍ତାମାନେ ଆପ୍ ଏବଂ ୱେବସାଇଟରେ ଲଗ୍ ଇନ୍ କରିବାକୁ ସକ୍ଷମ ହୋଇଥିଲେ । ଏକ୍ସ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ବିଚ୍ଛିନ୍ନତା ଦେଖିବାକୁ ମିଳିବା ଏହା ପ୍ରଥମ ଘଟଣା ନୁହେଁ ।

ନେପାଳରେ ତେଜିଲା ହିନ୍ଦୁ ରାଷ୍ଟ୍ର ଆନ୍ଦୋଳନ

ରାସ୍ତାକୁ ଓହ୍ଲାଇଲେ ଜନତା

କାଠମାଣ୍ଡୁ: ନେପାଳରେ ଏକ ବଡ଼ ରାଜନୈତିକ ପରିବର୍ତ୍ତନ ଘଟୁଛି । ଧର୍ମନିରପେକ୍ଷ ଗଣତନ୍ତ୍ରକୁ ହଟାଇ ପୁଣି ଥରେ ରାଜତନ୍ତ୍ର ଓ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ରବିବାର ଦିନ ଯେତେବେଳେ ନେପାଳର ପୂର୍ବତନ ରାଜା ଜ୍ଞାନେନ୍ଦ୍ର ପୋଖରାରୁ କାଠମାଣ୍ଡୁ ବିମାନବନ୍ଦରରେ ଅବତରଣ କରିଥିଲେ, ସେତେବେଳେ ପ୍ରାୟ ୧୦,୦୦୦ ନେପାଳୀ ନାଗରିକ ତାଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତାରେ ଉପସ୍ଥିତ ଥିଲେଛ ନେପାଳରେ ରାଜତନ୍ତ୍ର ଶେଷ ହେବା ପରେ ପ୍ରଥମ ଥର ପାଇଁ ଜ୍ଞାନେନ୍ଦ୍ରଙ୍କ ସମର୍ଥନରେ ଏତେ ସଂଖ୍ୟକ ଲୋକ ଏକାଠି ହୋଇଛନ୍ତି । ୨୦୦୬ରେ ନେପାଳରେ ରାଜତନ୍ତ୍ରର ଅନ୍ତ ଘଟିଥିଲା ।

ଜ୍ଞାନେନ୍ଦ୍ରଙ୍କ ନେପାଳ ପ୍ରତ୍ୟାବର୍ତ୍ତନକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି । ଗୋଟିଏ ପଟେ ଜ୍ଞାନେନ୍ଦ୍ର ପୁଣି ଥରେ ନେପାଳବାସୀଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରୁଥିବା କୁହାଯାଉଥିବା ବେଳେ ଅନ୍ୟପଟେ ସେ ନିଜର ପୁରୁଣା ରାଜନୈତିକ ପାପର ହିସାବ ଦିଅନ୍ତୁ ବୋଲି ଦାବି ଉଠୁଛି । ନେପାଳୀ ଗଣମାଧ୍ୟମ ମୁତାବକ ନେପାଳ ଫେରିବା ପୂର୍ବରୁ ଜ୍ଞାନେନ୍ଦ୍ର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଥିଲେ । ଦୁହେଁ କାହିଁକି ସାକ୍ଷାତ କଲେ ସେ ସମ୍ପର୍କରେ ଜ୍ଞାନେନ୍ଦ୍ର କିମ୍ବା ଯୋଗୀ ଆଦିତ୍ୟନାଥ କୌଣସି ସୂଚନା ଦେଇନଥିଲେ । ଏସବୁ ଭିତରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେଇ ମଧ୍ୟ ନେପାଳରେ ଚର୍ଚ୍ଚା ଜୋର ଧରିଛି । ନେପାଳରେ ଜ୍ଞାନେନ୍ଦ୍ରଙ୍କ ପ୍ରବେଶକୁ ଯୋଗୀଙ୍କ ସହ ଯୋଡ଼ି କାହାଣୀ ଲେଖାଯାଉଛି । ଜ୍ଞାନେନ୍ଦ୍ରଙ୍କ ରାଲିରେ ଯୋଗୀଙ୍କ ପୋଷ୍ଟର ଥିବାରୁ ଏହି ଚର୍ଚ୍ଚା ଆହୁରି ଜୋର ଧରିଛି । ନେପାଳୀ ଗଣମାଧ୍ୟମ ମୁତାବକ ନେପାଳ ଫେରିବା ପୂର୍ବରୁ ଜ୍ଞାନେନ୍ଦ୍ର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଥିଲେ । ଦୁହେଁ କାହିଁକି ସାକ୍ଷାତ କଲେ ସେ ସମ୍ପର୍କରେ ଜ୍ଞାନେନ୍ଦ୍ର କିମ୍ବା ଯୋଗୀ ଆଦିତ୍ୟନାଥ କୌଣସି ସୂଚନା ଦେଇନଥିଲେ । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ନେପାଳରେ ୮୧ ପ୍ରତିଶତ ହିନ୍ଦୁ ଯୋଗୀଙ୍କୁ ଜଣେ କଠୋର ଏବଂ ଆଦର୍ଶ ହିନ୍ଦୁ ନେତା ଭାବରେ ଦେଖନ୍ତି । ଜ୍ଞାନେନ୍ଦ୍ର ଓ ଯୋଗୀଙ୍କ ସାକ୍ଷାତକୁ ନେପାଳୀ ଗଣମାଧ୍ୟମ ଏହି ଦୃଷ୍ଟିକୋଣରୁ ଦେଖୁଛି ।

ନୂଆ ବିବାଦରେ ଅଭିନେତ୍ରୀ ରାଣ୍ୟା

ନୂଆଦିଲ୍ଲୀ: ସୁନା ଚୋରା ଚାଲାଣ ମାମଲାରେ କନ୍ନଡ ଅଭିନେତ୍ରୀ ରାଣ୍ୟା ରାଓଙ୍କୁ ଗିରଫ କରାଯିବା ପରଠାରୁ ତାଙ୍କ ଜଡ଼ିତ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି । ନିକଟରେ ରାଣ୍ୟାଙ୍କ ସାମ୍ନାରେ ଏକ ନୂଆ ବିବାଦ ମୁଣ୍ଡ ଟେକିଛି । ଯାଞ୍ଚରୁ ଜଣାପଡ଼ିଛି ରାଣ୍ୟା ରାଓ କର୍ଣ୍ଣାଟକ ରାଜନୀତି ସହିତ ଜଡ଼ିତ ଅଛନ୍ତି । ରାଣ୍ୟା କମ୍ପାନି କିସରୋଦା ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ କର୍ଣ୍ଣାଟକ ସରକାର ଦ୍ୱାରା ୧୨ ଏକକ ଜମି ଆଲଟ୍ ହୋଇଛି । କର୍ଣ୍ଣାଟକ ଶିଳ୍ପ କ୍ଷେତ୍ର ବିକାଶ ବୋର୍ଡ ୨୦୨୩ ଜାନୁଆରି ୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବସବରାଜ ବୋମ୍ମଇଙ୍କ କାର୍ଯ୍ୟକାଳ ସମୟରେ କମ୍ପାନିର ନିର୍ଦ୍ଦେଶକ ହର୍ଷବର୍ଦ୍ଧିନୀ ରାମ୍ୟାଙ୍କ ନାମରେ ଜମି ଆଲଟ୍ କରିଥିଲା । ଏହି ତଥ୍ୟ ସାମ୍ନାକୁ ଆସିବା ପରେ ପ୍ରଶ୍ନ ଉଠୁଛି କି ଜଣେ ଅଭିନେତ୍ରୀଙ୍କ କମ୍ପାନି ଏତେ ବଡ଼ ପରିମାଣର ସରକାରୀ ଜମି ଆବଣ୍ଟନ କେମିତି ହାସଲ କରି ପାରିଲେ । ସୋମବାର ରାଣ୍ୟାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କୋର୍ଟରେ ଶୁଣାଣି ସମୟରେ ରାଣ୍ୟା କାନ୍ଦିକାନ୍ଦି ଡାଇରେକ୍ଟର ଅଫ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆରଆଇ)ର ଅଧିକାରୀମାନଙ୍କ ବିରୋଧରେ ମାନସିକ ନିର୍ଯାତନା ଓ ଗାଳିଗୁଳଜ କରୁଥିବାର ଅଭିଯୋଗ କରିଛନ୍ତି । ରାଣ୍ୟାଙ୍କ ଅଭିଯୋଗକୁ ଖଣ୍ଡନ କରି ଅଧିକାରୀମାନେ କହିଛନ୍ତି, 'ରାଣ୍ୟା ଯାଞ୍ଚରେ ଆଦେ ସହଯୋଗ କରୁନାହାନ୍ତି ।

୨୦ ମିନିଟରେ ଲୁଟିନେଲେ ୨୫ କୋଟିର ଅଳଙ୍କାର

ଆରା: ବିହାରର ଆରାରେ ଥିବା ତନିଷ୍କ ଶୋ'ରୁମକୁ ଟାର୍ଗେଟ କରିଛନ୍ତି ଡକାୟତ । ଭୋଜପୁର ଜିଲ୍ଲା ଆରା ବଜାରର ଗୋପାଳି ଛକରେ ଥିବା ତନିଷ୍କ ଶୋ'ରୁମ୍ ରେ ଡକାୟତମାନେ ପଶି ସୋ'ରୁମ୍ କର୍ମଚାରୀଙ୍କୁ ବନ୍ଧକ ରଖି ମାତ୍ର ୨୦ ମିନିଟ୍ ମଧ୍ୟରେ ୨୫ କୋଟିରୁ ଅଧିକ ଟଙ୍କାର ଗହଣା ଲୁଟି ନେଇଛନ୍ତି । ଆଇନ ପ୍ରତି ଏହି ଅପରାଧୀମାନେ ଏତେ ବେପରୁଆ ଥିଲେ ଯେ କେହି ମୁହଁ ଲୁଚାଇବାକୁ ଚେଷ୍ଟା କରିନଥିଲେ କି ଘଟଣା ସମୟରେ କାହାକୁ ଡରୁନଥିଲେ । ଏପରିକି ଚୋରି କରିବା ପରେ ସେମାନେ ଶାନ୍ତ ଭାବରେ ବାହାରକୁ ବାହାରି ଏକ ମୋଟର ସାଇକେଲରେ ଫେରାର ହୋଇଯାଇଥିଲେ । ଆଇନ ପ୍ରତି ଏହି ଅପରାଧୀମାନେ ଏତେ ବେପରୁଆ ଥିଲେ ଯେ କେହି ମୁହଁ ଲୁଚାଇବାକୁ ଚେଷ୍ଟା କରିନଥିଲେ କି ଘଟଣା ସମୟରେ କାହାକୁ ଡରୁନଥିଲେ । ଏପରିକି ଚୋରି କରିବା ପରେ ସେମାନେ ଶାନ୍ତ ଭାବରେ ବାହାରକୁ ବାହାରି ଏକ ମୋଟର ସାଇକେଲରେ ଫେରାର ହୋଇଯାଇଥିଲେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଡକାୟତଙ୍କ ସଂଖ୍ୟା ୬ରୁ ୭ ମଧ୍ୟରେ ହୋଇପାରେ ବୋଲି ପୁଲିସ ସୂଚନା ଦେଇଛି । ପୁଲିସ ସୋ'ରୁମ୍ ରୁ ସିସିଟିଭି ଫୁଟେଜ୍ ଜବତ କରିଛି, ଯେଉଁଥିରେ ଦୁର୍ବୃତ୍ତମାନେ ୨୦ ମିନିଟ୍ ପର୍ଯ୍ୟନ୍ତ ଭିତରେ ଥିବା ବେଳେ ସେମାନେ ୨୫ କୋଟିରୁ ଅଧିକ ଟଙ୍କାର ଗହଣା ନେଇ ଫେରାର ହୋଇଯାଇଥିଲେ । ପୁଲିସ ପକ୍ଷରୁ ସମଗ୍ର ସହରରେ ବ୍ୟାରିକେଡ୍ ଲଗାଯାଇଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ପୁଲିସର ଦୁଇଟି ଟିମ୍ ଦିୟାର୍ ଅଞ୍ଚଳରେ କମ୍ବିଂ ଆରମ୍ଭ କରିଛନ୍ତି ।

ହିନ୍ଦୁ ରାଷ୍ଟ୍ର ସପକ୍ଷରେ ଧୀରେନ୍ଦ୍ର ଶାସ୍ତ୍ରୀ

ନୂଆଦିଲ୍ଲୀ: ହିନ୍ଦୁ ରାଷ୍ଟ୍ର ଉପରେ ବିତର୍କ ମଧ୍ୟରେ, ବାଗେଶ୍ୱର ଧାମର ପୀଠାଧୀଶ୍ୱର ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଆଉ ଏକ ବୟାନ ଦେଇ ରାଜନୀତିକୁ ତୀବ୍ର କରିଛନ୍ତି । ହନୁମାନ କଥା ପାଇଁ ବିହାରର ଗୋପାଳଗଞ୍ଜରେ ପହଞ୍ଚିଥିବା ବାଗେଶ୍ୱର ଧାମର ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ହିନ୍ଦୁ ରାଷ୍ଟ୍ର ସମ୍ପର୍କରେ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଥିଲେ ଯେ ସେ ହିନ୍ଦୁ ରାଷ୍ଟ୍ର ପାଇଁ ପଦଯାତ୍ରା କରି ହିନ୍ଦୁମାନଙ୍କୁ ଏକତ୍ର କରିବେ । ସେ ପ୍ରଶ୍ନ କରିଥିଲେ ଯେ ଭାରତକୁ ହିନ୍ଦୁ ରାଷ୍ଟ୍ର କରିବାରେ କ୍ଷତି କ'ଣ? ବାଗେଶ୍ୱର ଧାମର ପୀଠାଧୀଶ୍ୱର ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ କହିଛନ୍ତି, ଦେଶରେ ଲକ୍ଷ ଲକ୍ଷ ହିନ୍ଦୁ ବାସ କରନ୍ତି, ଏହା ସେମାନଙ୍କର କଥା । ୧୯୪୭ ମସିହାରେ ଯେତେବେଳେ ଧର୍ମ ନାମରେ ଭାରତ ବିଭାଜିତ ହୋଇଥିଲା, ସେତେବେଳେ ପାକିସ୍ତାନ ସୃଷ୍ଟି ହୋଇଥିଲା । ତେବେ ଏବେ ଏହି ଦେଶକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କାହିଁକି କରାଯିବ ନାହିଁ? ସେ ଆହୁରି କହିଛନ୍ତି, ଆମେ ଆମର କଥା ଉପସ୍ଥାପନ କରିଛୁ ଯାହା ସମ୍ପୂର୍ଣ୍ଣ ତଥ୍ୟପୂର୍ଣ୍ଣ । ଆମେ ପୁଣି ଥରେ ହିନ୍ଦୁ ରାଷ୍ଟ୍ର ପାଇଁ ଏକ ପଦଯାତ୍ରା ବାହାର କରିବାକୁ ଯାଉଛୁ । ଆମେ ଉତ୍ତରପ୍ରଦେଶରେ ଏବଂ ତା'ପରେ ବିହାରରେ ଏକ ଶୋଭାଯାତ୍ରା କରିବୁ । ଏହି ଯାତ୍ରା ମଧ୍ୟପ୍ରଦେଶରୁ ଆରମ୍ଭ ହୋଇଛି, ଦ୍ୱିତୀୟ ଯାତ୍ରା ଉତ୍ତରପ୍ରଦେଶରେ ହେବ । ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ମଧ୍ୟ ଲୋକମାନଙ୍କୁ ପଚାରିଥିଲେ ଯେ ଭାରତକୁ ହିନ୍ଦୁ ରାଷ୍ଟ୍ର କରିବା ପାଇଁ କିଏ ପ୍ରତିଜ୍ଞା ନେବେ? ସେ ଜାତିଭେଦ ଏବଂ ଭେଦଭାବର ପ୍ରାଚୀର ଭାଙ୍ଗିବାକୁ ମଧ୍ୟ ନିବେଦନ କରିଥିଲେ ।

ଟିଏମ୍‌ସିରେ ଯୋଗଦେଲେ ଶୁଭେନ୍ଦୁଙ୍କ ସହଯୋଗୀ

କୋଲକାତା: ବିଜେପି ବିଧାୟକ ତଥା ପଶ୍ଚିମବଙ୍ଗର ହଳଦିଆରୁ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତାପସୀ ମଣ୍ଡଳ ସୋମବାର ରାଜ୍ୟରେ ଶାସକ ତୃଣମୂଳ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ତୃଣମୂଳ କଂଗ୍ରେସରେ ଯୋଗ ଦେବା ପାଇଁ ମଣ୍ଡଳଙ୍କ ନିଷ୍ପତ୍ତି କେବଳ ପୂର୍ବ ମେଦିନୀପୁରରେ ବିଜେପିକୁ ଝଟକା ଦେଇନାହିଁ ବରଂ ଆସନ୍ତା ବର୍ଷ ପ୍ରାରମ୍ଭରେ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ଦଳର ବିଧାୟକ ଗୋଷ୍ଠୀକୁ ମଧ୍ୟ କ୍ଷତି ପହଞ୍ଚାଇବ । ପୂର୍ବ ମେଦିନୀପୁରକୁ ଶୁଭେନ୍ଦୁଙ୍କ ଏକ ଗଡ଼ ଭାବରେ ବିବେଚନା କରାଯାଏ ଏବଂ ବନ୍ଦର ସହର ହଳଦିଆ ଏଠାରେ ଅବସ୍ଥିତ । ପୂର୍ବ ମେଦିନୀପୁରକୁ ଶୁଭେନ୍ଦୁଙ୍କ ଏକ ଗଡ଼ ଭାବରେ ବିବେଚନା କରାଯାଏ ଏବଂ ବନ୍ଦର ସହର ହଳଦିଆ ଏଠାରେ ଅବସ୍ଥିତ । ତୃଣମୂଳ କଂଗ୍ରେସର କୋଲକାତା ମୁଖ୍ୟାଳୟରେ ରାଜ୍ୟର ଶକ୍ତି ମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଥିଲେ । ଜିଲ୍ଲା ନେତା ବାରମ୍ବାର ଦଳ ବଦଳାଇବା ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇ କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ପଦକ୍ଷେପରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛି । ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗରେ ୨୦୨୬ରେ ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ରାଜ୍ୟରେ ରାଜନୈତିକ କାର୍ଯ୍ୟକଳାପ ଏବେଠାରୁ ବଢିଚାଲିଛି ।

ତିରୁମାଲା ମନ୍ଦିର: ଏଟିଏମ୍‌ରୁ ମିଳିବ ସୁନା ଓ ରୂପା ପେଣ୍ଡାଣ୍ଟା

ନୂଆଦିଲ୍ଲୀ: ଖୁବ୍ ଶୀଘ୍ର ଏଟିଏମରୁ ସୁନା ଏବଂ ରୂପା ପେଣ୍ଡେଣ୍ଟ ବାହାରିବାର ସୁବିଧା ଉପଲବ୍ଧ ହେବ । ତିରୁମାଲା ତିରୁପତି ଦେବସ୍ଥାନମ୍ବ ତିରୁମାଲା ମନ୍ଦିରରେ ବିଶ୍ୱର ପ୍ରଥମ ସୁନା ଏବଂ ରୂପା ପେଣ୍ଡାଣ୍ଟ ଏଟିଏମ୍ ସ୍ଥାପନ ହେବ ।

ଏହି ଏଟିଏମ୍ ମେସିନଗୁଡ଼ିକରୁ ଗ୍ରାହକମାନେ ନିଜେନିଜେ ଭଗବାନ ଭେଙ୍କଟେଶ୍ୱର ଏବଂ ଦେବୀ ଲକ୍ଷ୍ମୀଙ୍କ ପ୍ରତିଛବି ଥିବା ପେଣ୍ଡେଣ୍ଟ କ୍ରୟ କରି ପାରିବେ । ଏଥିପାଇଁ ଭକ୍ତ ଓ ଏଟିଏମ ମ୍ୟାସିନ ମଧ୍ୟରେ ତୃତୀୟ ବ୍ୟକ୍ତିଙ୍କ କେଣସି ଆବଶ୍ୟକ ରହିବ ନାହିଁ । ଅର୍ଥାତ ଏଟିଏମରୁ ଯେମିତି ଟଙ୍କା ବାହାର କରିବା ସମୟରେ ଆମକୁ ତୃତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେବାକୁ ପଡୁନାହିଁ ସେମିତି ଏହି ପେଣ୍ଡେଣ୍ଟ ଏଟିଏମ କାମ କରିବଛତିରୁମାଲା ତିରୁପତି ଦେବସ୍ଥାନମର କାର୍ଯ୍ୟନିର୍ବାହୀ ଅଧିକାରୀ ଜେ ଶ୍ୟାମଳା ରାଓଙ୍କ ଉଦ୍ୟମରେ ତିରୁମାଲା ମନ୍ଦିର, ତିରୁପତିର ଗୋବିନ୍ଦରାଜ ମନ୍ଦିର ଏବଂ ତିରୁଚନୁରର ପଦ୍ମାବତୀ ଅମ୍ମାବାରୀ ମନ୍ଦିରରେ ଡିଜିଟାଲ ରୂପାନ୍ତରଣ କରାଯାଉଛି । ଏହି ଏଟିଏମ୍ ମେସିନ୍ ପାଇଁ ସଫ୍ଟୱେର୍ ଏପରି ଡିଜାଇନ୍ କରାଯାଇଛି ଯାହାକି ସୁନା ଏବଂ ରୂପା ପେଣ୍ଡେଣ୍ଟ ଏଟିଏମ ଗୁଡ଼ିକ ୨ ଗ୍ରାମ,୫ ଗ୍ରାମ ଏବଂ ୧୦ ଗ୍ରାମର ପେଣ୍ଡାଣ୍ଟ ଯୋଗାଇବ ।

କନ୍ହେୟା କୁମାରଙ୍କ ପୋଷ୍ଟରକୁ ନେଇ ବିହାରରେ ହଇଚଇ

ପାଟନା: ନିର୍ବାଚନ ଯେତିକି ପାଖଉଛି ବିହାର ରାଜନୀତି ସେତିକି ସରଗରମ ହେଉଛି । ସହଯୋଗ ନିର୍ବାଚନ ମାହୋଲ ଚାଲିଥିବା ବେଳେ ଆରମ୍ଭ ହୋଇଯାଇଛି ପୋଷ୍ଟର ରାଜନୀତି । ପାଟଣାରେ କନ୍ହେୟା କୁମାରଙ୍କ ଏକ ପୋଷ୍ଟ ଲାଗିଛି । ଯେଉଁଥିରେ କନ୍ହେୟା କୁମାର ବିହାରର ଆଶା ଭରସା ବୋଲି ଲେଖାଯାଇଛି । ଏହି ପୋଷ୍ଟରକୁ ଏନ୍‌ଏସ୍‌ୟୁଆଇ ନେତା ଚୁନ୍ନୁ ସିଂ ଲଗାଇଥିବା ବେଳେ ଏହି ପୋଷ୍ଟରରେ, ରାହୁଲ ଗାନ୍ଧୀ, କନ୍ହେୟା କୁମାର, ପ୍ରଭାରୀ କୃଷ୍ଣ ଆଲ୍ଲାବରୁ ଏବଂ ବିହାର ନେତାଙ୍କ ଫଟୋ ରହିଛି । ଏଥିରୁ ଅନୁମାନ କରାଯାଉଛି ବିହାରରେ କନ୍ହେୟା କୁମାର ସକ୍ରିୟ ହୋଇପାରନ୍ତି । କନ୍ହେୟା କୁମାରଙ୍କୁ ବିଧାନସଭାରେ ବଡ ଦାୟିତ୍ୱ ମିଳିପାରେ । ଚଳିତ ମାସ ୧୬ ତାରିଖରୁ ବିହାରରେ ଯାତ୍ରା ଅରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି କନ୍ହେୟା କୁମାର । ଚୂଡାନ୍ତ ଅନୁମୋଦନ ପାଇଁ ମାର୍ଚ୍ଚ ୧୨ତାରିଖରେ ରାହୁଲ ଗାନ୍ଧୀଙ୍କୁ ଭେଟିପାରନ୍ତି କନ୍ହେୟା । ମାର୍ଚ୍ଚ ୧୨ ତାରିଖରେ ହିଁ ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତ କରିବ କଂଗ୍ରେସ । ଏନେଇ ବିହାର କଂଗ୍ରେସର ତୁଙ୍ଗ ନେତା, ରାହୁଲ ଗାନ୍ଧୀ ଓ ଖଡଗେଙ୍କ ମଧ୍ୟରେ ବୈଠକ ରହିଛି ।

ଏହା ଉପରେ ଆରଜେଡି ମୁଖପାତ୍ର ମୃତ୍ୟୁଞ୍ଜୟ ତିୱାରୀ କହିଛନ୍ତି, କିଏ କେଉଁ ପୋଷ୍ଟର ଲଗାଉଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ବିହାରର ଆଶା ଓ ଭରସା ହେଉଛନ୍ତି କେବଳ ତେଜସ୍ୱୀ ଯାଦବ । ବିହାରର ଲୋକମାନେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେଜସ୍ୱୀ ଯାଦବଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି । ଯେକୌଣସି ବ୍ୟକ୍ତି କାହାର ପୋଷ୍ଟର ଲଗାଇ ଆଶା ପ୍ରକାଶ କରିପାରିବେ । ଏଥିରେ କ୍ଷତି କ'ଣ? ଏଠାରେ ଗଣତନ୍ତ୍ର ଅଛି । ତେଜସ୍ୱୀ ଲୋକଙ୍କ ପାଇଁ କାମ କରି ଦେଖାଇଛନ୍ତି । ତେଣୁ ଲୋକଙ୍କ ଆଶା ତେଜସ୍ୱୀଙ୍କ ଉପରେ ରହିଛି । ନିର୍ବାଚନରେ ଏହା ପ୍ରତିଫଳିତ ହେବ ।

ଶିବ ଶ୍ରୀଙ୍କୁ ବିବାହ କଲେ ସାଂସଦ ତେଜସ୍ୱୀ

ନୂଆଦିଲ୍ଲୀ: ବେଙ୍ଗାଲୁରୁ ଦକ୍ଷିଣ ନିର୍ବାଚନମଣ୍ଡଳୀର ସାଂସଦ ଏବଂ ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ତେଜସ୍ୱୀ ସୂର୍ଯ୍ୟ ଏବଂ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶିବଶ୍ରୀ ସ୍କନ୍ଦପ୍ରସାଦ ଗୁରୁବାର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ବୈଦିକ ମନ୍ତ୍ର ଜପ ସହ ପାରମ୍ପରିକ ରୀତିନୀତିରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା । ରାଜ୍ୟ ଦଳର ସଭାପତି ବି ୱାଇ ବିଜୟେନ୍ଦ୍ର, କେନ୍ଦ୍ରମନ୍ତ୍ରୀ ବି ସୋମନ୍ନା ଏବଂ ଅର୍ଜୁନ ରାମ ମେଘୱାଲଙ୍କ ସମେତ ବରିଷ୍

ଆଇସିସି ଚାମ୍ପିଅନ୍ସ ଟ୍ରଫି ହାସଲ ପରେ ଦୁବାଇ ଷ୍ଟାଡିୟମ୍‌ରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ କେତେକ ଫଟୋ ପୋଜ୍

ପାକ୍‌ର ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ଦୁବାଇ,୧୦।୩ (ଏଜେନ୍ସି): ଫେବୃଆରୀ ୧୯ରୁ ଆରମ୍ଭ ହୋଇଥିବା ଚାମ୍ପିଅନ୍ସ ଟ୍ରଫି ୨୦୨୫ ମାର୍ଚ୍ଚ ୯ରେ ଶେଷ ହୋଇଛି । ଦୁବାଇରେ ଖେଳା ଯାଉଥିବା ଫାଇନାଲରେ ଭାରତୀୟ ଟିମ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ବିଜୟ ମୁକୁଟ ପିନ୍ଧିଛି । ଚଳିତ ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଥିଲା ପାକିସ୍ତାନ । କିନ୍ତୁ ରାଜନୀତିକ ବିବାଦ କାରଣରୁ ଭାରତ ତା'ର ମ୍ୟାଚ୍ଗୁଡ଼ିକ ପୂର୍ବ ବୁଝାମଣା ଅନୁସାରେ ଦୁବାଇରେ ଖେଳିଥିଲା । ଭାରତ ଫାଇନାଲ ଯାଇଥିବାରୁ ଦୁବାଇରେ ହିଁ ଟ୍ରଫି ଟଙ୍କର ହୋଇଥିଲା । ହେଲେ ପୁରସ୍କାର ବିତରଣ ବା ଚାମ୍ପିଅନ୍ସ ଟ୍ରଫିର ଉଦଯାପନୀ ଉତ୍ସବରେ ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ ଷ୍ଟେଜରେ ଉପସ୍ଥିତ ନ ରହିବା ସମସ୍ତଙ୍କୁ ଚିକିତ କରିଛି । ଆଇସିସି ଅଧ୍ୟକ୍ଷ ଜୟ ଶାହ ଚାମ୍ପିଅନ୍ସ ଟ୍ରଫି ଭାରତର ଅଧିନାୟକଙ୍କୁ ଦେଇଥିଲେ । ସେହିପରି ବିସିସିଆଇ ସଭାପତି ରୋଜର ବିନ୍ନି ଚାମ୍ପିଅନ୍ସ ଟ୍ରଫିର ସ୍ୱତନ୍ତ୍ର ଜ୍ୟାକେଟ ଖେଳାଳିଙ୍କୁ ପିନ୍ଧାଇଥିଲେ । ନ୍ୟୁଜିଲାଣ୍ଡ କ୍ରକେଟର ନିର୍ଦ୍ଦେଶକ ରୋଜର ଟୁସେ ଓ ବିସିସିଆଇ ସମ୍ପାଦକ ଦେବଜିତି ସାଇକା ଅନ୍ୟାନ୍ୟ ମେଡାଲ ଓ ଲୋଗୋ ଷ୍ଟେଜରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଦେଇଥିଲେ । ପାକିସ୍ତାନ ଆୟୋଜନ ଦେଶ ହୋଇଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଏହାର କୌଣସି ପ୍ରତିନିଧି ଉପସ୍ଥିତ ନ ରହିବା ବିବାଦ ସୃଷ୍ଟି କରିଛି । ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ ଷ୍ଟେଜ ଉପରେ ନଥିବାରୁ ପୂର୍ବତନ କ୍ରିକେଟର ଶୋଏବ ଅଖତର ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି । କାହିଁକି ଆୟୋଜନ ରାଷ୍ଟ୍ର ଭାବେ ପାକିସ୍ତାନର କୌଣସି ବୋର୍ଡ ସଦସ୍ୟ ଉଦଯାପନୀ ଉତ୍ସବରେ ଉପସ୍ଥିତ ନଥିଲେ ବୋଲି ସେ ପ୍ରଶ୍ନ କରିବାରୁ ଆଇସିସି ପକ୍ଷରୁ ଏହାର ଜବାବ ଦିଆଯାଇଛି । ଆଇସିସି ମୁଖପାତ୍ରଙ୍କ କହିବା କଥା ଯେ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ପାଇଁ ପିସିବି ଅଧ୍ୟକ୍ଷ ମୋହସିନ ନକବୀ ଉପଲବ୍ଧ ନଥିଲେ ଓ ସେ ଦୁବାଇ ଆସି ନଥିଲେ । ବୁଝାମଣା ଅନୁସାରେ କେବଳ ପଦାଧିକାରୀଙ୍କୁ ଟ୍ରଫି ପ୍ରଦାନ ପାଇଁ ଡକା ଯାଇଥାଏ । ସମାନ କାମ ପାଇଁ ଦୁବାଇରେ ପିସିବିର କୌଣସି ପଦାଧିକାରୀ ଉପସ୍ଥିତ ନଥିଲେ । ସେମାନେ ହେଉଛନ୍ତି ଚାମ୍ପିଅନ୍ସ ଟ୍ରଫିର ଆୟୋଜକ । ତେଣୁ ସେମାନେ ନିଶ୍ଚିତ ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାର ଥିଲା ବୋଲି ଆଇସିସି ମୁଖପାତ୍ର କହିଛନ୍ତି ।

ଅମାପ ସମ୍ପତ୍ତିର ମାଲିକ ରୋହିତ

ନୂଆଦିଲ୍ଲୀ,୧୦।୩ (ଏଜେନ୍ସି): ଭାରତର ଦମଦାର ବିଜୟ ପରେ ରୋହିତ ଶର୍ମାଙ୍କୁ ନେଇ ସବୁଠି ଚର୍ଚ୍ଚା । ବିସିସିଆଇର ଗ୍ରେଡ୍ ଏ ଯୁକ୍ତ ଖେଳାଳି ଅଧିନାୟକ ରୋହିତ ଶର୍ମା ଚୁକ୍ତିନାମା ଅନୁଯାୟୀ ବାର୍ଷିକ ୭ କୋଟି ଟଙ୍କା ବେତନ ପାଆନ୍ତି । ଏହାଛଡା ଗୋଟିଏ ଟେଷ୍ଟ ମ୍ୟାଚ ଖେଳିବା ପାଇଁ ୧୫ ଲକ୍ଷ ଟଙ୍କା, ଦିନିକିଆ ପାଇଁ ୬ ଲକ୍ଷ ଏବଂ ଟି-ଟ୍ୱେଣ୍ଟି ପାଇଁ ୩ ଲକ୍ଷ ଫିସ୍ ମିଳେ । ରୋହିତ ଶର୍ମାଙ୍କ ମୋଟ୍ ସମ୍ପତ୍ତି ୨୧୪ କୋଟି ଟଙ୍କା । ଏହା ବ୍ୟତୀତ ରୋହିତ ଶର୍ମା ଆଇପିଏଲରୁ ୧୬ କୋଟି ଟଙ୍କା ପାଆନ୍ତି । କେବଳ କ୍ରିକେଟ କଥା ଯଦି ଦେଖିବେ ତେବେ ରୋହିତଙ୍କ କ୍ରିକେଟରୁ କେବଳ ଆୟ ବାର୍ଷିକ ପ୍ରାୟ ୨୩ କୋଟି ଟଙ୍କା । ସେହି ଅନୁସାରେ ପ୍ରତି ମାସରେ ତାଙ୍କର ଆୟ ପ୍ରାୟ ୨ କୋଟି ଟଙ୍କା ବୋଲି ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି । ଏହା ଛଡା ରୋହିତ ଅନେକ କମ୍ପାନୀର ବ୍ରାଣ୍ଡ ଆମ୍ବାସଡର, ସେହି ବାବଦକୁ ମଧ୍ୟ କୋଟି କୋଟି ଟଙ୍କା ରୋଜଗାର ହୁଏ । ଏହା ଛଡା ରୋହିତ ନିବେଶ କରିବାକୁ ମଧ୍ୟ ପସନ୍ଦ କରନ୍ତି । ତେଣୁ ପ୍ରାୟ ୯୦ କୋଟି ଟଙ୍କା ସେ ବିଭିନ୍ନ ଫାର୍ମ ଏବଂ ଷ୍ଟାର୍ଟଅପରେ ନିବେଶ କରିଛନ୍ତି । ଯାହାର ରିଟର୍ଣ୍ଣ ମଧ୍ୟ ପାଉଛନ୍ତି । ଏଥିସହ ମୁମ୍ବାଇରେ ସେ ଗୋଟେ କ୍ରିକେଟ୍ ଏକାଡେମୀ ଚଳାଉଛନ୍ତି ଯେଉଁଥିରୁ ବି ରୋଜଗାର ମିଳୁଛି ।

ଆଲିଶାନ ଘର, ଦାମୀ ଗାଡିର ସୌକ ରଖିଛନ୍ତି ରୋହିତ । ମୁମ୍ବାଇରେ ତାଙ୍କର ୩୦ କୋଟି ଟଙ୍କାର ଏକ ଆଲିଶାନ ଘର ଅଛି । ୬୦୦୦ ସ୍କୋୟାର ଫୁଟର ଏହି ଘରେ ରାଜକୀୟ ସାଜସଜ୍ଜା ହୋଇଛି । ତା ସହ ରୋହିତଙ୍କ ପାର୍କିଂସ୍ଥଳରେ ବିଭିନ୍ନ ଦାମୀ କାର ରହିଛି ଯାହାର ଦାମ ୪ରୁ ୫ କୋଟି ଟଙ୍କା ।

ସର୍ବଭାରତୀୟ ଡିଏସ୍ କପ୍ ଫୁଟ୍‌ବଲ୍: ଫାଓ କଟକ ଚାମ୍ପିଅନ

ବୌଦ୍ଧ,୧୦।୩ (ସବ୍ୟୁ): ମାର୍ଚ୍ଚ ୨ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୮ଦିନ ଧରି ଜିଲ୍ଲା ଷ୍ଟାଡିୟମରେ ବୌଦ୍ଧ ଜିଲ୍ଲା ଫୁଟବଲ୍ ଆସୋସିଏସନ ଦ୍ୱାରା ଆୟୋଜିତ ଓ ଏଆଇଏଫଏଫ ନୂଆଦିଲ୍ଲୀ ଓ ଫାଓ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମର୍ଯ୍ୟାଦାଜନକ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଏମ୍‌ଇଜି ସେଣ୍ଟର ବାଙ୍ଗାଲୋର ଓ ଫାଓ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ସରକାରୀ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ନୟାଗଡ ଜିଲ୍ଲା କ୍ରିକେଟ ଆସୋସିଏସନ ସଂପାଦକ ସଂଗ୍ରାମ ଗୁମ୍ାାନସିଂ, କଟକ ଜୟଦୁର୍ଗା କ୍ଲବ ସଂପାଦକ ଅମିତ ବେହେରା, ଡିଏସ କପ୍ ଆବାହକ ଓମପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ ସଭାପତି ଲମ୍ବୋଦର ପୁରୋହିତ, ଉପ-ସଭାପତି ସତ୍ୟପ୍ରକାଶ ଦାଶ, ସଂପାଦକ ଯୁଗଳ କିଶୋର ସାମଲ, ଅତିଥିମାନଙ୍କ ସହିତ ମଞ୍ଚାସୀନ ଥିଲେ । ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିବାବେଳେ ଖେଳର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ୍ ଦେଇପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ଉଭୟ ଗୋଟିଏ ଗୋଟିଏ ଗୋଲ୍‌ଦେଇ ଖେଳକୁ ସମାନ୍ତରରେ ରଖିଥିଲେ । ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଏଥିରେ ୫-୪ ଗୋଲ୍‌ରେ ବାଙ୍ଗାଲୋରକୁ ହରାଇ କଟକ ଚାମ୍ପିଅନ ହୋଇଛି । ମ୍ୟାଚକୁ ମୁଖ୍ୟରେଫରୀ ଭାବେ ଜାତୀୟ ରେଫରୀ ତରୁଣ କୁମାର ବିଶ୍ୱାସ ପରିଚାଳନା କରିଥିବାବେଳେ ଲାଇନରେ ଶଶିକାନ୍ତ ଦାସିଆ ଓ ଶିବଶଙ୍କର ପଣ୍ଡା ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ଅନଗୁଳର ଦିଲ୍ଲିପ ରାଉତ ମ୍ୟାଚ ପରିଚାଳନା କରିଥିବାବେଳେ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ । ଉଭୟ ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ । ଚଂପିଆନ ଦଳ ଫାଓ କଟକକୁ ଟ୍ରଫିସହ ୬୦ହଜାର ଟଙ୍କା ଓ ଉପବିଜେତା ଦଳ ବାଙ୍ଗାଲୋରକୁ ଟ୍ରଫିସହ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ବେଷ୍ଟ ଗୋଲକିପର ଭାବେ ବାଙ୍ଗାଲୋରର ଗୋକୁଳ, ବେଷ୍ଟ ଡିଫେନସ କଟକର ହରିଶଙ୍କର ନାଏକ ପୁରସ୍କୃତ ହୋଇଥିବାବେଳେ ମ୍ୟାନ ଅଫ ଦି ଫାଇନାଲ ବାଙ୍ଗାଲୋରର ଅଭିନବ ଓ ପ୍ଲେୟାର ଅଫ୍ ଦି ମ୍ୟାଚ ଭାବେ କଟକ ଦଳର ସୁମିତ ମହାନ୍ତି ପୁରସ୍କୃତ ହୋଇଥିଲେ । ମ୍ୟାଚକୁ ଦେଖିବାପାଇଁ ବୌଦ୍ଧ, ପଡୋଶୀ ଜିଲ୍ଲା ତଥା ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଦର୍ଶକ ଯୋଗଦେଇ ଖେଳକୁ ଉପଭୋଗ କରିଥିଲେ ।

ରୋହିତଙ୍କୁ କୋଳେଇ ନେଲେ ଅନୁଷ୍କା

ଦୁବାଇ,୧୦।୩ (ଏଜେନ୍ସି): ଭାରତର ବଡ ବିଜୟ ପରେ ପଡିଆରେ ରୋହିତ ଶର୍ମାଙ୍କୁ କୋଳେଇ ନେଇ ଅଭିନନ୍ଦନ ଜଣାଇଛନ୍ତି ବିରାଟ କୋହଲିଙ୍କ ପତ୍ନୀ ଅନୁଷ୍କା ଶର୍ମା । ଏହି ସମୟରେ ପାଖରେ ରୋହିତଙ୍କ ପତ୍ନୀ ରିତିକା ମଧ୍ୟ ଥିଲେ । ରୋହିତ ନିଜ ପତ୍ନୀଙ୍କ କଥାରେ ଖୁସି ମନାଉଥିବା ବେଳେ ଅନୁଷ୍କା ଆସି ତାଙ୍କୁ କୋଳେଇ ନେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ସେହି ମୁହୂର୍ତ୍ତର ଭିଡିଓ ଭାଇରାଲ ହେଉଛି । ଖାଲି ରୋହିତଙ୍କୁ ନୁହେଁ ବିଜୟ ପରେ କୋହଲିଙ୍କୁ ଆଲିଙ୍ଗନ କରି ବିଜୟର



ଶୁଭେଚ୍ଛା ଜଣାଇଛନ୍ତି ନିଜ ପତ୍ନୀ ଅନୁଷ୍କା ଶର୍ମା । ଏଥିସହ କୋହଲି ସାଙ୍ଗରେ ହସଖୁସି କରୁଥିବା ଭିଡିଓ ମଧ୍ୟ ଭାଇରାଲ ହେଉଛି ।

ରାଜ୍ୟସ୍ତରୀୟ ଡବଲ୍ସ ବ୍ୟାଡ଼ମିଣ୍ଟନ

ଅନୁଗୋଳର ତନ୍ମୟ ଏଣ୍ଡ ପାର୍ଟନର ଚାମ୍ପିଅନ୍

ଆଗରପଡ଼ା,୧୦।୩ (ସବ୍ୟୁ): ଆଗରପଡ଼ା ସ୍ଥିତ ଇଲେଭେନଷ୍ଟାର କ୍ଲବର ଅନୁଷ୍ଠିତ ୩୪ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ଖେଳରେ ଭୁବନେଶ୍ୱରର ଚନ୍ଦୁ ଏଣ୍ଡ ପାର୍ଟନରଙ୍କୁ ହରାଇ ଅନୁଗୋଳର ତନ୍ମୟ ଏଣ୍ଡ ପାର୍ଟନର ଚାମ୍ପିଅନ୍ ହୋଇଛନ୍ତି । ସେହିପରି ଜିଲ୍ଲାସ୍ତରୀୟ ମ୍ୟାଚ ଟି ବିକାଶ ଏଣ୍ଡ ପାର୍ଟନର ଓ ଗୋବିନ୍ଦ ଏଣ୍ଡ ପାର୍ଟନର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିକାଶ ଏଣ୍ଡ ପାର୍ଟନର ଗୋବିନ୍ଦ ଏଣ୍ଡ ପାର୍ଟନରକୁ ଲଗାତାର ଭାବେ ୧୫-୧୨ ଓ ୧୫-୮ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ସେହିପରି ସବ ଯୁନିୟର ମ୍ୟାଚରେ ଆୟୁଷ ଏଣ୍ଡ ପାର୍ଟନରକୁ ହରାଇ ଚିକୁ ଏଣ୍ଡ ପାର୍ଟନର ଚାମ୍ପିଅନ ହୋଇଥିଲେ । ୨ଦିନ ଧରି ଚାଲିଥିବା ଏହି ମ୍ୟାଚରେ କ୍ଲବର ସଭ୍ୟ ଯଶୋବନ୍ତ ସିଂହ, ବିନୋଦ ମାଝୀ ଓ ଗୋବିନ୍ଦା ସିଂହ ପରିଚାଳନା କରିଥିବାବେଳେ ଟ୍ରପିକାଲ ଆଗ୍ରୋର ପ୍ରତିନିଧି ପ୍ରଭୁପାଦ ସିଂହ, ମହେଶ ପତି ଓ ହରିଶ ପୃଷ୍ଟି ସ୍କୋର ବୋର୍ଡ କାର୍ଯ୍ୟ ତୁଲାଇ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱର, ପୁରୀ, କେନ୍ଦ୍ରପଡ଼ା, ଯାଜପୁର, କେନ୍ଦୁଝର, ଅନୁଗୋଳ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସାଇଁ, ପୂର୍ବତନ ସରପଞ୍ଚ ସତ୍ୟବାନ ଦାସ, ରବିନାରାୟଣ ମହାନ୍ତି ଯୋଗଦେଇ ସମସ୍ତ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । କ୍ଲବର ସମ୍ପାଦକ ତାପସ ରାୟ ଉକ୍ତ ପୁରସ୍କାର ବିତରଣ ସଭାରେ ସଭାପତିତ୍ୱ କରିଥିବାବେଳେ ତନ୍ମୟ ସିଂହ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକୁ କ୍ଲବର ସଦସ୍ୟ ଉଦୀପ୍ତ ରାୟ, ଉତ୍ତମ ପଣ୍ଡା, ପ୍ରଦ୍ୟୁମ୍ନ ପୁହାଣ, ଦିପକ ମହାପାତ୍ର, ରବିନ୍ଦ୍ର ବେହେରା, ଗୟାଧର ପତି, ଟୁଟୁ ମଲ୍ଲିକ, ଅଶୋକ ପାଣିଗ୍ରହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଭଲିବଲ ପ୍ରତିଯୋଗିତା: ମା ଶୀତଳା ଚାମ୍ପିଅନ

ବାସୁଦେବପୁର,୧୦।୩ (ସବ୍ୟୁ): ବାସୁଦେବପୁର ବ୍ଲକର ଉପକୂଳ ଅଞ୍ଚଳର ପୋଲିସ ଓ ଜନସାଧାରଣଙ୍କ. ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଆରକ୍ଷୀ ବିଭାଗ ପକ୍ଷରୁ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁର ବ୍ଲକର କସିଆ ସାମୁଦ୍ରିକ ପୋଲିସ ପକ୍ଷରୁ କସିଆ ଗଙ୍ଗାମାତା ପଡିଆରେ ଏକ ଦିନିକିଆ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆୟୋଜିତ ପ୍ରତିଯୋଗିତାର ମା ଶୀତଳା ଭଲିବଲ ଟୀମ, ମା ମନସା ଭଲିବଲ ଟୀମ ଓ ମା ଗଙ୍ଗାମାତା ଭଲିବଲ ଟୀମ ଅଂଶ ଗ୍ରହଣ କରିଥିଲେ । ଲିଗ୍ ମ୍ୟାଚରେ ମା ମନସା ବାଦ ପଡିବା ପରେ ମା ଗଙ୍ଗାମାତା ଓ ମା ଶୀତଳା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କ୍ରମାଗତ ଭାବେ ମା ଶୀତଳା ଦୁଇଟି ମ୍ୟାଚ ବିଜୟ ଲାଭ କରି ଚାମ୍ପିଅନ ହୋଇଛି । ଆୟୋଜିତ ସଭାର କସିଆ ଆଇଆଇସି ସାବିତ୍ରୀ ପଣ୍ଡା ସଭାପତିତ୍ୱ କରିଥିଲେ । ସାନକୃଷ୍ଣପୁର ସରପଞ୍ଚ ସସ୍ମିତା ନାୟକ, ବିନୋବାଭାବେନଗର ସରପଞ୍ଚ ଆଦିତ୍ୟ ଗିରି, ମତ୍ସ୍ୟଜୀବୀ ସଂଘର ସମ୍ପାଦକ ଝଣ୍ଟୁ ମଣ୍ଡଳ, ସଭାପତି ତପନ କୁମାର ରାୟ, ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇ ଥିଲେ । ପ୍ରତିଯୋଗିତାର ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ଉପକୂଳ ଅଞ୍ଚଳରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ମଧୁର ସମ୍ପର୍କ ଗଢି ଉଠିବ ସରକାରଙ୍କ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଚାମ୍ପିଅନ ଦଳ ମା ଶୀତଳା ଦଳର ଖେଳାଳୀଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ । ଦିବାକର ମଣ୍ଡଳ ରେଫେରୀ ଥିବା ବେଳେ ଏଏସ୍‌ଆଇ ସେବତୀ କର ଓ କନେଷ୍ଟବଳ ରମେଶ ନାୟକ ଖେଳ ପରିଚାଳନା କରିଥିଲେ ।

ରାଜ୍ୟସ୍ତରୀୟ ଭାପୁର କପ ଫୁଟବଲ: ଡିଫା ଚମ୍ପିଅନ

ଭାପୁର,୧୦।୩ (ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ର ସଙ୍କଳ୍ପ ୟୁଥ କ୍ଲବ ଭାପୁର ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଭାପୁର କପ ଫୁଟବଲ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ହୋଇଯାଇଛି । ଏଥିରେ ରାଜ୍ୟର ବଛାବଛା ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ରବିବାର ଦିନ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଯାଜପୁର ଜିଲ୍ଲା ଧର୍ମଶାଳା ଅଞ୍ଚଳର ପ୍ରତିଷ୍ଠିତ ଫୁଟବଲ ଟିମ ଡିଫା ରାଜ୍ୟସ୍ତରୀୟ ଭାପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି । ଆସୋସିଏସନ ଏଥିରେ ଅଂଶ ଗ୍ରହଣ କରି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ୧-୦ ଗୋଲରେ ମାମଙ୍ଗଳ କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାନାଲ ମ୍ୟାଚରେ ଖୋଦ୍ଧାର ଜୟଦୁର୍ଗା କ୍ଲବକୁ ୨-୦ରେ ପରାସ୍ତ କରି ସେମିଫାଇନାଲ ମ୍ୟାଚରେ ପ୍ରବେଶ କରିଥିଲା । ସେମିଫାଇନାଲ ମ୍ୟାଚରେ ବଜରଙ୍ଗୀ କ୍ଲବ ଭୁବନେଶ୍ୱରକୁ ୧-୦ ଗୋଲରେ ପରାସ୍ତ କରି ଧର୍ମଶାଳା ଡିଫା କ୍ଲବ ଫାଇନାଲ ମ୍ୟାଚରେ ପ୍ରବେଶ କରିଥିବା ବେଳେ

ଅନୁଷ୍ଠିତ ଫାଇନାଲ ମ୍ୟାଚରେ କଟକର ମାମଙ୍ଗଳା କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା ଏହି ଫାଇନାଲ ମ୍ୟାଚରେ ଅତିଥି ଭାବେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ,ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ,ମଧୁସୂଦନ ରଥ, ଶ୍ରୁତ୍ରଘ୍ନ ପଣ୍ଡା,ଡ.ପ୍ରଦୀପ୍ତ କୁମାର ପୀକରାୟ, ବରିଷ୍ଠ ଫୁଟବଲ ଖେଳାଳି ଭୀକାରି ଖଣ୍ଡାୟତ, ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ମହାରଣା, ସାମ୍ବାଦିକ ବିଭୁତି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଶ୍ରେଷ୍ଠ ଗୋଲକିପର ଭାବେ ଧର୍ମଶାଳାର ଅନୁପମ ଓ ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା କ୍ଲବର ଗଣେଶ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୁଚ୍ଛକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra M